୬ ପ୍ରଥମ ଟେଷ୍ଟ : ବ୍ୟାକ୍‌ଫୁଟରେ ଟିମ୍ ଇଣ୍ଡିଆ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୨୫୯ ● ୧୮ ଅକ୍ଟୋବର ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-259 ● 18th October 2024, Friday ● Bhubaneswar
Licensed to post without pre-payment of postage No- BN-60/22-24

## ‘ନୂଆ ପାକିସ୍ତାନ’ ପାଲଟିଛି କାନାଡା: ଭାରତ ସହ କୂଟନୈତିକ ସମ୍ପର୍କରେ ଅବନତି

**ନୂଆଦିଲ୍ଲୀ, ୧୭।୧୦**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ କ୍ଷମତାକୁ ଆସିଲେ ଏକ ନୂତନ ପାକିସ୍ତାନ ଗଠନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ନେତୃତ୍ୱରେ କାନାଡା ଭାରତ ପାଇଁ ଏକ ‘ନୂଆ ପାକିସ୍ତାନ’ ପାଲଟିଛି। ଏହାର କାରଣ ହେଉଛି କାନାଡା ପାକିସ୍ତାନ ଭଳି ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ଯୋଗୁ ଭାରତ ସହିତ କୂଟନୈତିକ ବିବାଦ ସୃଷ୍ଟି ହୋଇଛି । ଦୁଇଦେଶ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି ।

ଯେତେବେଳେ କାନାଡା ଭାରତକୁ ଖାଲିସ୍ତାନୀ ଆତଙ୍କବାଦୀ ହାର୍ଦ୍ଦିକ ସିଂ ନିଜାରଙ୍କ ହତ୍ୟାରେ ସମ୍ପୃକ୍ତ ବୋଲି ଅଭିହିତ କରିଥିଲେ। ଜୁନ ୨୦୨୩ରେ କାନାଡାର ସୁରେର ଏକ ଗୁରୁଦ୍ୱାରର ପାର୍କିଂ ସ୍ଥାନରେ ନିଜାରଙ୍କୁ ଗୁଳି କରି ହତ୍ୟା



କରାଯାଇଥିଲା। ଏହା ପରେ କାନାଡା ସରକାର ଠୋସ ପ୍ରମାଣ ବିନା ଭାରତ ବିରୋଧରେ ଅଭିଯୋଗ ଆଣିଥିଲେ।

କାନାଡାର ମନ୍ତବ୍ୟ ନେଇ ଭାରତ ବାରମ୍ବାର ଠୋସ ପ୍ରମାଣ ଦାବି କରିଥିଲା। କିନ୍ତୁ ଅଭିଯୋଗ ବଦଳରେ କାନାଡା ଭାରତ ବିରୁଦ୍ଧରେ ନିଜର ଆଭିମୁଖ୍ୟ ଜାରି ରଖିଥିଲା। ନିକଟରେ କାନାଡା ଭାରତୀୟ ହାଇ କମିଶନର ସଞ୍ଜୟ କୁମାର ବର୍ମାଙ୍କ ଉପରେ ଦୋଷାରୋପ କରିଥିଲା। ଏହାର ଜବାବରେ ଭାରତ ନିଜର ରାଷ୍ଟ୍ରଦୂତଙ୍କୁ ଫେରାଇ ଆଣିବା ସହିତ ୬ଜଣ କାନାଡୀୟ କୂଟନୀତିଜ୍ଞଙ୍କୁ ବହିଷ୍କାର କରିଥିଲା।

‘ନୂତନ ପାକିସ୍ଥାନ’ ଭାବରେ କାନାଡାର ଆବିର୍ଭାବ ହୋଇଥିବା ନେଇ ଅନେକ ବିଶେଷଜ୍ଞ ଏହି ପ୍ରସଙ୍ଗରେ ନିଜର ପ୍ରତିକ୍ରିୟା ଦେଇଛନ୍ତି । ଅବଜରଭର ରିସର୍ଚ୍ଚ ଫାଉଣ୍ଡେସନର ବରିଷ୍ଠ ସହକର୍ମୀ ସୁଶାନ୍ତ ସରିନ କହିଛନ୍ତି ଯେ ଭାରତ ପାଇଁ କାନାଡା ନୂଆ ପାକିସ୍ତାନ ପାଲଟିଛି।

ସରିନଙ୍କ ଏହି ବିବୃତି ପାକିସ୍ତାନ ଭଳି କାନାଡା ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ସହ କୂଟନୈତିକ ବିବାଦର ଏକ ଅଂଶ ପାଲଟିଛି ବୋଲି ସ୍ପଷ୍ଟ କରିଛି । ସେହିଭଳି ବର୍ତ୍ତମାନ କାନାଡା ମଧ୍ୟ ଭାରତ ବିରୋଧୀ ଉପାଦାନଗୁଡ଼ିକୁ ଆଶ୍ରୟ ଦେଉଛି।

ମାଇକେଲ କୁଲମାନ, ଅଭିଜିତ ଆୟର ମିତ୍ର ଏବଂ ଅମିଷ ତ୍ରିପାଠୀଙ୍କ ପରି ଲୋକମାନେ ମଧ୍ୟ ଜଷ୍ଟିନ ଟ୍ରୁଡୋଙ୍କ ନେତୃତ୍ୱରେ କାନାଡା ନୂଆ ପାକିସ୍ତାନ ହୋଇପାରିଛି ବୋଲି ନିଶ୍ଚିତ କରିଛନ୍ତି। କୁଲମାନ କହିଛନ୍ତି ଯେ ବର୍ତ୍ତମାନ ପାକିସ୍ତାନ ତୁଳନାରେ କାନାଡା ସହ ଭାରତର କୂଟନୈତିକ ସମ୍ପର୍କ ଅଧିକ ଖରାପ ରହିଛି।

## ନାଗରିକତା ନିୟମର ଧାରା ୬(କ) କୁ ବୈଧ ଘୋଷଣା କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୭।୧୦**

ନାଗରିକତା ନିୟମର ଧାରା ୬(କ)କୁ ସୁପ୍ରିମ୍‌କୋର୍ଟ ବୈଧ ଘୋଷଣା କରିଛନ୍ତି। ଜଷ୍ଟିସ ଡିୱାଇ ଚନ୍ଦ୍ରଚୁଡ଼ଙ୍କର କହିବା କଥା ହେଲା ୬(କ) ସେହି ଲୋକମାନଙ୍କୁ ନାଗରିକତା ପ୍ରଦାନ କରୁଛି ଯେଉଁମାନେ ସାମ୍ବିଧାନିକ ପ୍ରାବଧାନ ଅନ୍ତର୍ଗତ ନୁହନ୍ତି।

ସୁପ୍ରିମକୋର୍ଟର ଏକ ପାଞ୍ଚ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ୪:୧ ବହୁମତ ଆଧାରରେ ଏହି ନିଷ୍ପତ୍ତି ନେଇଛନ୍ତି । ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୁଡ଼, ଜଷ୍ଟିସ ସୂର୍ଯ୍ୟକାନ୍ତ, ଏମ୍ଏମ ସୁନ୍ଦ୍ରେଶ, ଜେବି ପାର୍ଦ୍ଦିୱାଲ ଏବଂ ମନୋଜ ମିଶ୍ରଙ୍କୁ ନେଇ ଏହି ଖଣ୍ଡପୀଠ ଗଠିତ ହୋଇଥିଲା। ଏହି ଖଣ୍ଡପୀଠରେ ୪ ଜଣ ଧାରା ୬(କ)ର ସମର୍ଥନରେ ମତ ରଖିଥିବା ବେଳେ ଜଷ୍ଟିସ ଜେବି ପାର୍ଦ୍ଦିୱାଲ ବିରୋଧରେ ଯାଇଥିଲେ।

ଗତ ବର୍ଷ ଡିସେମ୍ବର ୧୨ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରାମଣି, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ବରିଷ୍ଠ ଆଡଭୋକେଟ ଶ୍ୟାମ ଦିୱାନ୍, କପିଲ ସିବଲ ଏବଂ ଅନ୍ୟମାନଙ୍କ ଦାଖଲ ଶୁଣାଣି ପରେ ରାୟ ସଂରକ୍ଷିତ ରଖିଥିଲେ।



ଏହି ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଯେଉଁ ବାଂଲାଦେଶୀମାନେ ଜାନୁଆରୀ ୧୯୬୬ ମସିହା ଜାନୁଆରୀ ପହିଲାରୁ ନେଇ ୧୯୭୧ ମସିହା ୨୫ ତାରିଖ ପୂର୍ବରୁ ଆସାମକୁ ଆସିଥିଲେ ସେମାନେ ଧାରା ୧୮ ଅନୁଯାୟୀ ନିଜର ପଞ୍ଜୀକରଣ କରିବେ। ସେ ସମୟରେ ବାଂଲାଦେଶୀମାନଙ୍କୁ ନାଗରିକତା ପ୍ରଦାନ ପାଇଁ ୧୯୭୧ ମସିହା ମାର୍ଚ୍ଚ ୨୫କୁ ଶେଷ ତାରିଖ ଘୋଷଣା କରାଯାଇଥିଲା।

ତେବେ ଗୁରୁବାର ସର୍ବୋଚ୍ଚ ନ୍ୟାୟାଳୟ ଏହା ଶୁଣାଣି କରିଛନ୍ତି ଯେ ଧାରା ୬(କ) ସେହି ଲୋକମାନଙ୍କୁ ନାଗରିକତା ପ୍ରଦାନ କରିବ ଯେଉଁମାନେ କି ୧୯୬୬ ମସିହା ଜାନୁଆରୀ ପହିଲା ପୂର୍ବରୁ ପ୍ରବାସିତ ହୋଇଥିଲେ ଏହିପ୍ରକାର ଏହା ସେହି ଲୋକମାନଙ୍କୁ ନାଗରିକତା ପ୍ରଦାନ କରିବ ଯେଉଁମାନେ ଅନୁଚ୍ଛେଦ ୬ ଓ ୭ ଅଧୀନରେ ନାହାନ୍ତି।

## ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ସଞ୍ଜୀବ ଖାନ୍ନାଙ୍କ ନାମ ସୁପାରିସ କଲେ ଡିୱାଇ ଚନ୍ଦ୍ରଚୁଡ଼



**ନୂଆଦିଲ୍ଲୀ, ୧୭।୧୦**

ଭାରତର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ କାର୍ଯ୍ୟକାଳ ସରି ଆସୁଥିବା ହେତୁ ସେ ସୁପ୍ରିମ୍‌କୋର୍ଟର ଆନୁଷ୍ଠାନିକ ଭାବେ ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ବରିଷ୍ଠ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କ ନାମ ସୁପାରିସ କରିଛନ୍ତି ।

ନାମାଙ୍କନ ପ୍ରଥା ଅନୁଯାୟୀ କାର୍ଯ୍ୟକାଳରେ ଥିବା ପ୍ରଧାନ ବିଚାରପତି ଅନ୍ୟ ଜଣଙ୍କ ନାମ ସୁପାରିସ କରନ୍ତି । କେନ୍ଦ୍ର ସରକାରଙ୍କ ଅନୁମୋଦନ ଦେବା ପରେ ଶୀର୍ଷ ପଦ ପାଇଁ ଜଣେ ବରିଷ୍ଠ ବିଚାରପତି ନିଯୁକ୍ତ ହୁଅନ୍ତି।

ପ୍ରଧାନ ବିଚାରପତି ଭାବରେ ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ କାର୍ଯ୍ୟକାଳ ୨୦୨୨ ମସିହା ନଭେମ୍ବର ୯ ତାରିଖରେ ଆରମ୍ଭ ହୋଇଥିଲା। ସମ୍ବିଧାନ ଅନୁଯାୟୀ ସୁପ୍ରିମକୋର୍ଟର ବିଚାରପତିମାନେ ୬୫ ବର୍ଷ ବୟସରେ ଅବସର ନେଇଥାନ୍ତି। ତାଙ୍କର କାର୍ଯ୍ୟକାଳ ଆଗାମୀ ନଭେମ୍ବର ମାସରେ ସରିବାକୁ ଯାଉଛି।

ଜଷ୍ଟିସ ସଞ୍ଜୀବ ଖାନ୍ନା ୧୯୮୩ ମସିହାରେ ଦିଲ୍ଲୀର ବାର କାଉନସିଲରେ ଆଡଭୋକେଟ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଅନାବଶ୍ୟକ ଖର୍ଚ୍ଚ କଲେ ନାହିଁ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭।୧୦**
**ନ୍ୟୁଜ୍ ବ୍ୟୁରୋ**

ଲୋକଙ୍କ ସରକାରର ନେତୃତ୍ୱ କଥା କହୁଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାସ୍ତବରେ ସେ ଲୋକଙ୍କ ନେତା ବୋଲି ପ୍ରମାଣ କରି ଦେଖାଇଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଭୟ ଘରୋଇ କିମ୍ବା ଚାର୍ଟାର୍ଡ ବିମାନରେ ଚଣ୍ଡୀଗଡ଼ ଯାତ୍ରା କରିବା ପରିବର୍ତ୍ତେ ଦୈନିକ ଚଳାଚଳ କରୁଥିବା ବିମାନରେ ଯାତ୍ରା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିଷ୍ପତ୍ତିକୁ ସାଧାରଣ ଜନତା ଉଚ୍ଚ ପ୍ରଶଂସା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ତାଙ୍କ ପତ୍ନୀ ଡା ପ୍ରିୟଙ୍କା ମାରାଣ୍ଡିଙ୍କ ୩ ଦିନିଆ ହରିୟାଣା ଓ ମହାରାଷ୍ଟ୍ର ଗସ୍ତ ପାଇଁ ଦୁଇଟି ସ୍ୱତନ୍ତ୍ର ବିମାନ ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ସେ ଦୈନିକ ଚଳାଚଳ କରୁଥିବା ବିମାନରେ ଯାତ୍ରା କରିବାକୁ



ପସନ୍ଦ କରିଥିଲେ।

ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଯାତ୍ରା ପାଇଁ ଏକ ଲେଗାସି ୬୫୦ ଚାର୍ଟର ବିମାନ ବୁକ ହୋଇଥିଲା, ଯେଉଁଥିରେ ତିନି ଦିନ ପାଇଁ ୯୧.୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାନ୍ତା। ୭୮.୫୫ ଲକ୍ଷ ଟଙ୍କା ମୂଲ୍ୟର ଫାଲକନ ୨୦୦ ଚାର୍ଟର ବିମାନ ପାଇଁ ମଧ୍ୟ ପ୍ରସ୍ତାବ ଥିଲା। ତେବେ ଚାର୍ଟାର୍ଡ ବିମାନର ଭଡ଼ା ଖର୍ଚ୍ଚ ଅଧିକ ଥିବାରୁ ଅନାବଶ୍ୟକ ଖର୍ଚ୍ଚକୁ ଏଡ଼ାଇବା ଏବଂ ଜନସାଧାରଣଙ୍କ ଟଙ୍କା ସଞ୍ଚୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦୈନିକ ଚଳାଚଳ କରୁଥିବା ବିମାନରେ ସାଧାରଣ ଯାତ୍ରୀଙ୍କ ପରି ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ। ଯେତେବେଳେ ପୂର୍ବ ସରକାର ଅମଳରେ ପ୍ରଶାସନିକ ଅଧିକାରୀରୁ ରାଜନେତା ପାଲଟିଥିବା ଜଣେ ପ୍ରଶାସନିକ ଅଧିକାରୀ ହେଲିକପ୍ଟର ଯୋଗେ ଜିଲ୍ଲା ଗସ୍ତରେ ଯାଇ ଜନସାଧାରଣଙ୍କ ଅର୍ଥ ଖର୍ଚ୍ଚ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢୋକ୍ତି ପ୍ରକାଶ କରି ଆସୁଛନ୍ତି ଯେ ସେ ଏକ ଜନ ସରକାରର ନେତୃତ୍ୱ ନେଉଛନ୍ତି ଏବଂ ଜନସାଧାରଣଙ୍କ ଅର୍ଥ ଖର୍ଚ୍ଚ କରି ବ୍ୟୟବହୁଳ ଜୀବନ ବିତାଇବା ସପକ୍ଷରେ ନାହାନ୍ତି।

## ଗୁଆଘିଅରେ ମହାପ୍ରସାଦ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମହାସୁଆର ସେବାୟତ ନିଯୋଗ

**ପୁରୀ, ୧୭।୧୦ : ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀମନ୍ଦିରରେ ବ୍ୟବସ୍ଥାକୁ ଅଧିକ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନିଆଯାଉଛି । ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲାଯିବା, ରତ୍ନଭଣ୍ଡାର ଖୋଲାଯିବା ପରେ ଏବେ ମହାପ୍ରସାଦର ପ୍ରସ୍ତୁତି କେବଳ ଖାଣ୍ଟି ଦେଶୀ ଗୁଆଘିଅରେ କରାଯିବାକୁ ଦାବି ହୋଇଛି । ଏନେଇ ସୁଆର ସେବାୟତ ସଂଘ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି। ଏଥି ସହିତ ଏକ ଗୋ-ଶାଳାର ପ୍ରତିଷ୍ଠା ପାଇଁ ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଛି।

ଚିଠିରେ ସୁଆର ସେବାୟତ ସଂଘ କହିଛି ଯେ, ଓମଫେଡ ଘିଅ ପରିବର୍ତ୍ତେ ଶୁଦ୍ଧ ଦେଶୀ ଗୁଆଘିଅରେ ମହାପ୍ରସାଦ ପ୍ରସ୍ତୁତ କରାଗଲେ



ବହୁତ ଭଲ ହୋଇପାରିବ। ଶୁଦ୍ଧ ଦେଶୀ ଗାଇ ଘିଅ, କ୍ଷୀର, ଲହୁଣୀ ଓ ଦହିର ଉତ୍ପାଦନ ଲାଗି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମହାପ୍ରଭୁଙ୍କ ଅମୃତମଣୋହୀ ଜମିରେ ଏକ ଗାଇ ଫାର୍ମ ପ୍ରତିଷ୍ଠା କରାଯାଇପାରିବ। ମହାପ୍ରଭୁଙ୍କ ନାମରେ ଗଚ୍ଛିତ ରହିଥିବା ଅର୍ଥରେ ଗୋ-ଶାଳା ବା ଡାଏରୀ ଫାର୍ମ ପରିଚାଳନା କରିବାକୁ ଚିଠିରେ ଉଲ୍ଲେଖ କରିଛି ସୁଆର ସେବାୟତ।

ଜଗନ୍ନାଥ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପାଖରେ (ପୃଷ୍ଠା ୭ରେ)

## ଆସୁଛି ଘୂର୍ଣ୍ଣିବଳୟ: ବାତ୍ୟାର ସୂଚନା ନାହିଁ

**ଭୁବନେଶ୍ୱର, ୧୭।୧୦**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ୨୨ ତାରିଖରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। କ୍ରମେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ଅଧିକ ଘନୀଭୂତ ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି । ଏହାର ପ୍ରଭାବରେ ୨୩ ଓ ୨୪ ତାରିଖରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି । କିନ୍ତୁ ଏ ନେଇ କୌଣସି ୱାର୍ଣ୍ଣିଂ ଦିଆଯାଇ ନାହିଁ । ଲଘୁଚାପ କ୍ଷେତ୍ର ସୃଷ୍ଟି ପରେ ଚିତ୍ର ଆହୁରି ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ତେବେ ବାତ୍ୟା ନେଇ କୌଣସି ସୂଚନା ନାହିଁ।



ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞ ଡ ଶରତ ସାହୁଙ୍କ ଆକଳନ ଅନୁଯାୟୀ, ଲଘୁଚାପଟି ଅଧିକ ଘନୀଭୂତ ହୋଇ ଆସନ୍ତା ୨୪ ତାରିଖ ବେଳକୁ ଗଭୀର ଅବପାତ କିମ୍ବା ଏକ ଛୋଟ ବାତ୍ୟାର ରୂପ ନେଇପାରେ। ବିଭିନ୍ନ ମଡେଲର ଆକଳନ ଅନୁଯାୟୀ ଏହା ଓଡ଼ିଶା ଉପକୂଳ କିମ୍ବା ପଶ୍ଚିମବଙ୍ଗ କିମ୍ବା ବାଂଲାଦେଶ ମୁହାଁ ହେବାର ସମ୍ଭାବନା ରହିଛି। ତେବେ ଏ ସଂପର୍କରେ ୨୨-୨୩ ବେଳକୁ ସ୍ପଷ୍ଟ ଚିତ୍ର ଆସିବ ବୋଲି ସେ କହିଛନ୍ତି।

ସୂଚନାରୁ ପ୍ରକାଶ, ମୌସୁମୀ ଅପସାରଣ ପରେ ଗତ (ପୃଷ୍ଠା ୭ରେ)

## ଆନ୍ଦୋଳନକୁ ଓହ୍ଲାଇଲେ ଅଣପଞ୍ଜୀକୃତ ହବିଷ୍ୟାଳି

**ପୁରୀ, ୧୭।୧୦**
**ନ୍ୟୁଜ୍ ବ୍ୟୁରୋ**

ଅଣ୍ଟା ସଳଖ ହେଉ ନାହିଁ । ଚାଲିବାକୁ ବି ବଳ ନାହିଁ । ଅନ୍ୟର ସାହାରା ବିନା ପାଦେ ଚାଲିବା ସମ୍ଭବ ନୁହେଁ । ମାତ୍ର ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଅଥୟ କରୁଛି କାଳିଆ ପ୍ରେମ । ପବିତ୍ର କାର୍ତ୍ତିକ ମାସରେ ସବୁଦିନ କାଳିଆକୁ ଦେଖିବାକୁ ରାଜ୍ୟର କୋଣ ଅନୁକୋଣରୁ ପୁରୀକୁ ଧାଇଁ ଆସିଛନ୍ତି ଶହ ଶହ ହବିଷ୍ୟାଳୀ।

ମାତ୍ର ପୁରୀରେ ପାଦ ଦେଉ ଦେଉ ସେମାନଙ୍କୁ ମିଳିଛି ନିରାଶା। ମୁଣ୍ଡ ଗୁଞ୍ଜିବାକୁ ମିଳୁନି ଜାଗା। ଫଳରେ ଅସହ୍ୟ ଖରାରେ ସେମାନେ ରାସ୍ତା ଉପରେ କଳବଳ ହେଉଥିବା ବେଳେ ସେମାନଙ୍କ ଦୁଃଖ କେହି ବୁଝୁ ନ ଥିବା ଅଭିଯୋଗ କରିଛନ୍ତି।

ଏପରି କିଛି ଦୃଶ୍ୟ ଗୁରୁବାର ସକାଳେ ପୁରୀ ବୃନ୍ଦାବନ ଆଶ୍ରମ ସମ୍ମୁଖରେ ଦେଖିବାକୁ



ମିଳିଥିଲା। ପଞ୍ଜୀକୃତ ହୋଇ ପାରି ନ ଥିବା ହବିଷ୍ୟାଳୀ ରହିବାକୁ ଆଶ୍ରୟ ପାଉ ନଥିବା ବେଳେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

କାର୍ତ୍ତିକ ବ୍ରତ ପାଳନ ପାଇଁ ଶ୍ରୀମନ୍ଦିରରେ ଜମିଲାଣି ଭକ୍ତଙ୍କ ଭିଡ଼। ଗୁରୁବାର ପୂର୍ଣ୍ଣିମା ଥିବାରୁ ଶୁକ୍ରବାର କାର୍ତ୍ତିକ ବ୍ରତ ପାଳନ କରିବେ ହବିଷ୍ୟାଳୀ । ଏଥିପାଇଁ ଚଳଞ୍ଚଳ ଶ୍ରୀକ୍ଷେତ୍ର। ଧର୍ମ ମାସରେ ପୁଣ୍ୟ ଅର୍ଜନ କରିବାକୁ ପୁରୀରେ ଲାଗିଛି ହବିଷ୍ୟାଳୀଙ୍କ ଭିଡ।

ମାତ୍ର ଘରେ ନ ପଶୁଣୁ ମୁଣ୍ଡରେ ବାଜିଲାଣି ଚାଳ। ଅର୍ଥାତ କାର୍ତ୍ତିକ ମାସ ଆରମ୍ଭ ନ ହେଉଣୁ ରାସ୍ତାକୁ (ପୃଷ୍ଠା ୭ରେ)

## ୧ କୋଟି ପୁରସ୍କାର ଘୋଷିତ ମହିଳା ମାଓନେତ୍ରୀ ତେଲେଙ୍ଗାନାରୁ ଗିରଫ

**ମାଲକାନଗିରି, ୧୭।୧୦**
**ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ତେଲେଙ୍ଗାନା ପୁଲିସକୁ ମିଳିଛି ବଡ଼ ସଫଳତା। ୧ କୋଟି ପୁରସ୍କାର ଘୋଷିତ କେନ୍ଦ୍ରୀୟ କମିଟିର ସଦସ୍ୟାକୁ ପୁଲିସ ଗିରଫ କରିଛି। ଗୁଇନ୍ଦା ସୂତ୍ରରୁ ଖବର ପାଇ ଭଦ୍ରାଦୀ କୋଥାଗୁଡୁମ ଜିଲ୍ଲା ପୁଲିସ ଏହି ମହିଳା ମାଓବାଦୀକୁ ଗିରଫ କରିବାରେ ସଫଳ ହୋଇଛି । ଗୁଇନ୍ଦା ସୂତ୍ରରୁ ଖବର ମିଳିଥିଲା ଯେ ହାଇଦ୍ରାବାଦର ମେହବୁବ ନଗରରେ କେନ୍ଦ୍ରୀୟ କମିଟିର ଜଣେ ଆଗଧାଡିର ମହିଳା ନେତ୍ରୀ ବସଷ୍ଟାଣ୍ଡରେ ଠିଆ ହୋଇଛନ୍ତି । ଏହା ଶୁଣିବା ପରେ ତୁରନ୍ତ ପୁଲିସ ତତ୍ପରତା ଦେଖାଇ ବସଷ୍ଟାଣ୍ଡକୁ ଘେରି ସୁଜାତାକୁ ଗିରଫ କରିଥିଲା।

ସୁଜାତା ଓରଫ କଳ୍ପନା ଦୀର୍ଘ ବର୍ଷ ଧରି ଛତିଶଗଡ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ ଏବଂ ପଶ୍ଚିମବଙ୍ଗରେ (ପୃଷ୍ଠା ୭ରେ)

## ଏକାଳ ପଖାଳ



ବିନାଶକାଳେ ବିପରୀତ ବୁଦ୍ଧି
ଏବେ ବାହାସ୍ଫୋଟ ଏତେ
ସତେ କିବା ଦଳ ତିଷ୍ଠି ପାରିବ
ଯିଏ ପଳେଇବେ ଯେତେ
ବାହାଦୁରୀ ମାରୁଥାଅ କେତେ
କର୍ପୂର ଉଡିକି କନା ପଡିଅଛି
ମନମାନୁ ନାହିଁ ସତେ।

## ବ୍ୟକ୍ତିଗତ ଭାବେ ଡକ୍ଟରେଟ୍ ହାସଲ କ୍ଷେତ୍ରରେ ଡ. ଅଚ୍ୟୁତ ସାମନ୍ତ ବିଶ୍ୱରେ ନମ୍ବର ୱାନ୍



**ଭୁବନେଶ୍ୱର, ୧୭।୧୦ : ନ୍ୟୁଜ୍ ବ୍ୟୁରୋ**

ବ୍ୟକ୍ତିଗତ ଭାବରେ ଅନରାରି ଡକ୍ଟରେଟ୍ ଡିଗ୍ରୀ ହାସଲ କ୍ଷେତ୍ରରେ ଡ. ଅଚ୍ୟୁତ ସାମନ୍ତ ବିଶ୍ୱରେ ଅଗ୍ରଣୀ ସ୍ଥାନ ଅଧିକାର କରିଥିବା ଜଣାପଡିଛି। ଏପରିକି ଡ. ସାମନ୍ତ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଏପିଜେ ଅବଦୁଲ କାଲାମଙ୍କ ବ୍ୟକ୍ତିଗତ ଡକ୍ଟରେଟ୍ ଡିଗ୍ରୀ ହାସଲ ଠାରୁ ଯଥେଷ୍ଟ ଅଧିକ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିବା ଏହି ସୂତ୍ରରୁ ପ୍ରକାଶ।

ଜଣାଯାଇଛି ଯେ, କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କେବଳ ଭାରତ ବର୍ଷ ନୁହେଁ ବରଂ ସମଗ୍ର ବିଶ୍ୱରେ ଜଣେ ସମ୍ମାନସ୍ପଦ ଶିକ୍ଷାବିତ୍ ଭାବରେ ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ଧରି ନିଜକୁ ପ୍ରତିଷ୍ଠିତ କରାଇ ପାରିଛନ୍ତି। କିଟ୍, କିସ୍ ଓ କିମ୍ସ ଶିକ୍ଷାନୁଷ୍ଠାନ ଜରିଆରେ ସମଗ୍ର ଭାରତ ଓ ଭାରତ ବାହାରେ ହଜାର ହଜାର ଛାତ୍ର ସୃଷ୍ଟି କରିବା ସହିତ ସେମାନଙ୍କୁ ଉଚିତ୍ ଦିଗ୍‌ଦର୍ଶନ ଦେଇ ବିଭିନ୍ନ କ୍ଷେତ୍ରରେ ଚାକିରି ସୁବିଧା ସହିତ ସେମାନଙ୍କୁ ସମାଜରେ ପ୍ରତିଷ୍ଠିତ କରାଇବାରେ ଡକ୍ଟର ସାମନ୍ତ ନିଜକୁ ସଂପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ କରିଛନ୍ତି। ଏକ ସରଳ ତଥା ନିରଳସ ଜୀବନଯାପନ ମାଧ୍ୟମରେ ସମଗ୍ର ବିଶ୍ୱକୁ ‘ଆର୍ଟ ଅଫ୍ ଗିଭିଂ’ର ବାର୍ତ୍ତା ଦେଇ ସେ ଏକ ନଜିର ସୃଷ୍ଟି କରିଛନ୍ତି। ଶାନ୍ତିର ଦୂତ ଭାବରେ ଏହି ଯୋଗଜନ୍ମା ଚରିତ୍ର ସମସ୍ତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ବିଭିନ୍ନ ରାଷ୍ଟ୍ରରୁ ଏପର୍ଯ୍ୟନ୍ତ ଡକ୍ଟର ସାମନ୍ତ ସରକାରୀ ଭାବରେ ୬୦ଟି ଡକ୍ଟରେଟ୍ ଡିଗ୍ରୀ ହାସଲ କରିଛନ୍ତି। ଡକ୍ଟର ଏପିଜେ ଅବଦୁଲ କାଲାମ ସମୁଦାୟ ୪୮ଟି ଡକ୍ଟରେଟ୍ ଡିଗ୍ରୀ ହାସଲ କରିପାରିଥିଲେ। ‘ମେଟା ଏଆଇ’ ସୂତ୍ର ଅନୁଯାୟୀ ଗିନିସ୍ ୱାର୍ଲ୍ଡ ରେକର୍ଡରେ ଉଲ୍ଲେଖ କରାଯାଇଛି ଯେ, ଡକ୍ଟର ସାମନ୍ତ ୨୦୨୨ ସୁଦ୍ଧା ବ୍ୟକ୍ତିଗତ ଭାବରେ (ପୃଷ୍ଠା ୭ରେ)

## ବାଘଶୂନ୍ୟ ସାତକୋଶିଆରେ ବୁଲିବେ ମହାବଳ

### ୫ ବର୍ଷରେ ଆସିବେ ୧୪ ବାଘ

**ଭୁବନେଶ୍ୱର, ୧୭।୧୦**
**ନ୍ୟୁଜ୍ ବ୍ୟୁରୋ**

ବାଘଶୂନ୍ୟ ହୋଇପଡ଼ିଥିବା ସାତକୋଶିଆ ଅଭୟାରଣ୍ୟରେ ଖୁବ ଶୀଘ୍ର ବିଚରଣ କରିବେ ମହାବଳ ବାଘ । ଖୁବ ଶୀଘ୍ର ସାତକୋଶିଆକୁ ଆସିବେ ୧୨ରୁ ୧୪ ମହାବଳ ବାଘ । ଏହା ପୂର୍ବରୁ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟକୁ ମିଳିଛି ୧୨ଟି ଅତ୍ୟାଧୁନିକ ପାଟ୍ରୋଲିଂ ଭ୍ୟାନ।

ସାତକୋଶିଆ ଅଭୟାରଣ୍ୟକୁ ଆସିବେ ୧୨ରୁ ୧୪ ମହାବଳ । ଟାଇଗର ରିକଭରି ପ୍ଲାନ ଅନୁଯାୟୀ ଏହାକୁ ୫ ବର୍ଷ ଭିତରେ



କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ଦେଇଛନ୍ତି ପିସିସିଏଫ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ।

୨୦୦୭ ମସିହାରେ ସାତକୋଶିଆରେ ୧୩ରୁ ୧୫ ବାଘ ଥିବା ବେଳେ ଏବେ ଏହା ବାଘ ଶୂନ୍ୟ ହୋଇଯାଇଛି। (ପୃଷ୍ଠା ୭ରେ)



# ବାଲ୍ୟ ବିବାହ ଓ ଶିଶୁ ନିର୍ଯାତନା ରୋକିବା ଲାଗି ଗୁରୁତ୍ୱାରୋପ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ନରଣପୁର ସ୍ଥିତ ହମାରା ବଚ୍‌ପନ୍ ଟ୍ରଷ୍ଟ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ହାଟଡିହି ବ୍ଲକର ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି । ଆଦିବାସୀ ଅଧୁଷିତ କେନ୍ଦୁଝର ଜିଲ୍ଲାରେ ବାଳିକା ମାନଙ୍କର ବିଭିନ୍ନ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା ଲକ୍ଷରେ ଟ୍ରଷ୍ଟର ନରଣପୁର କାର୍ଯ୍ୟାଳୟ ପକ୍ଷରୁ କନ୍ୟା ସନ୍ତାନର ଶିକ୍ଷା, ବାଲ୍ୟବିବାହ ରୋକିବା ଓ ଶିଶୁ ମାନଙ୍କ ଉପରେ ହେଉଥିବା ହିଂସା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ହାଟଡିହି ବ୍ଲକ ବିଡିଓ ସୌମ୍ୟାଶ୍ରୀ ପାଣିଗ୍ରାହୀ, ସିଡିପିଓ ଉମାମଣି ମହାପାତ୍ର, ନନ୍ଦିପଦା ଥାନା ଅଧିକାରୀ ସୁଷମା ସେଠୀ ଏବଂ ଶିଶୁ ମଙ୍ଗଳ କମିଟି ଜିଲ୍ଲା ସଭ୍ୟ କୃଷ୍ଣଚନ୍ଦ୍ର ବାରିକ ତଥା ବ୍ଲକର ଅନେକ ଅଙ୍ଗନୱାଡି କର୍ମୀ, ସୁପରଭାଇଜର ଓ କିଶୋରୀ ବାଳିକା ପ୍ରତିନିଧି ମାନେ ଯୋଗଦେଇଥିଲେ । ସମସ୍ତ ବାଳିକାଙ୍କ ପାଇଁ ସ୍କୁଲରେ ପାଠ ପଢ଼ାଇବା ପାଇଁ ସ୍କୁଲ୍‌କୁ ପଠାଇବା ଲକ୍ଷ୍ୟ ନେଇ ବିଭିନ୍ନ ସ୍ଥାନରେ ପିତାମାତା ମାନଙ୍କୁ ମଧ ସଚେତନ କରାଯିବା ପାଇଁ ଟ୍ରଷ୍ଟ କାର୍ଯ୍ୟ କରୁଥିବା ଶ୍ରୀ ସେନାପତି ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନୂତନ ପୋସ୍କ ଆଇନ୍, ବାଲ୍ୟ ବିବାହ ମୁକ୍ତ ସମାଜ, ଶିଶୁ ଶ୍ରମିକର ବିଭିନ୍ନ ଆଇନ୍‌ର ବିଭିନ୍ନ ଦିଗ ବିଷୟରେ ସଚେତନ କରାଯାଇଥିଲା । ଏହାଛଡା ନିକଟରେ ସୁପ୍ରିମ୍ କୋର୍ଟ ଦ୍ୱାରା ପୋସ୍କ ଆଇନ୍ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ନିକଟ ଅତୀତର ସୁପ୍ରିମକୋର୍ଟର ନିଷ୍ପତ୍ତି ଉପରେ ମଧ ଏହି ବୈଠକରେ ଆଲୋଚନା କରାଯାଇଥିଲା । ସେକ୍ସନ୍ ୬୭ ବି ଆଇ.ଟି ଆକ୍ଟ ଅନୁଯାୟୀ ଶିଶୁ ପର୍ଣ୍ଣୋଗ୍ରାଫିକୁ 'ପ୍ରକାଶ' କରିବା ଏବଂ 'ପ୍ରସାରଣ' କରିବା, ଏକ ଦଣ୍ଡନୀୟ ଅପରାଧ । ସର୍ବୋଚ୍ଚ ନ୍ୟାୟାଳୟ ସମ୍ପ୍ରତିକ ରାୟ ଦେଇ କହିଛନ୍ତି ଯେ କେବଳ 'ଇଲେକ୍ଟ୍ରୋନିକ୍ ଭାବେ ପ୍ରସାରଣ' ନୁହେଁ, ବରଂ ଶିଶୁ ପର୍ଣ୍ଣୋଗ୍ରାଫିକ୍ ଉପାଦାନର ସୃଷ୍ଟି, ଏହାକୁ ରଖିବା ସହ ପ୍ରଚ୍ଛର ପ୍ରସାର କରିବା ଏବଂ ଏହାର ବ୍ୟବହାରକୁ ମଧ ଦଣ୍ଡିତ କରିଥାଏ ବୋଲି ସମସ୍ତଙ୍କୁ ସଚେତନ କରାଯାଇଥିଲା । ଏତଦ୍ ବ୍ୟତୀତ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟି ଗୁଡିକୁ କିପରି ଚଳ ଚଞ୍ଚଳ କରାଯିବ ତାହାକୁ ଗୁରୁତ୍ୱ ଦିଆଯାଇପାରିବ ବୋଲି ସର୍ବ ସମ୍ମତ ପ୍ରସ୍ତାବ ନିଆଯାଇଥିଲା । ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ ଜିଲ୍ଲା ସହିତ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ଦିଗରେ ଟ୍ରଷ୍ଟ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସହାୟତାରେ ସଫଳ କରିବା ପାଇଁ ପ୍ରୟାସ କରୁଥିବା ନରଣପୁର ଜିଲ୍ଲା କାର୍ଯ୍ୟାଳୟର ମୁଖ୍ୟ ହୃଦାନନ୍ଦ ସେନାପତି ସୂଚନା ଦେଇଛନ୍ତି ।



## ନବୀନଙ୍କ ଜନ୍ମଦିନରେ ମନ୍‌ସୁର୍ ବାବାଙ୍କ ନିକଟରେ ପ୍ରାର୍ଥନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ଅବସରରେ କେନ୍ଦ୍ରାପଡାର ଲୋକପ୍ରିୟ ବିଧାୟକ ଗଣେଶ୍ୱର ବେହେରା ହଦରତସାହା ମନସୁର ବାବା (ପୀର ବାବା)ଙ୍କ ମଝାରରେ ଚାଦର ଅର୍ପଣ କରିବା ସହ ତାଙ୍କର ଦୀର୍ଘାୟୁ ଜୀବନ କାମନା କରିଛନ୍ତି । ଜିଲ୍ଲା ସଂଖ୍ୟାଲଘୁ ସେଲ୍ ସଭାପତି ସେକ୍ ଇନାୟତ୍‌ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁକ୍ତାର ଖାନ୍, କାଉନ୍‌ସିଲର ସେକ୍ ଅସ୍‌ଲମ୍, ସେକ୍ ନସିମୁଦ୍ଦିନ, ସମ୍ବିତ୍ ଶ୍ରୀଚନନ୍ଦ, ସୟଦ ମୁକ୍ତାର ଅଲ୍ଲୀ, ସେକ୍ ଇସାକ୍, ମସିକ୍ ଖାନ୍, ସେକ୍ ସାବିର ହୋସେନ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେଶୀ ମଦ ଚାଲାଣ ବେଳେ ଚଢଉ:୨ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢଉ କରିଛି । ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ପାଲିଗୁଡା ଗ୍ରାମର କୃଷ୍ଣ ଖରା ଓ ନିଳାଗୁଡା ଗ୍ରାମର ଅଭିହିଆଲ (୨୩) । ସୂଚନା ଅନୁଯାଇ ଏକ ବାଇକ୍‌ରେ ନିଳାଗୁଡାରୁ ଦେଶୀ ମଦ ଚାଲାଣ କରି ଜୟପୁର ସହରକୁ ଆସୁଥିବା ବେଳେ ଚନ୍ଦନବାଡ ସାହି ନିତଟରେ ଚଢଉ କରି ଅଭି ହିଆଲ (୨୩)କୁ ଗିରଫ କରିଥିଲା । ଗିରଫ ଅଭି ଠାରୁ ୨୦ ଲିଟର ଦେଶୀ ମଦ ଜବତ କରି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି । ସେହିପରି ପାଲିଗୁଡାରୁ ଏକ ବାଇକ୍‌ରେ ଦେଶୀ ମଦ ଧରି ଜୟପୁର ସହରକୁ ଆସୁଥିବା ବେଳେ ପାରାବେଡା ନିକଟରେ ଚଢଉ କରିଛି । ଚଢଉ କରି ପାଲିଗୁଡା ଗ୍ରାମର କୃଷ୍ଣ ଖରା (୫୮)କୁ ଗିରଫ କରି ତାଠାରୁ ୪୦ ଲିଟର ଦେଶୀ ମଦ ଓ ବାଇକ୍ ଜବତ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରୀ ଓଆଇସି ରାଜୁ କୁମାର ଖିତି ସୂଚନା ଦେଇଛନ୍ତି ।

## ଯୁବ ବିଜେଡ଼ି ପକ୍ଷରୁ ନବୀନ ବାବୁଙ୍କ ଜନ୍ମଦିନ ପାଳନ




**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ଯୁବ ବିଜେଡ଼ି ସଭାପତି କ୍ଷିତୀଶ ନାୟକଙ୍କ ନେତୃତ୍ୱରେ ଓଡ଼ିଶା ଜନମାନସର ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଜନ୍ମ ଦିନରେ ଧର୍ମଶାଳା ଯୁବ ବିଜେଡ଼ି କର୍ମକର୍ତ୍ତାମାନେ ମିର୍ଜାପୁର ସ୍ଥିତ ପ୍ରଭୁ ଶ୍ୟାମସୁନ୍ଦରଙ୍କ ପାଖରେ ପୂଚାର୍ଚ୍ଚନା କରିବା ସହିତ ସମୂହ ଦୀପଦାନ କରି ନବୀନ ବାବୁଙ୍କ ସୁସ୍ଥ, ନୀରାମୟ ଓ ଦୀର୍ଘାୟୁ କାମନା କରିବା ସହିତ ଆଗାମି ଦିନରେ ଓଡ଼ିଶାବାସୀଙ୍କ ସେବା କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଭୁ ଶ୍ୟାମସୁନ୍ଦର ପ୍ରଦାନ କରନ୍ତୁ ବୋଲି ଧର୍ମଶାଳାର ଯୁବ କର୍ମକର୍ତ୍ତାମାନେ ପ୍ରାର୍ଥନା କରିଥିଲେ । ଆଜିବି ନବୀନ ବାବୁ ଓଡ଼ିଶା ଜନମାନସର ନେତା ଅଛନ୍ତି, ତାହା ବିଗତ ନୂଆ ସରକାରର ୫ ମାସ ମଧ୍ୟରେ ଲୋକ ମାନଙ୍କର ନବୀନ ବାବୁଙ୍କ ପ୍ରତିଥିବା ଭଲ ପାଇବା, ସ୍ନେହ ଶ୍ରଦ୍ଧା ବିଭିନ୍ନ କାର୍ଯ୍ୟକ୍ରମରେ ଜଣାପଡୁଛି ବୋଲି ସଭାପତି ଶ୍ରୀ ନାୟକ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ସମସ୍ତ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ ।

## ଜିରୋ ଆଲିମ୍ ଜାଲକୁ ଜବତ୍ କଲେ ମତ୍ସ୍ୟଜୀବୀ ସଂଗଠନ
## ଚିଲିକାରେ ମାଛ ଓ ଚିଙ୍ଗୁଡ଼ି ହ୍ରାସ ନେଇ ଚିନ୍ତା ପ୍ରକଟ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ଚିଲିକାରେ ଜିରୋ ଆଲିମ୍ ମାଡ଼ି ଭିଡ଼ ପ୍ରଚୁର ଭାବେ ପ୍ରଚଳନ ହେବା ଫଳରେ ମାଛ, ଚିଙ୍ଗୁଡି କମି କମି ଯାଉଛି । ଶହ ଶହ ସଂଖ୍ୟାରେ ଡଙ୍ଗାରେ ଏହି ଜାଲ ବ୍ୟବହାର କରି ଛୋଟ ମୀନ, ଅଣ୍ଡା ଗୁଡିକୁ ନଷ୍ଟ କରୁଥିବା ଲକ୍ଷ୍ୟ କରାଯାଇଛି । କିଛି ମତ୍ସ୍ୟଜୀବୀ ଏଭଳି କାମ କରିବା ଫଳରେ ଅନ୍ୟ ଲକ୍ଷ ଲକ୍ଷ ମତ୍ସ୍ୟଜୀବୀ ଭୋକ ଉପାସରେ ରହୁଛନ୍ତି । ଯଦ୍ୱାରା ବାଧ ହୋଇ ଜିରୋ ମାଡ଼ି ଭିଡ଼ ଜାଲକୁ ଜବତ କରି ରଖିଛନ୍ତି । ଏହି ଖବରପାଇ ଚିଲିକା ମତ୍ସ୍ୟଜୀବୀ ମହାସଂଘ ନେତା ଭୀମସେନ ବେହେରା କେଶପୂର ଚିଲିକା କୂଳରେ ପହଞ୍ଚି ଅନ୍ୟ ସଂଘ କାର୍ଯ୍ୟକର୍ତ୍ତା ଯଥା ଦୁଃଖ୍ୟାମ ବେହେରା, ରତନ ବେହେରା, ପ୍ରକାଶ ବେହେରା ସମେତ ଛପନ ତାଲୁକା ସଭାପତି ବ୍ରଜବନ୍ଧୁ ବେହେରା ଉପସ୍ଥିତ ରହି ଜିରୋ ଜାଲକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଆଗାମୀ ଦିନରେ ସଂଘ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବକ୍ତବ୍ୟ ରଖିଥିଲେ । ଆଗାମୀ ଦିନରେ କେଶପୁର ଠାରେ ସଭା ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା । ଏହି ବୈଠକରେ ଶତାଧିକ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ । ସେମାନେ ହେଲେ ପ୍ରଦୀପ ବେହେରା, ବସନ୍ତ ଦାସ, ସେନାପତି ବେହେରା, ସାରଥୀ ବେହେରା, କାର୍ତ୍ତିକ ବେହେରା, ବୈରିଗଞ୍ଜନ ବେହେରା, ଗ୍ରାମର ମୁଖିଆ ଓ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଖବର ପ୍ରଶାସନକୁ ମଧ ଜଣାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ଓ ଚିଲିକା ମତ୍ସ୍ୟଜୀବୀ ମହସଂଘ ଦାୟିତ୍ୱ ଗ୍ରହଣ କରି ଦୋଷୀକୁ ଉଚିତ୍ ଶିକ୍ଷା ଦିଆଯିବ ବୋଲି କହିଥିଲେ ।

## ତୁମୁଡିବନ୍ଧରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟର ସଭା ଗୃହରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜିଲ୍ଲାପାଳ ଅମୃତ ଋତୁରାଜ ପହଞ୍ଚି ସାଧାରଣ ଲୋକମାନଙ୍କ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଅଭିଯୋଗ ଶୁଣି ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତୁମୁଡିବନ୍ଧ ବ୍ଲକର ୧୧ ଗୋଟି ପଞ୍ଚାୟତର ଏବଂ ବାଲିଗୁଡା ଓ ଟିକାବାଲି ବ୍ଲକରୁ ଅଭିଯୋଗ କାରୀମାନେ ଆସି ନିଜର ଅଭାବ ଅସୁବିଧା ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଦୁଇଟି ଅଭିଯୋଗ ସମ୍ବେଦନଶୀଳ ଥିଲା । ସେଗୁଡ଼ିକ ହେଲା ଭିନ୍ନକ୍ଷମ ଡାନିଏଲ୍ ମଣ୍ଡଳଙ୍କୁ ଚକ୍ଷୁ ଚିକିତ୍ସା ପାଇଁ ରେଡକ୍ରସ୍ ତରଫରୁ ୧୫୦୦୦/- ଟଙ୍କା ସହାୟତା ପ୍ରଦାନ କରାଯାଇଛି ଓ ମୁଣ୍ଡିଗଡ଼ ପଞ୍ଚାୟତ କୁର୍ତିପଡ଼ା ଗ୍ରାମର ବୃଦ୍ଧ ଉଲା ନାୟକଙ୍କୁ ଅନ୍ତୋଦ୍ୟ କାର୍ଡ଼ ମଞ୍ଜୁର କରିବା ପାଇଁ କହିଥିଲେ । ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆବାସ, ରାସନ୍ କାର୍ଡ଼ ଭଳି ୨୧ଟି ବ୍ୟକ୍ତିଗତ ଓ ରାସ୍ତାଘାଟ, ପାନୀୟ ଜଳଯୋଗାଣ, ଜଳ ସେଚନ ପାଇଁ ଅଡ଼ି ବନ୍ଧ, ସ୍କୁଲ୍ ମରାମତି ପାଚେରୀ ନିର୍ମାଣ ଭଳି ୩୮ଟି ଗୋଷ୍ଠୀ ଗତ ଅଭିଯୋଗ ଶୁଣି ଥିଲେ । ତେବେ ଏହି ଯୁଗ୍ମ ଅଭିଯୋଗ ଶୁଣାଣି ନୂଆ ଜିଲ୍ଲାପାଳଙ୍କ ପ୍ରଥମ ହୋଇଥିବାରୁ ଅଭିଯୋଗ କାରୀମାନେ ବେଶ୍ ଖୁସି ଥିବା ଓ ନିଜ ଅଭିଯୋଗ ପୂରଣ ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ଶମ୍ଭୁ ନାଥ ନନ୍ଦୀ, ବାଲିଗୁଡ଼ା ଏସ୍‌ଡିପିଓ କମଳ କୁମାର ପଣ୍ଡା, ତୁମୁଡିବନ୍ଧ ବିଡିଓ ବନ ବିହାରୀ ହରପାଲ, ତହସିଲଦାର ଶୁଭାଶିଷ ପାଲଟା, ତୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତୀ ମାଝୀଙ୍କ ସମେତ ସମସ୍ତ ସରକାରୀ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଥାନାର କାର୍ଯ୍ୟକୁ ଲୋକାଭିମୁଖୀ କରିବା ନେଇ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସଦର ଥାନାର କାର୍ଯ୍ୟକୁ ଶୃଙ୍ଖଳିତ ଓ ଲୋକାଭିମୁଖୀ କରିବା ନିମନ୍ତେ ଜନ ସହଭାଗିତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏଣୁ ପୋଲିସ ପକ୍ଷରୁ ସମସ୍ତ କାର୍ଯ୍ୟରେ ପଞ୍ଚାୟତର ପ୍ରତିନିଧି ମାନେ ସହାୟତା ପ୍ରଦାନ କରିବେ । ଏଥିନିମନ୍ତେ ଥାନା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆମ ପୋଲିସ ସମିତି ଗଠିତ ହୋଇଛି । ବରିଷ୍ଠ ଶିକ୍ଷାବିତ୍ ପଣ୍ଡିତ ହୃଷିକେଶ ରଥଙ୍କୁ ସମିତିର ସଭାପତି ଇଂ ଅକ୍ଷୟ କୁମାର ପାଣୀଙ୍କୁ କାର୍ଯ୍ୟକାରୀ ସଭାପତି, ଗୋଲଖ ଚନ୍ଦ୍ର ବେହେରାଙ୍କୁ ସମ୍ପାଦକ ଶ୍ରୀଧର କୁମାର ଭୋଳଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନିତ୍ କରାଯାଇଛି । ସମିତିର ମୁଖ୍ୟ ଉପଦେଷ୍ଟା ଭାବେ ସଦର ଥାନା ଅଧିକାରୀ ଓ ଉପଦେଷ୍ଟା କମିଟି ସଦସ୍ୟ ଭାବେ ଡ଼ ସର୍ବେଶ୍ୱର ସେଣ, ପ୍ରମୋଦ କୁମାର ସାମଲ, ସୁରେନ୍ଦ୍ର କୁମାର ଜେନାଙ୍କୁ ମନୋନିତ୍ କରାଯାଇଛି । ଏହି ସମିତି ୨ ବର୍ଷ କାର୍ଯ୍ୟକ୍ଷମ ରହିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

## ବିଜେଡ଼ିର ସଭ୍ୟ ସଂଗ୍ରହ ଅଭିଯାନ ଓ ଜନସମ୍ପର୍କ ପଦଯାତ୍ରା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବୁଧବାର ଅପରାହ୍ନ ୪ ଘଟିକା ସମୟରେ ବିଜୁ ଜନତା ଦଳ କାର୍ଯ୍ୟାଳୟ, ଜାରକା ଠାରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜନସମ୍ପର୍କ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନକୁ କଭିଳି ସଫଳ କରାଯିବ ସେହି ଉଦ୍ଦେଶ୍ୟରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ଉକ୍ତ ସଭାରେ ଧର୍ମଶାଳା ବିଜେଡି ବ୍ଲକ ସଭାପତି ଜଳଧର ମହାନ୍ତି ସଭାପତିତ୍ୱ କରିଥଲେ । ଆଗାମି ଦିନରେ ଧର୍ମଶାଳାରେ କିଭଳି ଅଧିକରୁ ଅଧିକ ସଭ୍ୟ ସଂଗ୍ରହ କରାଯାଇପାରିବ ଓ ବିଜେପି ସରକାରର ମିଛ ପ୍ରତିଶୃତି ସାଧାରଣ ଲୋକମାନଙ୍କ ପାଖରେ କିପରି ପହଞ୍ଚାଯାଇ ପାରିବ ତାହା ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ କରାଯିବା ପାଇଁ ଉକ୍ତ ସଭାରେ ଆଲୋଚନା କରାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ନରେଶ ଚନ୍ଦ୍ର ମହାନ୍ତି, ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ, ବରିଷ୍ଠ ସଂଗଠକ ଡ଼ ପ୍ରିୟନାଥ ମହାପାତ୍ର, ସୁରେନ୍ଦ୍ର ପଣ୍ଡା, ଲୋକନାଥ ପଣ୍ଡା, ଉତ୍କଳମଣୀ ଦାସ, ଦୁଃଶାସନ ସାହୁ, ଜଳଧର ସାହୁ, ଅମରେନ୍ଦ୍ର ରାୟ, ବଟକୃଷ୍ଣ ରାଉତ, ନିରଞ୍ଜନ ବଳ, ମମତା ଖୁଣ୍ଟିଆ, ରେଣୁବାଳା ଶତପଥୀ, ପ୍ରଣତୀ ଲେଙ୍କା, ସୁଧାଂଶୁ ସାହୁ, ଚକ୍ରଧର ବେହେରା, କ୍ଷିତୀଶ ନାୟକ, ଜଗଦାନନ୍ଦ ରାଉତ ଓ ୫୪ ଗୋଟି ପଞ୍ଚାୟତର ସମସ୍ତ ଛାମୁଆ ସଂଗଠକ ଆଲୋଚନାରେ ଭାଗ ନେଇଥିଲେ ।

## ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ୍ - ୨ର ପ୍ରଥମ ବ୍ୟାଚ୍ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କର ପାଠ୍ୟକ୍ରମ ଆରମ୍ଭ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଫୁଲନଖରା ସ୍ଥିତ ଦ୍ୱିତୀୟ ମେଡିକାଲ କଲେଜ - ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ (କ୍ୟାମ୍ପସ୍ ୨)- ର ପ୍ରଥମ ବ୍ୟାଚ୍ ୧୫୦ ଜଣ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କୁ ନେଇ ସୋମବାର ଏକ ସ୍ୱତନ୍ତ୍ର ସ୍ୱାଗତ କାର୍ଯ୍ୟକ୍ରମ ସହ ପାଠ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଛାତ୍ରଛାତ୍ରୀମାନେ ଉତ୍ସାହର ସହ ବିଶ୍ୱ ବିଦ୍ୟାଳୟର ଏହି ନୂତନ ଶିକ୍ଷାନୁଷ୍ଠାନକୁ ଆସି ପହଞ୍ଚିଥିବା ବେଳେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଡାକ୍ତରୀ ବୃତ୍ତିରେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଜ୍ଞାନ ଆହରଣ ଓ ଶିକ୍ଷା ଗ୍ରହଣ ନିମନ୍ତେ ଏକ ଉଦ୍ଦେଶ୍ୟ ରହିବା ଉଚିତ୍ । କେବଳ ରୋଗୀମାନଙ୍କର ଚିକିତ୍ସା ବା ସେମାନଙ୍କୁ ସୁସ୍ଥ କରିବା ନୁହେଁ ବରଂ ଯେଉଁମାନେ ପୀଡାରେ ଅଛନ୍ତି ସେମାନଙ୍କ ନିମନ୍ତେ ଆଶାର ଉତ୍ସ ହେବା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏକ ବାର୍ତ୍ତା ମାଧ୍ୟମରେ ପ୍ରଫେସର (ଡକ୍ଟର) ନାୟକ ଏହି ଉପଦେଶ ଦେଇଥିଲେ । ପ୍ରଫେସର (ଡକ୍ଟର) ନାୟକ କହିଥିଲେ ଯେ ଉପଯୁକ୍ତ ଶିକ୍ଷା ପ୍ରଦାନ ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ସୁବିଧା ସୁଯୋଗର ବ୍ୟବସ୍ଥା କରାଯିବ । ୭୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍ ଥିବା ଫୁଲନଖରା କ୍ୟାମ୍ପସ୍‌ରେ ନ୍ୟାସନାଲ୍ ମେଡିକାଲ୍ କମିସନ୍‌ର ଗାଇଡ୍‌ଲାଇନ୍‌ରୁ ଉର୍ଦ୍ଧ୍ୱକୁ ଯାଇ ଆବଶ୍ୟକତା ଠାରୁ ଅଧିକ ୩୦ ପ୍ରତିଶତ ଫ୍ୟାକଲ୍ଟି ଏଠାରେ ଶିକ୍ଷା ପ୍ରଦାନ କରିବା ପାଇଁ ନିୟୋଜିତ ଅଛନ୍ତି । ସେହିପରି ଅନ୍ୟ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋମବାର ସକାଳେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ କଳିଙ୍ଗନଗର ଠାରେ ଏହାର ୧୮ତମ ବ୍ୟାଚ୍‌ର ୨୫୦ ଜଣ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କର ପାଠ୍ୟକ୍ରମ ଆରମ୍ଭ କରାଯାଇଛି । ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ୍- ୨ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଉପ-କୁଳପତି ପ୍ରଫେସର (ଡାକ୍ତର) ପ୍ରସନ୍‌ଜିତ୍ ମହାନ୍ତି, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ୍-୧ର ପୂର୍ବତନ ଡିନ୍ ପ୍ରଫେସର (ଡାକ୍ତର) ଗଙ୍ଗାଧର ସାହୁ, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ୍-୨ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ, ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଏବଂ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ ।

## ହାଇଦ୍ରାବାଦରେ ଛାତରୁ ପଡ଼ି ଓଡ଼ିଆ ଦାଦନ ଶ୍ରମିକ ଗୁରୁତର



**ଉମରକୋଟ/ରାଇଘର, ନ୍ୟୁଜ୍ ବ୍ୟୁରୋ**

ପୁଣି ଦାଦନ ଦୁଃଖ । ପେଟ ପାଟଣା ପାଇଁ ଦାଦନ ଖଟିବାକୁ ଯାଇ ଦୁଇ ମହଲା ଛାତ ଉପରୁ ପଡି ହାତ ଗୋଡ଼ ଏବଂ ଅଣ୍ଟା ଭାଙ୍ଗି ମେଡିକାଲ୍‌ରେ ପଡିରହିଛି ଜଣେ ଓଡ଼ିଆ ଦାଦନ ଶ୍ରମିକ । ସୂଚନାଥାଉ କି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ୟୁ.ଭି-୫୨ ନଂ ଗାଁର ଦାଦନ ଶ୍ରମିକ ଅଭିଜିତ୍ ମଜୁମ୍‌ଦାର ପରିବାର କହିଲେ ଦୁଇ ଭାଇ, ଭଉଣୀ, ବାପା, ମା' ଓ ବଡ ଭାଇ ମାଲକାନଗିରି ଜିଲ୍ଲାରେ କିଛି କୁଲି ମଜୁରୀ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଛୋଟ ଭାଇ ତାଙ୍କ ମା' ଓ ବାପାଙ୍କୁ ନେଇ ଅତି ଦୁଃଖ କଷ୍ଟରେ ୫୨ ନମ୍ବର ଗ୍ରାମରେ ଘର ଚଳେଇଥାନ୍ତି । ସେଭଳି ଅଭିଜିତ୍ କିଛି ମାସ ତଳେ ଦାଦନ ଶ୍ରମିକ ଭାବେ ଆନ୍ଧ୍ରପ୍ରଦେଶକୁ ଯାଇ ତାଙ୍କ ବାପା ମାଙ୍କୁ କିଛି ଅର୍ଥ ପଠେଇଲେ ତାଙ୍କ ପରିବାର ଦୁଃଖ କଷ୍ଟରେ ଚଳିଥାଏ । ଏଭଳି ଦୁଃଖ କଷ୍ଟରେ ତାଙ୍କର ଏହି ପରିବାର ଚଳିଥିବା ବେଳେ ହଠାତ୍ କଳା ମେଘ ବାଦଲ୍ ପରି ମାଡି ଆସିଥିଲା ଦୁର୍ଘଟଣା । ଯାହାକି ତାଙ୍କର ଅଣ୍ଟା ଭାଙ୍ଗି ଦେଇଥିବା ବେଳେ ଏବେ ଏକ ମାତ୍ର ରୋଜଗରିଆ ପୁଅର ଅବସ୍ଥା ଦେଖି ବାପା ଏବଂ ମା' ଆଖିରୁ ଲୁହ ସରିନି । ପ୍ରତ୍ୟେକ ଦିନ ଆଖିରୁ ଲୁହ ଝରି ଯାଉଥିବା ବେଳେ ବର୍ତ୍ତମାନ ତାଙ୍କ ପୁଅକୁ କେମିତି ଠିକ୍ କରିବେ ଏବେ ଭାଙ୍ଗି ପଡିଥିବା ବେଳେ ଲୋକଙ୍କୁ ସାହାଯ୍ୟ ମାଗି ବୁଲୁଥିବା ଦେଖାଯାଉଛି । ରାତି ପାହିଲେ ଏହାର ତାହାର ଦୁଆର ମୁହଁରେ ବୁଲିବା ସହ କିଛି ସାହାଯ୍ୟ ମାଗୁଛନ୍ତି । ସୂଚନା ଅନୁସାରେ, ଗତ ଏକ ମାସ ହେବ ୟୁ.ଭି-୫୨ ଗାଁର ଲବ ମଜୁମ୍‌ଦାରଙ୍କ ୨୪ ବର୍ଷିୟ ପୁଅ ଅଭିଜିତ୍ ମଜୁମ୍‌ଦାର୍ ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ଗତ ୧୧ ତାରିଖ ଦିନ ଛାତ ପକାଉଥିବା ବେଳେ ଅଚାନକ୍ ଛାତ ଉପରୁ ପଡିଯାଇଥିଲେ ଅଭିଜିତ୍ । ତୁରନ୍ତ ତାଙ୍କୁ ଡାକ୍ତଖାନାରେ ଭର୍ତ୍ତି କରିଥିଲେ ସ୍ଥାନୀୟ ଲୋକେ । ସେଠାରେ ତାଙ୍କୁ ପ୍ରଥମେ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା କିନ୍ତୁ ତାଙ୍କ ଦେହ ସଙ୍କଟାପନ୍ନ ହେବା ଯୋଗୁଁ ସେ ବିଶାଖାପାଟଣାର ମେଡ଼ି କଭର ହସ୍ପିଟାଲ୍‌ରେ ବର୍ତ୍ତମାନ ଚିକିତ୍ସାଧୀନ ରହିଛନ୍ତି । ଦାଦନ ଖଟି ଯାହା ରୋଜଗାର କରିଥିଲେ ତାହା ଚିକିତ୍ସାରେ ଖର୍ଚ୍ଚ ହୋଇଯାଇଥିବା ବେଳେ ଆହୁରି ତାଙ୍କୁ ଦୁଇରୁ ତିନି ଲକ୍ଷର ଅର୍ଥ ଆବଶ୍ୟକ ପଡୁଥିବା ବେଳେ ଏତେ ଟଙ୍କା ଆଣିବେ ବା କଉଠୁ । ପ୍ରଶାସନ ଅଭିଜିତ୍ ପ୍ରତି ଯଥାଶୀଘ୍ର ଦୃଷ୍ଟି ଦେବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି ।

## ଗଞ୍ଜେଇ ଚାଲାଣ ବେଳେ ପୋଲିସ ଚଢଉ:ଗାଡ଼ି ଛାଡ଼ି ଡ୍ରାଇଭର ଚମ୍ପଟ୍

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜୟପୁର ସଦର ପୋଲିସ ଚଢଉ କରିଛି । ପୋଲିସକୁ ଦେଖି ଗାଡି ଛାଡି ଡ୍ରାଇଭର ଚମ୍ପଟ୍ ମାରିଛି । ପୋଲିସ ସୂଚନା ଅନୁଯାଇ ବୈପାରିଗୁଡା ପଟୁ ଜୟପୁର ଅଭିମୁଖେ ଟାଟା ୭୦୯ ମିନି ଟ୍ରକ୍ ଗଞ୍ଜେଇ ଚାଲାଣ ହେଉଥିଲା । ଜୟପୁର ସଦର ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ସୂଚନା ପାଇ ଜାତୀୟ ରାଜପଥ ୩୨୬ର ପାତ୍ରପୁଟ ଛକରେ ଅପେକ୍ଷା କରି ଗାଡି ଯାଞ୍ଚ କରିଥିଲା । ସେହି ସମୟରେ ଗାଡିକୁ ଛାଡି ଡ୍ରାଇଭର ଜଙ୍ଗଲକୁ ଚମ୍ପଟ ମାରିଥିଲା । ଡ୍ରାଇଭରକୁ ଧରିବାକୁ ପୋଲିସ ପିଛା କରିଥିଲା ହେଲେ ବି ଡ୍ରାଇଭର ଫେରାର୍ ହୋଇଯାଇଥିଲା । ପରେ ପୋଲିସ ଗାଡି ଯାଞ୍ଚ କରିବାରୁ ୧୧୨୮ କେଜି ୧୬୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଟାଟା ୭୦୯ ମିନି ଟ୍ରକ୍ ଓ ଗଞ୍ଜେଇକୁ ଜବତ କରି ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।







## ନବନିର୍ମିତ ବିଦ୍ୟାଳୟ ଛାତରୁ ପାଣି ଗଳୁଛି:ମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ ଶିକ୍ଷାର ବିକାଶ ଲାଗି ଏଜୁକେସନ୍ କମ୍ପ୍ଲେକ୍ସର ପରିକଳ୍ପନା କରାଯାଇଥିଲା । ପୂର୍ବତନ ଜିଲ୍ଲାପାଳ ଭିନିଲ୍ କ୍ରୀଷ୍ଣା ଏହାକୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ । ଫାଇଭ୍-ଟି ଅଧିନରେ କାମ ହୋଇଛି । ନିର୍ବାଚନ ପୂର୍ବରୁ ଉଦ୍‌ଘାଟନ ମଧ କରାଯାଇଥିଲା । ଉଦ୍‌ଘାଟନର ମାସ କେଇଟାରେ ନବ ନିର୍ମିତ ବିଦ୍ୟାଳୟ ଛାତରୁ ପାଣି ଗଳୁଛି । କାନ୍ଥ ଫାଟିଲାଣି, ପ୍ଲାଷ୍ଟର୍ ଛାଡ଼ି ଯାଉଛି । ଶୌଚାଳୟ ଅବସ୍ଥା ନକହିବା ଭଲ । ପିଇବା ପାଣିର ଘୋର ଅଭାବ । ଏସବୁ ଦେଖି ବିରକ୍ତି ପ୍ରକାଶ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । କାମ ଅତ୍ୟନ୍ତ ନିମ୍ନମାନର ହୋଇଛି । ଏହି ସବୁ ଦେଖି ପ୍ରକଳ୍ପ ଦାୟିତ୍ୱରେ ଥିବା ଅଧିକାରୀ ଦୁର୍ନିତୀରେ ବୁଡ଼ିଥିବା ଅନୁଭବ କରିଛନ୍ତି ମନ୍ତ୍ରୀ । ବଡପଡା ଏଜୁକେସନ୍ କମ୍ପ୍ଲେକ୍ସ କୋଠା ପାଇଁ ପ୍ରାୟ ୧୨ କୋଟି ଟଙ୍କାର ଟେଣ୍ଡର ଡକା ଯାଇଥିଲା । ବିଦ୍ୟୁତ୍‌କରଣ, ସୌନ୍ଦର୍ଯ୍ୟକରଣ, ଆସବାବପତ୍ର, କମ୍ପ୍ୟୁଟର, ଜିମ ଓ ଖେଳ ସାମଗ୍ରୀ, ରାସ୍ତା ନିର୍ମାଣ ସହ ଅନେକ କାମ ବିନା ଟେଣ୍ଡରେ ବେଆଇନ୍ ଭାବେ କରାଯାଇଛି । ଜିଲ୍ଲାପାଳଙ୍କ ବିନା ଅନୁମତିରେ ଅଧିକାଂଶ କାମ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ମିଳିମିଶି କରିଛନ୍ତି । କିଛି ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଯାଇଥିବା ଅଭିଯୋଗ ହୋଇଛି । ଆଉ ବଦଳି ହେଉଥିବା ଯନ୍ତ୍ରୀ ଓ ପ୍ରଶାସନିକ ବାବୁ ବଦଳି ବାତିଲ୍ କରି ଗୋଟିଏ ସ୍ଥାନରେ ଗାଦି ମାଡ଼ି ବସିଛନ୍ତି । ଏହି ମହାଦୁର୍ନୀତିରେ ତଦନ୍ତ ନିର୍ଦ୍ଦେଶ ଦେବା ସହ ବିଲ୍ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।

## ଚୌଦ୍ୱାରର ପ୍ରସିଦ୍ଧ 'ରୁପଯାତ୍ରା' ଆରମ୍ଭ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ମହାଲକ୍ଷ୍ମୀଙ୍କୁ ଆବାହନ ସହିତ ଚୌଦ୍ୱାର ପ୍ରସିଦ୍ଧ ରୂପଯାତ୍ରାର ଶୁଭାରମ୍ଭ ହୋଇଛି । ପ୍ରଭାତରୁ କୁଆଁରୀ ମାନେ ନଦୀ ଓ ପୋଖରୀ କୂଳରେ ବାଲୁକା ଶଯ୍ୟା ନିର୍ମାଣକରି ପୂଜାର୍ଚ୍ଚନା କରିବା ସହିତ ସନ୍ଧ୍ୟାରେ ଚାନ୍ଦ ବନ୍ଦନା ଓ ଆଞ୍ଜୁଳା ଟେକିଥିଲେ । ବିଭିନ୍ନ ସାହି ବସ୍ତିରେ ପୁଚିଖେଳ ସହିତ କୁଆଁର ପୂର୍ଣ୍ଣିମା ଗୀତର ତାଳେ ତାଳେ କୁଆଁରୀ ଝିଅମାନେ ନାଚ କରୁଥିବା ଦୃଶ୍ୟ ବେଶ୍ ମନୋରମ ହୋଇଥିଲା । କୁମାର ପୂର୍ଣ୍ଣିମା ଦିନ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପରେ ନିର୍ମିତ ମହାଲକ୍ଷ୍ମୀଙ୍କ ମୃଣ୍ମୟ ପ୍ରତିମା ପୂଜା ଆଧାତ୍ମିକ ପରିବେଶରେ ରୀତି ନୀତିରେ କରାଯାଇଛି । ବ୍ରାହ୍ମଣ ସାହି, ଗାନ୍ଧୀଛକ, କଳିଙ୍ଗ ଛକ, ଗଜଲକ୍ଷ୍ମୀ ସାହି, ବନିକା ଆଦି ସାହିର ମଣ୍ଡପରେ ମା' ଲକ୍ଷ୍ମୀଙ୍କ ପ୍ରତିମା ନିର୍ମିତ ହୋଇଥିବା ବେଳେ ଚୌଦ୍ୱାର ସହରାଞ୍ଚଳର ବିଭିନ୍ନ ବଜାର ଓ ସାହିରେ ଅନ୍ୟ ୩୭ଟି ମଣ୍ଡପରେ ଦୂର୍ଗା, ହର ପାର୍ବତୀ, ମହାଦେବ, ରାଧାକୃଷ୍ଣ, ଲକ୍ଷ୍ମୀ ନାରାୟଣ, ହନୁମାନ ଆଦି ଦେବାଦେବୀଙ୍କ ମୂର୍ତ୍ତି ନିର୍ମାଣ କରାଯାଇ କୁମାର ପୂର୍ଣ୍ଣିମା ତିଥିରେ ପୂଜା କରାଯାଇଛି । ଏହି ପ୍ରସିଦ୍ଧ ଉତ୍ସବ ପାଇଁ ସମଗ୍ର ଚୌଦ୍ୱାର ଅଞ୍ଚଳକୁ ରଙ୍ଗୀନ ଆଲୋକ ମାଳାରେ ସଜ୍ଜିତ କରାଯାଇଛି । ବିରାଟ ବଜାର, ଗାନ୍ଧୀଛକ,ବିରୂପା ଗଡ଼ା, ବେଉରା ସାହି, ଯାତ୍ରା ପଡ଼ିଆ ଆଦି ସ୍ଥାନରେ ସୁଉଚ୍ଚ ଆଲୋକ ତୋରଣମାନ ପ୍ରତିଷ୍ଠା କରାଯାଇଛି । ବିରାଟ ବଜାର, କଳିଙ୍ଗ ଛକ, କପାଳେଶ୍ୱର, ଓଟିଏମ୍ ହନୁମାନ ବଜାର, ବଡ଼ ବଜାର, ନୂଆସାହି ଆଦି ମଣ୍ଡପରେ ସନ୍ଧ୍ୟାରେ ଆୟୋଜିତ ନୃତ୍ୟ ଓ ସଂଗୀତ ବିଚିତ୍ରା ଆଦି କାର୍ଯ୍ୟକ୍ରମରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ମଣ୍ଡପ ଗୁଡ଼ିକରେ ୩ ଦିନ ଧରି ସାଂସ୍କୃତିକ ଉତ୍ସବ ଆୟୋଜନ ସହିତ ପରମ୍ପରା ଅନୁଯାୟୀ ୧୯ ତାରିଖ ଦିନ ୪୩ଟି ପୂଜା ମଣ୍ଡପରେ ନିର୍ମିତ ବିଭିନ୍ନ ଦେବାଦେବୀଙ୍କ ମେଢ ବର୍ଣ୍ଣାଢ଼୍ୟ ଶୋଭା ଯାତ୍ରାରେ ଆସି ତିନିକୋଣିଆ ସ୍ଥିତ ରୂପଯାତ୍ରା ପଡ଼ିଆରେ ମେଳଣ କରିବେ । ୨୦ ତାରିଖ ସକାଳରୁ ମେଢ ଗୁଡିକ ମେଳଣ ପଡ଼ିଆରୁ ବାହାରି ଭସାଣ ନିମନ୍ତେ ବିରୂପାନଦୀ କୂଳରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ପୋଖରୀକୁ ଯିବେ ବୋଲି ରୂପଯାତ୍ରା କମିଟି ସୂତ୍ରରୁ ପ୍ରକାଶ । ଯାତ୍ରାକୁ ସରସ ସୁନ୍ଦର ଓ ଶୃଂଖଳିତ କରିବା ପାଇଁ ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ, ଅଗ୍ନିଶମ ଆଦି ବିଭାଗ, ପୌରପାଳିକା, ପୋଲିସ ଆଦି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଗ୍ରାମାଞ୍ଚଳରେ କୃଷି କ୍ଷେତ୍ର ଉପରେ ଚାପ

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି। ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି। ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି। ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ବା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଏ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ବା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

# ଭବିତବ୍ୟ ଯାହା ଅବଶ୍ୟ ଘଟିବ–୫୪

ଅସ୍ତଗାମୀ ସୂର୍ଯ୍ୟ ଏବଂ ସୂର୍ଯ୍ୟ ବଂଶର ପ୍ରାତଃ ସ୍ମରଣୀୟ ପିତୃ ପୁରୁଷମାନଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇ ଲକ୍ଷ୍ମଣଙ୍କ ସଲିଳସମାଧି କାର୍ଯ୍ୟ ସରିଗଲା ! ଉପସ୍ଥିତ ଥିବା ଅଗଣିତ ପ୍ରଜାମାନଙ୍କର ବିକଳ କ୍ରନ୍ଦନ ଧ୍ୱନିରେ ସତେ ଯେପରି ପୃଥିବୀଟା ଥରି ଉଠୁଥାଏ। ଶ୍ରୀରାମ ବିକଳରେ କାନ୍ଦି କହି ଚାଲିଥାନ୍ତି "ଲକ୍ଷ୍ମଣ ! ତୁ ମୋତେ ଛାଡି କୁଆଡେ ଚାଲିଗଲୁ। ମୃତ୍ୟୁ କ'ଣ ଏମିତି ଆସେ ମଣିଷ ପାଖକୁ ? ଗତକାଲି ଯେଉଁ ଭାଇର ଉପସ୍ଥିତିରେ ଏ ସୂର୍ଯ୍ୟ ବଂଶ ଚଳଚଞ୍ଚଳ ଥିଲା ଆଜି ହଠାତ୍ ଏପରି ପ୍ରଳୟଙ୍କରୀ ଅଗ୍ନି ବର୍ଷାରେ ଏବଂଶର ସର୍ବନାଶ ହୋଇଗଲା। ଏମିତି ଘଟିଯିବ ବୋଲି ମୁଁ କେବେ କଳ୍ପନାରେ ସୁଦ୍ଧା ଚିନ୍ତାକରିନଥିଲି। କେମିତି ମୁଁ ବଞ୍ଚି ରହିବି ଏ ସଂସାରରେ ? କିଛି ମୋତେ ଦେଖାଯାଉନି, ଯାହାକୁ ମୁହୂର୍ତ୍ତଟିଏ ନଦେଖିଲେ ପ୍ରାଣଛାଡି ଗଲା ପରି ଲାଗେ, ଯାହାକୁ ନଦେଖିଲେ ଏସଂସାରଟା ବିଷ ପରି ଲାଗେ, ତାକୁ ଛାଡି କେମିତି ଆମେ ତିନିଭାଇ ବଞ୍ଚିପାରିବୁ ? ହେ ଲକ୍ଷ୍ମଣ, ତୋ ମୁହଁ ସବୁଆଡେ ମୋତେ ଦେଖାଯାଉଛି। ଦେଖାଯାଉଛି ସତେ ଯେପରି କ୍ଳାନ୍ତ ଅବସ୍ଥାରେ ଆସି ମୋତେ ସ୍ନେହରେ ପ୍ରଣାମ କରୁଛୁ। ଦେଖାଯାଉଛି ଇନ୍ଦ୍ରଜିତର ବଜ୍ର ପ୍ରହାରରେ କ୍ଷତାକ୍ତ ହୋଇ ମୋ କୋଳରେ ତୁ ଶୟନ କରିଛୁ। ଆଜି ସବୁ ମନେ ପଡିଯାଉଛି, ମୁଁ ଆଉ ରହିପାରିବିନି, ମୁଁ ପାଗଳ ହୋଇଯିବି ଲକ୍ଷ୍ମଣ, ମୁଁ ଜୀବନ ଧରି ରହିପାରିବିନି, ସବୁ ଆଡେ ତୋ ମୁଖ ମଣ୍ଡଳ ଦେଖାଯାଉଛି, ତୋ ମୁହଁରୁ ସତେ ଯେପରି ବାହାରି ଆସୁଛି ଭାଇ ! ଜୀବନ ସାରା ତୁମ ପାଇଁ ମୁଁ କ'ଣ ନକରିଛି ? ଘର ସଂସାର, ପିତାମାତା, ପୁତ୍ର, ପତ୍ନୀକୁ ତ୍ୟାଗ କରିଦେଇ ଆଉ ତମାମ ଜୀବନଟାକୁ ତୁମ ପାଦତଳେ ସମର୍ପଣ କରିଦେଇ ଯେଉଁ ଯନ୍ତ୍ରଣା, ଭୟାନକ କଷ୍ଟ ପାଇଛି ତାହା କ'ଣ ଏତେ ସହଜରେ ଭୁଲିଗଲ ? ଆମେ ପରା ଚାରିଭାଇ ଜନ୍ମନେଇଥିଲେ ତିନି ମାଆଙ୍କ ଠାରୁ, ସମସ୍ତେ ତୁମକୁ ଅଧିକ ସ୍ନେହ କରନ୍ତି ଆଉ କହନ୍ତି ରାମ ! ତୁ କେବେବି ଏ ତିନିଭାଇଙ୍କୁ ପର କରିବୁନି, ଜୀବନ ସାରା ଏ ସାନଭାଇମାନଙ୍କୁ ନେଇ ଏ ସଂସାରରେ ଏପରି ଏକ ଅନୁଶାସନ ପ୍ରଚଳନ କରିବୁ, ଯାହାକୁ ଦେଖି ଏ ସାରା ସଂସାର ତୋତେ ଧନ୍ୟ ଧନ୍ୟ କରିବ। କେତେ ସ୍ନେହମୋତେ କରିନଥିଲ ତୁମେ ? କେତେ ରାତି, କେତେ ଦିନ ମୋ ଫେରିବା ବାଟକୁ ଚାହିଁ ଲୁହ ଢାଳୁଥିଲ, ସେ କଥା କ'ଣ ଆଜି ଟିକିଏ ତୁମର ମନେ ପଡିଲାନି ? ଜୀବନଟା ସାରା କେମିତି ମୋ ଭାଇ ନିରାପଦ ରହିବ, କେମିତି ସୁରକ୍ଷିତ ରହିବ, ସେହି କଥା ଚିନ୍ତା କରି କରି ଚଉଦବର୍ଷ ରାତ୍ରୀ ଅନିଦ୍ରା ରହିଛି, ଚଉଦବର୍ଷ ଆହାର ବର୍ଜନ କରିବା କଥା କ'ଣ ଆଜି ତୁମର ମନେ ପଡିଲାନି ? ଆଜି ତୁମେ ମୋତେ ବିଦାୟ କରିଦେଲ ? ଏଇ କ'ଣ ମୋ ଜୀବନ ବ୍ୟାପି ସେବାର ପରିଣାମ ?' ଶ୍ରୀରାମଙ୍କୁ ଚତୁର୍ଦ୍ଦିଗରେ ଦୃଶ୍ୟମାନ ହେଉଛି ଲକ୍ଷ୍ମଣଙ୍କର ଅଭିମାନ ଭରା ମୁଖମଣ୍ଡଳ, ଅଦୃଶ୍ୟ ଆଉ ଅତୀତର ଉତ୍ପୀଡିତ ପ୍ରଶ୍ନର ଭୀଷଣତାରେ ଶ୍ରୀରାମ ପାଗଳ ପ୍ରାୟ ହୋଇ ଯାଉଛନ୍ତି। ଭରତ, ଶତ୍ରୁଘ୍ନ କାନ୍ଦି କାନ୍ଦି ଏପରି ଅଥୟ ହୋଇ ଗଲେଣି ଯେ ସେମାନେ ଅଯୋଧ୍ୟାର ରାଜ ଭବନ ପର୍ଯ୍ୟନ୍ତ ଯାଇ ଗୃହମଧ୍ୟରେ କିପରି ପ୍ରବେଶ କରିବେ, ସେକଥା କୌଣସି ମୁନି ଋଷିମାନଙ୍କର ଆମ୍ଭ ପ୍ରତ୍ୟୟ ହୋଇ ପାରୁନାହିଁ। ଏ ତିନି ଭାଇଙ୍କର ଏହି ବିକଳ ଅବସ୍ଥା ଦେଖି ସମଗ୍ର ଅଯୋଧ୍ୟାବାସୀଙ୍କର ଆଖିରୁ ବି ବହି ଚାଲିଛି ଅଖଣ୍ଡ ଲୁହଧାର। ରାତ୍ରୀ ହୋଇ ଆସିଲାଣି। ସମସ୍ତେ ପ୍ରତ୍ୟାବର୍ତ୍ତନ କଲେ ରାଜଭବନ ନିକଟକୁ। ରାଜଭବନକୁ ପ୍ରବେଶ ପୂର୍ବରୁ କୋହର ଭୀଷଣତାରେ ଆଛନ୍ନ ଶ୍ରୀରାମ ବଶିଷ୍ଠଙ୍କୁ କହିଲେ "ଗୁରୁଦେବ ! ଆସନ୍ତା କାଲି ଆମ ପରିବାରର ସମସ୍ତ ସଦସ୍ୟ କେବଳ ପୁତ୍ରମାନଙ୍କୁ ଛାଡିଦେଇ ସରଯୂନଦୀରେ ସଲିଳସମାଧି ନେବୁ। ଏହି ସମ୍ବାଦ ତୁମେ ଅଯୋଧ୍ୟା ରାଜ୍ୟରେ ପ୍ରତ୍ୟୁଷରୁ ପ୍ରଚାର କରିଦିଅ। ତୁମେ ଲକ୍ଷ୍ମଣର ଡାକ ଶୁଣି ପାରୁନ ଗୁରୁଦେବ ? ସେ ମୋତେ ଅଦୃଶ୍ୟରେ ହାତ ଠାରି କହୁଛି "ଭାଇ ! ତୁମେ ଏବଂ ମୋର ଦୁଇଭାଇଙ୍କୁ ପ୍ରତୀକ୍ଷାକରି ଚାହିଁଛି ଶୀଘ୍ର ଚାଲିଆସ ମୋ ପାଖକୁ। ମୁଁ ତୁମମାନଙ୍କୁ ଛାଡି ଏଠାରେ ଗୋଟିଏ ମୁହୂର୍ତ୍ତ ମଧ୍ୟ ରହିପାରିବି ନାହିଁ। ତୁମେ ଚାଲିଆସ ଭାଇ, ତୁମେ ଚାଲି ଆସ। (କ୍ରମଶଃ)

ବିଦ୍ୟାଶ୍ରୀ ପଣ୍ଡା
କୋରକୋରା, ଭଦ୍ରକ
ମୋ - ୯୦୯୦୮୯୯୮୨୬

# ଭଦ୍ରକର ମା' ଭଦ୍ରକାଳୀ

ଭଦ୍ରକ ଜିଲ୍ଲାରେ ମା'ଭଦ୍ରକାଳୀଙ୍କ ପୀଠ ହେଉଛି ବହୁ ପୁରାତନ କାଳରୁ। ଭଦ୍ରକ ସହର ଅର୍ନ୍ତଗତ ଆହାରପଦା ସ୍ଥିତ କୁଳୁକୁଳୁ ନିନାଦିନୀ ପୁଣ୍ୟତୋୟା ସାଳନ୍ଦୀନଦୀ ନିକଟସ୍ଥ ଭଦ୍ରକାଳୀସାହି ଗ୍ରାମରେ ଅବସ୍ଥାପିତ ମା'ଙ୍କର ପୀଠ। ଏହା ଭଦ୍ରକ ସହର ଠାରୁ ୭କି.ମି. ଦୂରରେ ଅବସ୍ଥିତ। ଏହାର ଚତୁଃପାର୍ଶ୍ୱ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ମନ୍ଦିରମାଳିନୀ ଓଡ଼ିଶାର ଏହା ମୁଖ୍ୟ ଅଙ୍ଗ କହଲେ ଅତ୍ୟୁକ୍ତି ହେବ ନାହିଁ। ଭଦ୍ରକରେ ଅବସ୍ଥାପିତ ମା' ଭଦ୍ରକାଳୀଙ୍କର ମନ୍ଦିରଟି ୫୦୦ ବର୍ଷର ବହୁ ପୁରାତନ ଏବଂ ବର୍ତ୍ତମାନର ମନ୍ଦିରଟି ପ୍ରାୟତଃ ୭୦ ବର୍ଷର। ମନ୍ଦିରଟିର ଉଚ୍ଚତା ୪୦ଫୁଟ୍। ମା'ଙ୍କର ବିଗ୍ରହଟି ୪ଫୁଟ୍ ଉଚ୍ଚତା ବିଶିଷ୍ଟ କଳା ମୁଗୁନି ପଥରର । ଆଦ୍ୟାଶକ୍ତି ମା ଭଦ୍ରକାଳୀ ଚତୁର୍ଭୁଜା ବିଶିଷ୍ଟ। ଉପର ଡାହାଣ ହସ୍ତରେ ଖଡ଼୍ଗ, ଉପର ବାମ ହସ୍ତରେ ଖର୍ପର ଏବଂ ତଳ ଏକ ହସ୍ତରେ କମଣ୍ଡଳୁ ଏବଂ ଅନ୍ୟ ହସ୍ତରେ ପ୍ରଭୁ ବାଳଗୋପାଳଙ୍କ ଧାରଣ କରି ମାତୃବତ୍ସଳା ଜନନୀର ଅପରୂପ ମାତୃଶକ୍ତିର ଅନୁପମ ଦୃଷ୍ଟାନ୍ତ ଅନୁଭବ କରିହୁଏ। ମା' ପଦ୍ମଫୁଲ ଉପରେ ଅଧିଷ୍ଠିତା ହୋଇ ରୌପ୍ୟରେ ନିର୍ମିତ ମସ୍ତକରେ ବିମଣ୍ଡିତ ମୁକୁଟରେ ସୁସଜ୍ଜିତ ତଥା ଭକ୍ତମାନଙ୍କୁ ବରଦାନ ପୂର୍ବକ ବରଦାମୁଦ୍ରା ଧାରଣ କରି ସାରା ସଂସାରରେ ସନ୍ତାନବତ୍ସଳା ଦେବୀ ଭାବରେ ସର୍ବ ପୂଜିତ।

ବିଗ୍ରହଟିର ସୌନ୍ଦର୍ଯ୍ୟ ଯେତିକି ମନୋରମ ସେତିକି ମଧ୍ୟ ଆନନ୍ଦଦାୟକ। ମା'ଙ୍କୁ ଥରେ ଯିଏ ଦର୍ଶନ କରିଛି ସିଏ ସଂସାରର ସୁବୁ ଦୁଃଖ ଶୋକକୁ ଭୁଲିଯାଇ ଆନନ୍ଦର ଅପାର ସାଗରରେ ଲୀନ ହୋଇଯାଇଛି। ଭାରତର ଅନ୍ୟ ଦେବୀ ପୀଠମାନଙ୍କରେ ମା' କାଳୀ ଉଗ୍ର ରୂପ ଧାରଣ କରିଥିବା ବେଳେ ମା'ଭଦ୍ରକାଳୀ କିନ୍ତୁ ଶାନ୍ତ ରୂପ ଧାରଣ କରି ସନ୍ତାନବତ୍ସଳା ମାତୃଶକ୍ତିର ଅପାର କରୁଣାର ଅଧିକାରିଣୀ ଭାବରେ ସାରା ବିଶ୍ୱରେ ପ୍ରତିଷ୍ଠିତା। ଅନ୍ୟ ପୀଠମାନଙ୍କ ଭଳି ଏହି ପୀଠରେ କୌଣସି ପଶୁବଳି ଦିଆଯାଇ ନଥାଏ। ଏହା ହେଉଛି ଏହି ପୀଠର ଅନନ୍ୟ ତଥା ବିଶେଷ ପରମ୍ପରା। କ୍ଷୀର, କଦଳୀ, ନଡ଼ିଆ ଏବଂ ଫଳ ହେଉଛି ମା'ଙ୍କର ଅତି ପ୍ରିୟ ଭୋଗ। ଏଠାରେ ମା'ଙ୍କୁ ସକାଳେ ମଙ୍ଗଳଆଳତି ସହ ମଧ୍ୟାହ୍ନରେ ଅନ୍ନପ୍ରସାଦ ସହ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଏବଂ ସନ୍ଧ୍ୟାରେ ଆଳତି ଭୋଗ, ଏଭଳି ଭାବରେ ଦିନରେ ତିନିଥର ପୂଜାର୍ଚ୍ଚନା କରାଯାଇଥାଏ। ମା'ଙ୍କର କାଳୀପୂଜାର ପରମ୍ପରା ସବୁଠାରୁ ଅନ୍ୟତମ ତଥା ନିଆରା। ଏଠାରେ ସପ୍ତଦିନ ବ୍ୟାପୀ ଉତ୍ସବ ପାଳନ କରାଯାଇଥାଏ। ଏହି ସାତଦିନରେ ମା' ୧.ବେଦମାତା, ୨. ମହାକାଳୀ, ୩. ସିଂହବାହିନୀ, ୪. ଜଗଦ୍ଧାତ୍ରୀ, ୫. ରାଜରାଜେଶ୍ୱରୀ, ୬. ମହାଲକ୍ଷ୍ମୀ ଏବଂ ୭. ମହାସରସ୍ୱତୀ ବେଶ ଧାରଣ, ଏହିଭଳି ଭାବରେ ସାତଟି ବେଶ ଧାରଣ କରି ପୂଜା ପାଇଥାନ୍ତି। ମା'ଙ୍କ ମନ୍ଦିର ଉଭୟ ପାର୍ଶ୍ୱରେ ଜୟ ଏବଂ ବିଜୟ ମୂର୍ତ୍ତି ସ୍ଥାନିତ ହୋଇଛି। ପଞ୍ଚ ଦେବତା ତଥା ପ୍ରଭୁ ଶ୍ରୀମନ୍ ନାରାୟଣ, ଦେବ ଦେବ ମହାଦବେ, ଅଗ୍ରପୂଜ୍ୟ ଗଜାନନ, ସୂର୍ଯ୍ୟନାରାୟଣ ଏବଂ ଦେବୀ ଦୁର୍ଗାଙ୍କର ମୂର୍ତ୍ତି ପୂଜା ପାଉଥିବା ବେଳେ, ପତିତପାବନ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ମଧ୍ୟ ଅନ୍ୟ ଏକ ମନ୍ଦିରରେ ସ୍ଥାପିତ କରାଯାଇ ପୂଜାର୍ଚ୍ଚନା ମଧ୍ୟ କରାଯାଇଥାଏ। ବାର ମାସରେ ତେର ପର୍ବ ମଧ୍ୟ ମା'ଙ୍କ ପୀଠରେ ପାଳନ କରାଯାଇଥାଏ। ମା'ଭଦ୍ରକାଳୀଙ୍କୁ ମଧ୍ୟ ପରମ ବୈଷ୍ଣବୀ ଭାବରେ ନାମିତ କରାଯାଇଛି। ଭକ୍ତର ଦୁଃଖଦ ମନସ୍କାମନା ମା' ତୁରନ୍ତ ପୂରଣ କରିଥାନ୍ତି ତେଣୁ ତାଙ୍କୁ ବରଦାୟିନୀ ବୋଲି ମାନ୍ୟତା ଦିଆଯାଇଛି।

ମଙ୍ଗଳବାର ହେଉଛି ମା'ଙ୍କର ଅତି ପ୍ରିୟ ବାର ହୋଇଥିବାରୁ ହଜାର ହଜାର ଶ୍ରଦ୍ଧାଳୁ ମଧ୍ୟ ଏଠାରେ ଏକତ୍ରିତ ହୋଇ ମା'ଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଲାଭ କରିଥାନ୍ତି। ଦେଶ ବିଦେଶରୁ ମଧ୍ୟ ଅନେକ ଶ୍ରଦ୍ଧାଳୁ ମା'ଙ୍କ ପରିଦର୍ଶନରେ ଆସିଥାନ୍ତି। ଏଠାରେ ବାରମାସରେ ତେର ପର୍ବ ପାଳନ ପୂର୍ବକ ରଥଯାତ୍ରାରେ ପ୍ରଭୁ ବଳଭଦ୍ର, ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରାଙ୍କୁ ରଥାରୂଢ଼ କରାଯାଇ ପବିତ୍ର ରଥଯାତ୍ରା ଉତ୍ସବ ମଧ୍ୟ ପାଳନ ଅତି ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଥାଏ। ଚଇତ୍ର ମାସରେ ଚଇତିଘୋଡ଼ାର ନାଚ ମଧ୍ୟ ଏ ପରିବେଶକୁ ଆହୁରି ଆନନ୍ଦମୁଖର କରି ଗଢ଼ିତୋଳେ। ଶାନ୍ତ ନିର୍ମଳ ଏବଂ ମନୋରମ ପୂତ ପବିତ୍ରମୟ ପରିବେଶ ମଧ୍ୟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା ଏ ଅଞ୍ଚଳକୁ ଆହୁରି ଉତ୍ସବମୁଖର କରି ଗଢ଼ିତୋଳେ। ରଜସଂକ୍ରାନ୍ତି ଦିନ ମା'ଙ୍କର ସୁବର୍ଣ୍ଣବେଶ ଅତ୍ୟନ୍ତ ଉଲ୍ଲାସଦାୟକ, ରଜ ତିନିଦିନ ଧରି ମା'ଙ୍କ ପାଖରେ ଭିଡ଼ ଲାଗିରହେ। ଦୋକାନବଜାର ମଧ୍ୟ ପଡ଼େ, ଦୂରଦୂରାନ୍ତରୁ ଅନେକ ଭକ୍ତ ମା'ଙ୍କ ଦର୍ଶନ ଲାଗି ଆସି ମେଳା କରିଥାନ୍ତି। ଶକ୍ତି ସ୍ୱରୂପିଣୀ ସନ୍ତାନବତ୍ସଳା ବରଦାଦାୟିନୀ ମା'କାଳୀଙ୍କୁ ଭକ୍ତି ଆରାଧନା କରି ସଂସାରର ଦୁଃଖ ଶୋକର ପରିତ୍ରାଣ ଲାଭ କରିବା ପାଇଁ ଯୁଗେ ଯୁଗେ ଭକ୍ତ ନିରନ୍ତର ବିଶ୍ୱାସ କରି ଆସିଛି। ମା'ର ପଣତକାନି ସନ୍ତାନ ପାଇଁ ସର୍ବୋତ୍କୃଷ୍ଟ ସ୍ଥାନ। ମା'ର କରୁଣା ହେଲେ ସନ୍ତାନ ସମସ୍ତ ଦୁଃଖ ଶୋକରୁ ପରିତ୍ରାଣ ପାଇ ପାରିବ। ମା' ଖୁସିରେ ସନ୍ତାନ ସୁଖୀ ହୁଏ। ଏହାର ବ୍ୟତିକ୍ରମ ହେଲେ ସନ୍ତାନ ଦୁଃଖରେ ପଡ଼ିଥାଏ। ଦୁଷ୍ଟ ମାନଙ୍କ ପାଇଁ ମା' ଭୟଙ୍କରୀ, ଦୁଷ୍କର୍ମୀଙ୍କ ପାଇଁ ସଂହାର କାରିଣୀ ହେଲେ ସାଧୁମାନଙ୍କ ପାଇଁ ମା' କରୁଣାମୟୀ, ସ୍ନେହମୟୀ ଜନନୀ ଭାବରେ ଆବିର୍ଭୁତା। ମା' ଦୟା, କ୍ଷମା, କରୁଣା, ପ୍ରେମ, ସ୍ନେହ, ଆନନ୍ଦ, ଶାନ୍ତି, ମମତା, କଲ୍ୟାଣମୟୀ। ପରମବୈଷ୍ଣବୀଙ୍କୁ ଶୁଦ୍ଧପୂତ ଭକ୍ତିନୈବେଦ୍ୟ ଅର୍ପଣ ପୂର୍ବକ ବନ୍ଦାପନା କରି ମା'ର ଅପାର କରୁଣା ଲାଭ କରିପାରିଲେ ସାରା ସଂସାର ଆନନ୍ଦମୟ ହୋଇ ଉଠିବ। ମା' ଆମକୁ ସଦ୍‌ଗତି, ସଦ୍‌ଚିନ୍ତାରେ ସହାୟକ ହୁଅନ୍ତୁ। ପ୍ରତିକ୍ଷଣ ଆମର ଦୁଃଖ ଦୂର କରି ମାଆର ପରୋପକାର ନୀତି, ଆଦର୍ଶମୟ ଜୀବନ ଆମକୁ ପ୍ରେରିତ କରନ୍ତୁ। ମା'ର ଆଶୀର୍ବାଦ ଯିଏ ପାଏ ତା'ର ଏ ସଂସାରରେ କାହାକୁ ଭୟ ନଥାଏ ମାତ୍ର ଯିଏ ମା'ର ଆଦେଶକୁ ଉଲଘଂନ କରେ, ନୀତି ନିୟମକୁ ଭାଙ୍ଗିଦିଏ, ସିଏ କାଳର କରାଳ ଗର୍ଭରେ ଲୀନ ହୋଇଯାଏ। ଚିତ୍ର ଯେପରି ଚରିତ୍ର ଶିକ୍ଷା ଦେଇଥାଏ। ମା' ମାତୃସ୍ୱରୂପିଣୀ ମହାମାୟା ଯୋଗମାୟା ଶକ୍ତିମୟୀ ମୁଣ୍ଡମାଳିନୀ, ବିଶ୍ୱକଲ୍ୟାଣମୟୀ ସେହିପରି ଏ ଧରାରେ କେତେବେଳେ କେଉଁ ରୂପରେ ଅବତାର ଧାରଣ କରି ଆମକୁ ଶିକ୍ଷା ଦେଇଥାନ୍ତି। ହେ ମନୁଷ୍ୟ ତୁମର ସମସ୍ତ ରାଗ, ହିଂସା, ଦ୍ୱେଷ, ଅହଙ୍କାରକୁ ସାଥିରେ ଧରି ନିଜକୁ ଅହଂକାରୀ, ଗର୍ବି ଭାବରେ ପରିଚୟ ଦିଅନାହିଁ। ନିଜକୁ ସବୁଠାରୁ ଜ୍ୟେଷ୍ଠ ବା ଶ୍ରେଷ୍ଠ ନ ମଣ। ପ୍ରବଳପ୍ରତାପି ମହିଷାସୁର ହେଉ ଅବା ମହାକୋପି ରାବଣ ହେଉନା କାହିଁକି ସମସ୍ତ ଦୁଷ୍ଟ ଶକ୍ତି ମାତୃଶକ୍ତି ଆଗରେ ହାର୍ ମାନିଛି। ତେଣୁ ଏହି ପବିତ୍ର ଦିବସରେ ମାତା ଆମକୁ ମତି ନିର୍ବାଣରେ ସହାୟକ ହୁଅନ୍ତୁ। ଜୀବନର ପ୍ରତିଟି କ୍ଷଣ ଆମକୁ ଦୂରିତ ଦୂର କରି ଆମକୁ ପ୍ରେରିତ, ଉତ୍ସାହିତ କରନ୍ତୁ। ଏହି ଦିବ୍ୟ ସନ୍ଦେଶକୁ ପାଥେୟ କରି ହୃଦୟରେ ସଭକ୍ତି ତଥା ପ୍ରସନ୍ନଚିତ୍ତକୁ ବହନ କରି, ଜୀବନକୁ ଯଥୋଚିତ ଭାବରେ ସଦ୍ ବ୍ୟବହାର କରି, ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ମାଆର ଆଶିଷକୁ ନେଇ ବଞ୍ଚିବା।

ବିଶ୍ୱବିଜୟୀ ଦାଶ
ସ୍ତମ୍ଭକାର ତଥା ଶିକ୍ଷାବିତ୍
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ-୬୩୭୦୨୦୮୪୨୮

# କଳିଙ୍ଗ ଗଡ଼ର କନିଷ୍ଠ ଯୋଦ୍ଧା ବାଜି ରାଉତ

ଭାରତବର୍ଷକୁ ସ୍ୱାଧିନ କରିବା ପାଇଁ ଯେଉଁ ବୀର ବିପ୍ଲବୀ ଗଣ ଭାରତୀୟ ସ୍ୱାଧିନତା ଆନ୍ଦୋଳନରେ ନିଜକୁ ସଂପୂର୍ଣ୍ଣ ଭାବେ ନିୟୋଜିତ କରିଥିଲେ ସେହି ମାନଙ୍କ ମଧ୍ୟରେ ଭାରତର କନିଷ୍ଠ ସ୍ୱାଧିତନା ସଂଗ୍ରାମୀ ହେଉଛନ୍ତି ବାଜି ରାଉତ। ୧୯୬୧ ମସିହା ଅକ୍ଟୋବର ୫ ତାରିଖରେ ବାଜି ରାଉତ ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ନୀଳକଣ୍ଠପୁର ଗ୍ରାମରେ ଜନ୍ମ ନେଇଥିଲେ। ପିଲାଟି ବେଳୁ ବାପାଙ୍କୁ ହରାଇ ସେ, ମାଆଙ୍କ ଦ୍ୱାରା ପ୍ରତିପାଳିତ ହୋଇଥିଲେ । ହେତୁ ପାଇବା ପରେ ଢେଙ୍କାନାଳ ରାଜାଙ୍କ ଅତ୍ୟାଚାରକୁ ଅନୁଭବ କରିପାରିଥିଲେ। ଅତି କୋମଳ ବୟସରୁ ବାଜିଆ ରାଜାଙ୍କ ବିରୋଧରେ ହୋଇଥିବା ପ୍ରଜାମଣ୍ଡଳରେ ସାମିଲ ହୋଇଥିଲେ। ମୋଗଲବନ୍ଦୀ ଅଞ୍ଚଳରେ ଜମିଦାର ଓ ଗଡଜାତ ଅଞ୍ଚଳରେ ରାଜା ଶାସନ ନାମରେ ପ୍ରଜାଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ। ଶୋଷଣ, ବେଠି, ବେଗାରି, ଜୋର ଜବରଦସ୍ତ ଟିକସ ଅସୁଲ, ମନମୁଖି ଶାସନ, ମିଥ୍ୟା ମୋକଦ୍ଦମାରେ ଜର୍ଜରିତ ହେଉଥିଲେ ଗଡଜାତବାସୀ । ସମୟେ ସମୟେ ଗଡଜାତ ଅଞ୍ଚଳରେ ଏହି ଶୋଷଣ କଷଣରେ ବିରୋଧରେ ଅସନ୍ତୋଷ ପ୍ରକାଶ ପାଇ ବିସ୍ଫୋରଣର ରୂପ ଧାରଣ କରୁଥିଲା, କିନ୍ତୁ ଇଂରେଜ ସରକାର ତାକୁ କଳେବଳେ କୌଶଳେ ଦମନ କରିବାରେ ଲାଗିଥିଲେ। ଏହି ସବୁ ଗଡଜାତ ହେଉଥିବା ଆନ୍ଦୋଳନ ସେତେବେଳେ ସମଗ୍ର ଭାରତବର୍ଷରେ ଆଲୋଡନ ସୃଷ୍ଟି କରିଥିଲା । ସେଦିନ ଥିଲା ୧୯୩୮ ମସିହା ଅକ୍ଟୋବର ମାସ ୧୧ ତାରିଖ ଅନ୍ଧାରିଆ ରାତିରେ ପ୍ରଜାମଣ୍ଡଳର କେତେଜଣ ସ୍ୱେଚ୍ଛାସେବୀଙ୍କ ସହ ବ୍ରାହ୍ମଣୀ ନଦୀ ଘାଟରେ ଡଙ୍ଗା ଜଗି ରହିଥିଲେ ବାଳକ ବାଜି ରାଉତ । ସେ ପ୍ରଜାମଣ୍ଡଳର ସିପାହୀ ସାଜିଥିଲେ। ଘାଟ ଡଙ୍ଗା ଜଗିବା ସେଦିନ ତାଙ୍କର ପାଳିଥିଲା। କାରଣ ପ୍ରଜାମଣ୍ଡଳର ହୁକୁମ ଥିଲା, ନଦୀଘାଟରୁ ଦୁରରେ ଡଙ୍ଗା ଲୁଚେଇ ରଖିବ, ଗୋରା ଫଉଜ ମାନେ ଯେପରି ନଦୀ ପାର ନହୁଅନ୍ତି, ସେମାନଙ୍କ ଗତିବିଧି ଉପରେ ନଜର ରଖି କ୍ୟାମ୍ପକୁ ଖବର ଦେବ, ଆଉ ପ୍ରଜାମଣ୍ଡଳର ସାଥୀଙ୍କୁ ନିରାପଦରେ ପାରି କରାଇବ। ଆଶଙ୍କାକୁ ସତ କରି ପୋଲିସ ମାନେ ପ୍ରଜାମଣ୍ଡଳ ଆନ୍ଦୋଳନ ଦମନ କରିବାକୁ ଆସିଲେ। ମାତ୍ର ସେମାନଙ୍କ ଆଦେଶ ସତ୍ତ୍ୱେ ବାଜି ରାଉତ ଘାଟରୁ ଡଙ୍ଗା ଫିଟାଇଲେ ନାହିଁ। ପୋଲିସର ଧମକ ଚମକ ପରେ ମଧ୍ୟ କିଛି ଲାଭ ନହେବାରୁ, ସେମାନେ ତାଙ୍କୁ ସେଇଠି ଗୁଳି କରି ହତ୍ୟା କଲେ । ଏହା ପରେ ଡଙ୍ଗା ମଝି ନଇ କୂଳରେ ଥିବା ଲୋକଙ୍କୁ ଗୁଳି ଚାଳନା କରିଥିଲେ । ଏହା ଯୋଗୁଁ ପ୍ରାୟ ୭ ଜଣ ଶହୀଦ ହୋଇଗଲେ। ସେହି କଳିଙ୍ଗ ଗଡ଼ର କନିଷ୍ଠ ଯୋଦ୍ଧା ଓଡ଼ିଆ ଜାତିର ପ୍ରାଣ ରକ୍ଷା କରିବାକୁ ଯାଇ ଆଜିର ଦିନରେ ସହିଦ୍ ହୋଇଗଲେ। ସର୍ବ କନିଷ୍ଠ ବାଜି ରାଉତ ଥିଲେ ମୁକ୍ତି ସଂଗ୍ରାମର ଅନ୍ୟତମ ସଂଗ୍ରାମୀ ଓ ଗଡଜାତର ସୂର୍ଯ୍ୟ। ପଙ୍କରୁ ପଦ୍ମ ଜନ୍ମ ନେଲା ପରି ଏକ ଅନ୍ଧାରୀ ମୁଲକରେ ଜନ୍ମ ହୋଇଥିଲେ ମଧ୍ୟ ସେ ସାରା ଜାତି ଓ ନିଜର ଜନ୍ମଭୂମି ପାଇଁ ଜୀବନ ଉତ୍ସର୍ଗ କରି ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏକ ପ୍ରେରଣାର ଉତ୍ସ ହୋଇ ରହିଗଲେ।

ସେଦିନ ଚିତାଗ୍ନି ପାଖରେ ଥାଇ କବି ସଚ୍ଚି ରାଉତରାୟ ଗାଇ ଉଠିଲେ –
" ନୁହେଁ ବନ୍ଧୁ ନୁହେଁ ଏହା ଚିତା
ଏ ଜାତି ତିମିର ତଳେ ଏ ଅଲିଭା ମୁକତି ସଳିତା
ନୁହେଁ ଏହା ଜଳି ଯିବା ପାଇଁ
ଏହାର ଜନମ ଏଥି ଜାଳି ପୋଡି ଦେବାରୁ ଧସାଇ............।" ସେହି ବୀର ବିପ୍ଳବୀ ବାଜି ରାଉତଙ୍କ ତ୍ୟାଗପୂତ ଜୀବନକୁ କୋଟି କୋଟି ପ୍ରଣାମ।



ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
ମୋ-୯୯୩୭୧୫୧୦୫୨

# ସାକ୍ଷରତା ଓ ମାନବ ସମ୍ବଳ ବିକାଶ

ସାକ୍ଷରତା କେବଳ ଏକ ଅଧିକାର ନୁହେଁ ବରଂ ସାମାଜିକ ଓ ମାନବିକ ବିକାଶର ମାଧ୍ୟମ ଅଟେ । ତେଣୁ କୌଣସି ଦେଶର ବାସ୍ତବ ବିକାଶ ସେ ଦେଶର ସାକ୍ଷରତା ସହ ଅଙ୍ଗାଙ୍ଗୀଭାବେ ଜଡିତ । ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ପୁରୁଷ ମହିଳା ଲିଙ୍ଗାନୁପାତ ହ୍ରାସ ଓ ଉଚ୍ଚମାନର ଜୀବନଧାରଣର ମାନକୁ ଏହା ସିଧାସଳଖ ପ୍ରଭାବିତ କରେ । ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଉର୍ଦ୍ଧ୍ୱ । ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର । ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ। କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି। ଏକ ସର୍ବେକ୍ଷଣରୁ ଯଣାପଡିଛିଯେ ଏବେବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଉର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି। ଶିକ୍ଷା ଗୋଟିଏ ଜାତିର ସମ୍ପଦ, ପରିଚୟ ଓ ସ୍ୱୀକୃତି। ଯେଉଁ ଦେଶ ଯେତେ ଶିକ୍ଷିତ, ସେ ଦେଶ ସେତେ ଉନ୍ନତ। ଏହା ଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ । ଏହି କଥାକୁ ଦୃଷ୍ଟିରେ ରଖି ୧୯୬୬ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ୮ ତାରିଖକୁ ଆନ୍ତର୍ଜାତିକ ସାକ୍ଷରତା ଦିବସ ରୂପେ ପାଳନ କରାଯାଉଅଛି। ସେଥିପାଇଁ ୟୁନେସ୍କୋ ତରଫରୁ ଚଳିତ ବର୍ଷ ଆନ୍ତର୍ଜାତିକ ସାକ୍ଷରତା ଦିବସର ବିଷୟବସ୍ତୁ ଥିଲା– "ବହୁଭାଷୀ ଶିକ୍ଷାକୁ ପ୍ରୋତ୍ସାହନ – ସାକ୍ଷରତା ପରସ୍ପର ବୁଝାବଣା ଓ ଶାନ୍ତି ପାଇଁ ଉଦ୍ଦିଷ୍ଟ ।" । ବିଶେଷକରି କମ୍ପ୍ୟୁଟର,ଇଣ୍ଟରନେଟ୍, ମୋବାଇଲ, ହ୍ୱାଟସଆପ୍, ଫେସବୁକ୍ ଓ ଟ୍ୱିଟର ସମଗ୍ର ବିଶ୍ୱକୁ ଏକ ଛୋଟିଆ ଗାଆଁରେ ପରିଣତ କରିଥିବା ବେଳେ ସାକ୍ଷରତାର ପରିସର ବ୍ୟାପକ ହେବା ଦରକାର । କାରଣ ଏହାଦ୍ୱାରା ମାନବ ସମ୍ବଳର ପ୍ରକୃତ ବିକାଶ ହୋଇପାରିବ।

ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ। ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର । ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ । କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨% । ଆମ ଓଡିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ ଯାହାକି ଜାତୀୟ ହାର ଠାରୁ କମ୍ । ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ ।

ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା। ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି। ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୂପ। ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢ ଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ ହେଉଛି । ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି। ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି। ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଏହାଦ୍ୱାରା ୬ ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି। ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ୍ୟ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି ।

ସବୁଠୁ ବଡ କଥା ହେଉଛି ନାରୀ ସାକ୍ଷରତା କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ନୁହେଁ । ଗୋଟିଏ ଲୋକକଥା ଅଛି – "ଝିଅ ହେଲେ ପାଠୋଇ, ଦେଶ ଯିବ ଆଗେଇ" । ଦିନେ କେବେ ବ୍ୟାସକବି ଫକିର ମୋହନଙ୍କ ଆଖି ଦେଖା କଥାରେ ପାଠପଢି ବସିଥିବା ଝିଅ ରେବତୀକୁ ତା ବୁଢୀ ମା କହିଥିଲା – ରେବତୀ ପାଠ ପଢିବ ! ଘର ଉଜୁଡି ଯିବ । ହେଲେ ରେବତୀ ଆଜି ଅର୍ଗଳିରୁ ବାହାରି ଯାଇ ପାଠ ପଢିଛି । ପୁଅମାନଙ୍କ ସହ ତାଳ ଦେଇ ଅନେକରେ ଏକ ହୋଇଛି। ତଥାପି ସଂଗ୍ରାମ ସରିନାହିଁ। ନାରୀଶିକ୍ଷାର ପ୍ରସାର ଓ ପ୍ରଚାର ପାଇଁ ଅଣ୍ଟାଭିଡି ବାହାରିଥିବା ମଲାଲାକୁ ତାଲିବାନଙ୍କ ଗୁଳିମାଡର ଆଘାତ ସହିବାକୁ ପଡିଛି । ଆଜି ବି ବିଶ୍ୱର ବିଭିନ୍ନ ଦେଶରେ ପୁରୁଷ ସାକ୍ଷରତା ତୁଳନାରେ ନାରୀ ସାକ୍ଷରତା ହାର ପଛରେ ରହିଛି । ସମଗ୍ର ବିଶ୍ୱରେ ନାରୀ ସଶକ୍ତିକରଣର ସ୍ଲୋଗାନ ଦିଆଯାଉଥିବା ବେଳେ ନାରୀ ସାକ୍ଷରତା ହାର ବୃଦ୍ଧି କରାଯିବା ଉପରେ ଅଗ୍ରାଧିକାର ଦିଆଯିବା ଉଚିତ୍ । କାରଣ ନାରୀ ଜାଗିଲେ, ପରିବାର ଜାଗିବ,ପରିବାର ଜାଗିଲେ, ଦେଶ ଜାଗିବ ଓ ଦେଶ ଜାଗିଲେ, ବିଶ୍ୱ ଜାଗିବ। ଏକଥା ଆମକୁ ମନେ ରଖିବାକୁ ହେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ମା'ଙ୍କ ଆଶୀର୍ବାଦ

ଶିବାଶିଷ ପାଢ଼ୀ

ଜଣେ ଖାଉଥିବ ଆଉ ଜଣେ ଦୂରରୁ ଦେଖୁଥିବ। ଜଣଙ୍କ ପେଟ ଭରୁଥିବ ଆଉ ଜଣଙ୍କ ଭୋକ ବଢୁଥିବ। ବଡ଼ ବିଚିତ୍ର ଏ ସ୍ଥିତିଥିଲା ସେଠାରେ। ରାଉରକେଲାର ଅନ୍ୟତମ ବ୍ୟସ୍ତ ବହୁଳ ଭୋଜନାଳୟ। ଭିଡ଼ ଏମିତି ଯେ ଖାଇବାପାଇଁ କିଛି ସମୟ ଅପେକ୍ଷା କରିବାକୁ ବି ପଡେ।
ଠିକ ସାମ୍ନାରେ ବସିଥିଲେ ବୁଢ଼ୀଜଣକ। ବୟସ କଳନା କରିବା ସମ୍ଭବ ନୁହେଁ। ଏମିତିରେ ଦାରିଦ୍ର୍ୟତା ବୋଧେ ବୟସର ଗତିକୁ ଶୀଘ୍ର ବଢ଼ାଉଥାଏ ଏଣୁ ଗରିବ ଲୋକେ କମ ବୟସରେ ବି ବୁଢ଼ା ଲାଗନ୍ତି ଏଇଠି କିନ୍ତୁ ମୋ ହିସାବରେ ଅଶି ପାଖାପାଖି ହେବ। ଚମ ଧୁଡୁଧୁଡୁ ଶରୀରଟିଏ। ଭଲରେ ଆଖି ବି ଦେଖା ଯାଉନଥିବ। ଦେଖା ଯାଉଥିଲେ ଗୋଟିଏ କପଡା ଗଣ୍ଠିଲି ଭଳିଆ । କେବଳ ଦେଖା ଯାଉଥିଲା ସେ ଗଣ୍ଠିଲି ଉପରକୁ ଦେଖା ଯାଉଥିବା ବେକ ଓ ତା ଉପରେ ସେ ନିରୀମାଖି ଚେହେରା। ଆଉ ଲମ୍ବିଥିଲା ଚମଡା ଆଚ୍ଛାଦିତ ସେ ହାତଟି ।
ଆମର କାମ ସରୁସରୁ ସାମାନ୍ୟ ଡେରି ହୋଇ ଯାଇଥିଲା। ପ୍ରବଳ ଭୋକ ହେଉଥିଲା। ମୋ ସହ ଥିଲା ଆମର ପିଅନ ସୁରେଶ। ସେ ହୋଟେଲ ସାମ୍ନାରେ ବାଇକ ରଖୁରଖୁ ମୁଁ ଯେମିତି ଡେଇଁ ପଡ଼ିଥିଲି ବାଇକରୁ। ତରତର ହୋଇ ଯାଉଥିଲି ମୁଁ କିନ୍ତୁ ସେ ହାତ ଦେଖି ଯେମିତି ହଠାତ କମିଗଲା ମୋ ଭୋକ। ଅଟକିଗଲା ପାଦ।
ମୋ ପାଖରେ ଖୁଚୁରା ପଇସା ନଥିଲା ଏଣୁ ସୁରେଶ ଆସିବାଯାଏଁ ପ୍ରତୀକ୍ଷା କରିଥିଲି ମୁଁ। ତା ଠାରୁ କୋଡିଏଟଙ୍କା ନେଇ ବୁଢ଼ୀଙ୍କୁ ନମସ୍କାରଟିଏ କରି କହିଥିଲି ମା ଆଶୀର୍ବାଦ କରନ୍ତୁ ।
ଆଶୀର୍ବାଦ କରିବା ବଦଳରେ କିନ୍ତୁ ହାତ ଠାରି ଡାକିଥିଲେ ସେ। ଭାବିଲି ବୋଧେ କୋଡିଏ ଟଙ୍କା କମ ହେଲା କି ?
ସେ କିନ୍ତୁ ମୋ ଟଙ୍କାକୁ ମୋତେ ଫେରାଇଦେଇ କହିଥିଲେ -ବାବୁ ସାଧା ମିଲଟିଏ କହି ଦିଅନ୍ତୁ ନାହିଁ ?
ନିଶ୍ଚୟ ମା, ଆସନ୍ତୁ ମୋ ସହ। ଖୁସିରେ କହିଥିଲି ମୁଁ।
ଆଣିଦେବୁ ବାବୁ। କହିଥିଲେ ସେ।
ପ୍ରଥମେ ଏକ ସାଦାମିଲ ପ୍ୟାକିଙ୍ଗ କରିବା ପାଇଁ ମୁଁ କାଉଣ୍ଟରରେ କହିବା ମାତ୍ରକେ ହସିଦେଲେ ହୋଟେଲ ମାଲିକ। କହିଥିଲେ ବୁଢ଼ୀ ପାଇଁ କି ଆଜ୍ଞା ?
ହଁ ଆଜ୍ଞା ସେ ପ୍ରଥମେ ଖାଆନ୍ତୁ କିନ୍ତୁ ଆପଣ କେମିତି ଜାଣିଲେ ? ଆଶ୍ଚର୍ଯ୍ୟ ହେଉଥିଲି ମୁଁ।
ଚାରିଟା ଗଲାଣି , ଆଉ ଗୋଟିଏ ମିଲ ତାକୁ ଦରକାର ତ। ମୁଁ ସେଇଠୁଁ ଆଉ ଆପଣଙ୍କ ମାଗିବା ତରିକାରୁ ଜାଣୁଛି। ସବୁଦିନ ସେ ପାଞ୍ଚଟା ମିଲ ନିଏ। କଣ କେଉଁଠି ବିକ୍ରିବଟା କରନ୍ତି କି କଣ। ମୁଁ ଭୋକରେ ଅଛନ୍ତି ବୋଲି ସିନା ଦେଉଛି। ଏମିତି ତ ହେବା କଥା ନୁହେଁ। ଆଉ ଆପଣ ବି ଏମିତି ଲୋକଙ୍କୁ କାହିଁକି ଗେଟ ପାଖରେ ବସିବାକୁ ଅନୁମତି ଦେଉଛନ୍ତି। ସାମାନ୍ୟ ବିରକ୍ତ ହେଉଥିଲି ମୁଁ କିନ୍ତୁ ସେତେବେଳକୁ ଗମ୍ଭୀର ହୋଇଯାଉଥିଲେ ହୋଟେଲ ମାଲିକ। କହିଥିଲେ -
ସେ ନିଜେ ଅସହାୟ କିନ୍ତୁ ତାଙ୍କ ଦମ୍ଭ ଦେଖନ୍ତୁ ଏଇ ବୟସରେ ବି ଚାରିଚାରିଟି ଅସହାୟ ଛୁଆଙ୍କୁ ସାହାରା ଦେଇଛନ୍ତି। ସେମାନଙ୍କ ଭଲମନ୍ଦ ସବୁ ବୁଝନ୍ତି। ସ୍କୁଲରେ ପାଠ ପଢ଼ାଉଛନ୍ତି। ସେମାନଙ୍କ ଖାଇବା ନହେଲା ଯାଏଁ ସେ ଏମିତି ବସନ୍ତି।
ସବୁଦିନ କଣ ମିଳିଯାଏ ? ଭାବପ୍ରବଣ ହୋଇଯାଉଥିଲି ମୁଁ।
ପ୍ରାୟ ମିଳିଯାଏ ଆଜ୍ଞା। ଦେଖନ୍ତୁ ଏତେ ଲୋକ ଏଇଠିକୁ ଆସନ୍ତି ସେ ଭିତରୁ କିଏ ଦେବ ସେ ଜାଣିଯାଆନ୍ତି। ଆଉ କେଉଁ ଦିନ କିଛି ନହେଲେ ମୁଁ ଦିଏ।
କଣ କରିବା ଆଉ ? କହି ମୋ ହାତକୁ ପାର୍ସଲଟିକୁ ବଢ଼ାଇ ଦେଇଥିଲେ ସେ। ତାଙ୍କୁ ଉତ୍ତର ନଦେଇ ମୁଁ ଧାଇଁଥିଲି ବାହାରକୁ। ପୁଣି ନମସ୍କାର କରିଥିଲି। ଅତ୍ୟନ୍ତ ଖୁସିରେ ଆଶୀର୍ବାଦ ଦେଇଥିଲେ ସେ। କିଛି କହି ନଥିଲେ କିନ୍ତୁ ଏକ ଚମତ୍କାର ହସ ହସୁଥିଲେ। ସେଇ ହସରେ ବୁଡ଼ି ଯାଇଥିଲି ମୁଁ। କେତେବେଳେ ମୁଁ ଖାଇ ସାରିଲିଣି ଜାଣି ପାରି ନଥିଲି। ଆମେ ଖାଇସାରି ବାହାରିବା ବେଳକୁ ସେ ଆଉ ନଥିଲେ।
ଫେରୁଥିଲୁ ଆମେ। ନବରାତ୍ର ଚାଲୁଥିଲା। ପାଖ ମନ୍ଦିରରୁ ଶୁଣା ଯାଉଥିଲା ଦେବୀଙ୍କ ଆବାହନୀ ମନ୍ତ୍ର। ସାର, ଆପଣ କହିଥିଲେ ଫେରିବା ବେଳେ ଦର୍ଶନ କରିବା ପରା। ସୁରେଶ ମନେ ପକାଉଥିଲା ମୋତେ। ନାଁ ସୁରେଶ, ଦର୍ଶନ ହେଲା ଯେ। ମା'ଙ୍କ ଆଶୀର୍ବାଦ ବି ତ ମିଳିଲା। ଆଉ କଣ ଦରକାର ମୁଁ କହିଥିଲି । ମୋତେ ଏବେ ବି ବୁଢ଼ୀଙ୍କ ସେ ହସହସ ଚେହେରା ଦେଖା ଯାଉଥିଲା ଆଉ ଦେଖା ଯାଉଥିଲା ସେ ହାତ। ଏବେ କିନ୍ତୁ ସେ ବୁଢ଼ୀ ସେମିତି ନିରୀମାଖି ନଥିଲେ ବରଂ ଦେବୀଙ୍କ ପୋଷାକରେ ଦେବୀଙ୍କ ପରି ଚମକୁଥିଲେ। ଗାଡି ଆଗକୁ ବଢ଼ାଇଥିଲି ମୁଁ।



ହେମଗିର, ସୁନ୍ଦରଗଡ଼
ମୋ-୯୭୭୮୧୭୪୯୭୮

# ଓଡ଼ିଆଣୀଙ୍କ ଧର୍ମ

ପଙ୍କଜ କୁମାର ପାଣିଗ୍ରାହୀ



ସ୍ୱାମୀ ଅବାକ ହୋଇ - ଗାଲକୁ ଆଉଁସି ପଚାରିଲେ କ'ଣ ଖରାବେଳେ ତରକାରୀ ଭଲ ହୋଇନଥିବା ହେତୁ ଗାଳି ଦେଲି ବୋଲି ?
ସ୍ତ୍ରୀ -ନାଇଁମ ସେମିତି କଣ ହୁଏ ? ଆମେ ପରା ଓଡ଼ିଆ ଘରର ଝିଅ । ଭଲା ସ୍ୱାମୀଙ୍କ ଉପରକୁ ହାତ ଉଠାଇ ପାରିବୁ!
ସ୍ୱାମୀ-ଆଉ କ'ଣ ହାତଟା ପଡୁ ପଡୁ ବାଜିଗଲା ?
ସ୍ତ୍ରୀ-ନାଇଁ ନାଇଁ ସେମିତି କିଛି ନାହିଁ । ମୁଁ ଗୋଟେ ତୁମର ସ୍ତ୍ରୀ ଯିଏ ଅଗ୍ନିକୁ ସାକ୍ଷୀ ରଖି ମୋ ବାପା ମାଙ୍କ ଦଶ ଲକ୍ଷ ଖର୍ଚ୍ଚ କରି ବନ୍ଧୁ ବାନ୍ଧବ ମାନଙ୍କୁ ଖାଇବା ପିଇବା ଲୁଗା ପଟା ଦେଇ ତୁମକୁ ବିବାହ କରିଛି । ହେଲେ ବିବାହର ୨୦ବର୍ଷ ବିତିଗଲାଣି କେବେ ତୁମ ଗାଲରେ ଏମିତି ଚୁମାଟିଏ ଖୁଲମ ଖୁଲା ଦେଇଛି ? ଯାହା ଏ ଛାର ମଶାଟି ତୁମ ଗାଲରେ ଦଉଛି ! ଆଉ ସେଇଥିପାଇଁ ମୋ ମନରେ ପ୍ରଚଣ୍ଡ କ୍ରୋଧ ସୃଷ୍ଟି ହେଲା, ମୁଁ ନିଜକୁ ନିଜେ ସମ୍ଭାଳି ପାରିଲି ନାହିଁ!
ସ୍ୱାମୀ-ହେଲେ ଏମିତି ବ୍ରହ୍ମ ଚାପୁଡ଼ାଟିଏ ମାରିବ ?
ସ୍ତ୍ରୀ-ନାଇଁବା ପ୍ରଚଣ୍ଡ କ୍ରୋଧରେ ଜାଣି ପାରିଲି ନାହିଁ । ହେଲେ ମୁଁ ଏମିତି କଣ ଯେ ଗୋଟେ କରିଦେଲି ଏତେ କଥା କହୁଛ ? କାଳୀ ତ କ୍ରୋଧରେ ଶିବଙ୍କୁ ପାଦରେ ଦଳି ଦେଇଥିଲେ!
ସ୍ୱାମୀ-ତା ମାନେ ତୁମେ ମଧ କେବେ ଆହୁରି ଅଧିକ କ୍ରୋଧ ହେଲେ ମୋ ବେକରେ ପନିକିଟା ପକାଇ ଦେବ ?
ସ୍ତ୍ରୀ-ନାଇଁ ମ ...ଏମିତି କଣ କହୁଛ ?
ସ୍ୱାମୀ-ନାଇଁ ନାଇଁ ଏଥିରେ ତୁମର କିଛି ଦୋଷ ନାହିଁ । କେବଳ ତୁମର ସେଇ ଶିବ ପୁରାଣ ବିଷ୍ଣୁ ପୁରାଣ ସବୁ ଫିଙ୍ଗି ଦେଲେ ତୁମର ଆଉ ଏମିତି କ୍ରୋଧ ହେବ ନାହିଁ ।
ସ୍ତ୍ରୀ-ସେଗୁଡ଼ା ଫିଙ୍ଗିଦେଲେ ମୁଁ ବଞ୍ଚି ପାରିବି ନାହିଁ ।
ସ୍ୱାମୀ-ଠିକ........ଏଥର ତୁମେ ନିଜେ ନିଜେ ବିଚାର କର ଯେ ମଶା ମୋ ରକ୍ତ ଖାଇବାକୁ ଯେତିକି ଆସକ୍ତ ଥିଲା ତୁମେ ମୋ ପ୍ରତି ସେତିକି ଆସକ୍ତ ନଥିବା ହେତୁ ସେମିତି କରିପାରୁ ନଥିଲ। ମୋ ଠାରୁ ତୁମ ଶିବ, ବିଷ୍ଣୁ ପୁରାଣ ତୁମ ପାଇଁ ବଡ। ଆଉ କହିଲା ବେଳକୁ ଆମେ ଓଡ଼ିଆ ଘରର ଝିଅ ! ତୁମମାନଙ୍କ ଏହିଭଳି ଚିନ୍ତାଧାରା ଯୋଗୁ ଆଜି ଆମର ଏହିଭଳି ପରିସ୍ଥିତି ।

ମୋ-୯୪୩୭୩୨୪୯୧୭

# ପରମ୍ପରା

ପ୍ରଭାତ କୁମାର ମହାପାତ୍ର

ରିନା ବାହାଘର ଏଇ କିଛି ମାସ ତଳେ ହୋଇଥିଲା ଖୁବ୍ ଧୁମ୍ ଧାମରେ। ପରିବାର ବର୍ଗ ଠାରୁ ଆରମ୍ଭ କରି ସାଙ୍ଗ ସାଥୀ ପର୍ଯ୍ୟନ୍ତ ସମସ୍ତେ ରିନା ବାହାଘରରେ ସାମିଲ ହୋଇଥିଲେ। ଛୋଟ ବଡ ଅନେକ ସୁନ୍ଦର ସୁନ୍ଦର ଉପହାର ତାକୁ ଦେଇ ଥିଲେ। ରିନା ଶାଶୁ ଘର ଖୁବ୍ ଭଲ। ଏପରିକି ତା ଶାଶୁ ତା ପାଇଁ ବେଳେ ବେଳେ ଅନେକ କାମ କରି ଦିଅନ୍ତି। ହଠାତ୍ ଆଜି ଏକ ଶୁଭ ସମ୍ବାଦ ରିନା ଶାଶୁ ଘରେ ପହଞ୍ଚିଲା। ତା' ଶାଶୁ ଘରର ଜଣେ ସମ୍ପର୍କୀୟଙ୍କର ବାହାଘର ଆସନ୍ତା ସପ୍ତାହରେ ହେବାକୁ ଯାଉଛି। କେତେ ଖୁସି କେତେ ମଜା ହେବ। ରିନା ନୂଆ କରି ବଡ ବୋହୂ ହେଇଛି। ତା ଉପରେ ଅନେକ ଦାୟିତ୍ୱ। କିପରି ଏତେ ବଡ ଦାୟିତ୍ୱ ସବୁ ତୁଲେଇବ । କହୁ କହୁ ପାଞ୍ଚ ଦିନ ଚାଲିଗଲା। ରିନାର ତତ୍ପରତା ବଢ଼ିବାକୁ ଲାଗିଲା। ଯେତେ ହେଲେ ବି ସେ ନୂଆ। ବାହାଘର ଆଉ ଦୁଇ ଦିନ ରହିଲା। ରିନା ତା ରୁମ୍ ଭିତର ଆଲମାରୀରେ ଥିବା କିଛି ଗହଣା ତଥା କିଛି କପଡ଼ା ଦେଖୁଥିବା ସମୟରେ ତା ଶାଶୁ ହଠାତ୍ ଆସି ପହଁଚିଗଲେ ଏବଂ ପଚାରିବାକୁ ଲାଗିଲେ, ଆରେ ମା..ବାହାଘର ପାଇଁ କିଛି ଉପହାର କିଣିଛୁ ନା ପଇସା ପତ୍ର ଦେବୁ ? ଶାଶୁ ମା'ଙ୍କ ପ୍ରଶ୍ନ ବି ସ୍ୱାଭାବିକ ଥିଲା, କାରଣ ଆଉ ଦୁଇ ଦିନ ହିଁ ବାକି ରହିଲା ବାହାଘର। ରିନା ଉତ୍ତର ଦେଲା, ହଁ ମା. ଆପଣଙ୍କ ତ ମନେ ଥିବ, ସେମାନେ ମୋ ବାହାଘରକୁ କେତେ ଶସ୍ତା ତଥା ବେକାର ଉପହାର ଦେଇଥିଲେ। ଆମେ ମଧ ସେହିଭଳି କିଛି ଉପହାର ଦେଇ ଦେବା।



ରିନାର ଉତ୍ତର ଶାଶୁ ମା'ଙ୍କୁ ଭଲ ଲାଗିଲା ନାହିଁ। ସେ ଏଭଳି ଉତ୍ତର ରିନା ଠାରୁ ଆଶା କରି ନ ଥିଲେ ! ତଥାପି ଅତ୍ୟନ୍ତ ଧୈର୍ଯ୍ୟର ସହ କହିଲେ, କୁକୁର ଆମକୁ କାମୁଡ଼ିଲେ, ଆମେ କଣ କୁକୁରକୁ କାମୁଡିବା ? ଆମେ କଣ ତାଙ୍କର ନକଲ କରିବା ବୋହୂ? ଯେଣାକୁ ତେସା କରିବା କଣ ଆମକୁ ଶୋଭା ଦେବ ? ଆମର ଏକ ସୁସ୍ଥ ବିଚାରଧାରା ଅଛି। କିଏ କ'ଣ ଦେଲା ନେଲା ତାକୁ ଧରି ବସିଲେ ଲୋକେ କଣ ଭାବିବେ କହିଲୁ ମା ? ଆମକୁ ସବୁବେଳେ ନିଜର ସ୍ଥିତି ଅନୁସାରେ ହିଁ କାର୍ଯ୍ୟ କରିବାକୁ ପଡ଼ିବ। କାରଣ ତୋ ଶ୍ୱଶୁରଙ୍କ ଏହି ଖଣ୍ଡ ମଣ୍ଡଳରେ ଅନେକ ଜଣା ଶୁଣା ବ୍ୟକ୍ତି ଅଛନ୍ତି। ସେମାନେ ଯାହା ଦେଇଛନ୍ତି ମୁ ବି ସେୟା ଦେବି, ଏହା ତ ପରିବା ବେପାର ଭଳି କଥା ହୋଇଗଲା କିନ୍ତୁ ସମ୍ପର୍କ ଯୋଡି ହୋଇ ପାରିବ ନାହିଁ। ରିନା ସମ୍ପୂର୍ଣ୍ଣ ନିରୁତ୍ତର। ସେ ମନେ ମନେ ଭାବୁଥିଲା, ସବୁ ଶାଶୁ ଭଳି ନିଜ ଶାଶୁ ମଧ ତା କଥାରେ ସହମତି ପ୍ରକାଶ କରିବେ। କିନ୍ତୁ ଶାଶୁଙ୍କ ଏଭଳି ଉତ୍ତରରେ ସେ ନିଜ ଭୁଲ ବୁଝି ପାରୁଥିଲା ଆସ୍ତେ ଆସ୍ତେ... ଭାବୁଥିଲା ସବୁ ଶାଶୁ ସମାନ ନୁହନ୍ତି ..ଶାଶୁ ଆଜି ତା ଆଖି ଖୋଲି ଦେଇଛନ୍ତି। ଘରର ପରମ୍ପରା କିଭଳି ହେବା ଆବଶ୍ୟକ ଆଜି ସେ ଠିକ୍ ବୁଝି ପାରୁଥିଲା ।

ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,
କୋରାପୁଟ, ମୋବାଇଲ୍ ୭୮୯୪୦୦୫୪୫୫

# ବଙ୍କୁଲି ବାଡ଼ି ଉପାଖ୍ୟାନ

ସୁନନ୍ଦା ମହାନ୍ତି

ମୁନା ଘର ଗାଁର ବିରାଟ ଖେଳ ପଡିଆରେ ପଡ଼ିଥିବା ମ୍ୟାଜିକ ସୋ ଦେଖିବାକୁ ଗାଁଟା ସାରା ଲୋକ ଯାଉଛନ୍ତି ପୁଣି ଆଖପାଖ ତିରିଶ ଚାଳିଶ ଖଣ୍ଡ ଗାଁ ଓ ପାଖ ବଜାରରେ ଥିବା ପଡା, ସାଇ, କଲୋନୀର ସବୁ ଲୋକ ଯାଉଛନ୍ତି ହେଲେ ଦୀନବନ୍ଧୁବାବୁ ଯାଇନାହାଁନ୍ତି ଏଯାଏଁ। ପୁଅ ବୋହୂ ଅବଶ୍ୟ କହିଛନ୍ତି ବାପା ଏତେଲୋକ ମ୍ୟାଜିକ ସୋ ଦେଖିବାକୁ ଯାଉଛନ୍ତି ଆପଣ ଟିକେ ଯାଉନାହାଁନ୍ତି ଦେଖିଆସିବେ ତ ଦୀନବନ୍ଧୁ ବାବୁ କହିଲେ ହଁ ଏଇ ହାତ ସଫେଇ କଥା ତ। ତେଣୁ ଆଉ ଥରେ ମୁହଁ ଖୋଲି କହିପାରୁନାହାଁନ୍ତି ପୁଅ ବୋହୂଙ୍କୁ ସେ ଯିବେ ବୋଲି। ବୁଢାମାନଙ୍କ ଖଟିରେ ସେଦିନ ଯଦୁନାଥ ଯେବେ ମ୍ୟାଜିକ ସୋ'ର ଢେର ପ୍ରଶଂସା କଲେ ଦୀନବନ୍ଧୁବାବୁଙ୍କ ମନଟା କେମିତି କେମିତି ହେଲା। ବୁଢ଼ୀ ଥିଲେ ସିନା ମନକଥା ବୁଝନ୍ତା ଓ ତାକୁ କହି ଦୀନବନ୍ଧୁ ଯାଆନ୍ତେ। ଏତେବେଳକୁ ମନେ ପଡିଲା ନାତି ମୁନା କଥା। ଦୁଇ ଚାରିଥର ମ୍ୟାଜିକ ସୋ ଯାଇ ମଧ ଆଉଥରେ ଯିବାକୁ ତାଙ୍କୁ ଫୁସୁଲେଇ ପଇସା ମାଗୁଥିଲା ଟିକେଟ ପାଇଁ। ପଇସା ଦେଇଥିଲେ ପୁଅ ବୋହୂ କହିଥାନ୍ତେ ବାପାଙ୍କ ଯୋଗୁଁ ମୁନାର ମୁହଁ ବଢୁଛି। କାହା କଥା ମାନୁନି କି ପାଠରେ ମନ ଦେଉନି। ପଇସା ନଦେଲେ ମୁନାର ମନ ଉଣା। ଏଣୁ ମାରିଲେ ବ୍ରହ୍ମ ହତ୍ୟା ସେଣୁ ମାରିଲେ ଗୋ ହତ୍ୟା ପରି କଥାଟା କିନ୍ତୁ ଏବେ ଦୀନବନ୍ଧୁଙ୍କୁ ମୁନାକୁ ପଟେଇବାକୁ ପଡିବ।
ଖାଇସାରି ବାରିପଟ ଘରେ ମୁନା ସ୍କୁଲ ଟାସ୍କ କରୁଥିଲା ତ ଜେଜେ ଦୀନବନ୍ଧୁ ପଚାରିଲେ କଣ କରୁଛୁ ନାତିଆ। ମୁନା କହିଲା ରଚନା ଲେଖୁଛି। କାହା ବିଷୟରେ କିରେ? ତମରି ବିଷୟରେ ପରା। ଗ୍ରାଣ୍ଡଫାଦର ବିଷୟରେ କଣ ଲେଖିବି ଜାଣିପାରୁନି। ହଉ କହୁଥିଲୁ ପରା ଆଉଥରେ ମ୍ୟାଜିକ ସୋ ଦେଖିବାକୁ ଯିବୁ, ଚାଲ ଆଜି ସନ୍ଧ୍ୟାରେ ଯିବା। ମଲୁ ଖୋଜୁଥିଲା କାକର ପାଣି। ବଇଦ କହିଲା ଦେ ତୋରାଣୀ ତ ଜେଜେ ତୁମେ କେତେ ଭଲ କହି ମୁନା ଜେଜେଙ୍କୁ କୁଣ୍ଢେଇ ପକାଇଲା। ଟିକେଟ ଦୁଇଟି କାଟି ବସିଗଲେ ଜେଜେ ନାତି। ଆଗ ଧାଡ଼ିରେ ବସିଥିବା ଲୋକମାନଙ୍କ ଉପରେ ମ୍ୟାଜିକ ସୋ ଦେଖାଉଥିବା ମାଜିସିଆନଙ୍କ ଆଖି। କାହାର ବ୍ୟାଗ ମାଗିନେଇ ଖେଳ ଦେଖାଉଥାଆନ୍ତି ତ କାହାର ପେନ। ଜେଜେଙ୍କୁ ଯେତେବେଳେ ତାଙ୍କ ବଙ୍କୁଲିବାଡ଼ିଟି ମାଗିନେଲେ ଜେଜେ ଖୁବ ଖୁସି ହୋଇଗଲେ କାରଣ ସେ ଶୁଣିଥିଲେ ମ୍ୟାଜିକ ସୋ ରେ ମାଜିସିଆନ ମାଗି ନେଉଥିବା ଜିନିଷକୁ ପାଞ୍ଚ କି ସାତରେ ପରିଣତ କରୁଛି। ସତକୁ ସତ ତାଙ୍କ ବଙ୍କୁଲିବାଡ଼ିଟି ଦଶ କି ବାରଟି ବଙ୍କୁଲି ବାଡ଼ିରେ ପରିଣତ କରି ଦେଇଥିଲେ ମାଜିସିଆନ ତ ଜେଜେ ଷ୍ଟେଜ ଆଡକୁ ଦଉଡି ଯାଇ କହୁଥିଲେ ଥାଉ ସେତିକି। ଏତେ ଗୁଡ଼େ ଏକାଠି ନେବା କଣ ସମ୍ଭବ। ତ ବାଡ଼ିଟି ଫେରିପାଇ ଜେଜେ ଦେଖିଲେ ସେଇ ଗୋଟିଏ। ମନ ମରିଗଲା ଜେଜେଙ୍କର। ଉଠିଆସିଲେ ଅଧା ମ୍ୟାଜିକ ସୋ ରୁ ପଛେ ପଛେ ମୁନା ଗରଗର ହେଉଥିଲା। ଜେଜେ ବହୁତ ଭଲ ବୋଲି ରଚନାରେ ଲେଖିଦେଇଥାଆନ୍ତି ବୋଲି ଭାବିଥିଲି ହେଲେ ଏବେ କଣ ଲେଖିବି ବୁଝିପାରୁନି। ଜେଜେ କିନ୍ତୁ ତାଙ୍କ ବଙ୍କୁଲି ବାଡ଼ିଟିର କିଛି ହୋଇଛି କି ନାହିଁ ପରୀକ୍ଷା କରୁଥିଲେ ଗାଁ ମୁଣ୍ଡ ବିଜୁଳିବତୀ ଲାଗିଥିବା ଇଲେକ୍ଟ୍ରି ଖୁଣ୍ଟ ତଳେ। ମୁନା କହୁଥିଲା ମ୍ୟାଜିକ ସୋ ଜାଗାରେ ଏତେ ଲାଇଟ ଜଳୁଛି ଦେଖିପାରିଲନି ଏଠି ଦେଖୁଛ! ଜେଜେ କଣ କହୁଥିଲେ ଶୁଣିବାକୁ ମୁନା ଆଉ ସେଠି ନଥିଲା। ଆଉ କେବେ ତୁମ ସଙ୍ଗେ କୁଆଡେ ଯିବିନି କହି ଆଗେଇ ସାରିଥିଲା ଜେଜେଙ୍କୁ।

ସାକ୍ଷିଗୋପାଳ
ପୁରୀ
ମୋ-୯୦୪୦୯୭୭୩୨୭

# ଦୁଇଟି ଲଘୁ ଗଳ୍ପ

ଆଦ୍ୟାଶା ମହାପାତ୍ର

( ୧ )

ନୀରଜ ବରମୁଣ୍ଡାରୁ ବାଇକ୍‌ରେ ଫେରୁଥିଲା ପଳାଶୁଣୀ । ରସୁଲଗଡ଼ ଛକରେ ହୋଇଥିବା ଦୁର୍ଗାପୂଜା ପେଣ୍ଡାଲର ସାଜସଜ୍ଜା ଆଖି ଝଲସେଇ ଦେଲା ଭଳି ଥିଲା ତ ଦେଖିବାକୁ ନେସନାଲ ହାଇୱେ ଉପରେ ଯାଉଥିବା କିଛି ଯାତ୍ରୀ କିଛି କ୍ଷଣ ପାଇଁ ଅଟକି ଯାଉଥିଲେ। ହାଲକା ଭିଡ଼ ସେଇଥିପାଇଁ ଦିଶୁଥିଲା ବୋଲି ସେ ଜାଣି ପାରିଲା।
ବାଇକ୍ ଗତି ଟିକିଏ ଧିମା କଲା ନୀରଜ । କେଇ ଯୋଡ଼ା ପୁଅ ଝିଅ ଓଭର ବ୍ରିଜ ଉପରୁ ପେଣ୍ଡାଲକୁ ମୋବାଇଲ ସ୍କ୍ରିନରେ ଧରି ସେଲଫି ନେବାରେ ବ୍ୟସ୍ତ। କାରରୁ ଓହ୍ଲେଇ କିଛି ଦମ୍ପତି ମଧ ସମାନ ଢ଼ଙ୍ଗରେ ଚିତ୍ର ଉତ୍ତୋଳନର ମଜା ନେଉଥିଲେ।
ବାଇକର ଗତିକୁ ଆଉ ଟିକିଏ ଧିମେଇ ନୀରଜ ଏସବୁକୁ ଉପଭୋଗ କରିବାକୁ ମନ ବଳାଇଲା ।
ଏତିକି ବେଳକୁ ଆଉ ଗୋଟିଏ ଦୃଶ୍ୟ ନୀରଜ ନଜରରେ ପଡିଲା। ଦୁଇଜଣ ଟ୍ରାଫିକ ପୋଲିସ ସେଇ ଜାଗାରେ ପଇଁତରା ମାରିବା ଭିତରେ ମୋବାଇଲରେ ଫଟୋ ଉତ୍ତୋଳନରେ ବ୍ୟସ୍ତ ଥିଲେ। ହେଲେ ନୀରଜ ବୁଝି ପାରିଲା ସେମାନଙ୍କ ଉଦ୍ଦେଶ୍ୟ ଥିଲା ବିପରୀତ। ନଚେତ୍ ହାଇୱେ ଉପରେ ପାର୍କିଂ ହୋଇଥିବା ଗାଡି ମାନଙ୍କର ନମ୍ବର ପ୍ଲେଟର ଫଟୋ ନେବା ସେମାନଙ୍କର କି ଗରଜ ପଡିଛି ?
ପୋଲିସ ବାବୁ ଦୁହେଁ ସେମାନଙ୍କ ଦାୟିତ୍ୱ ନିର୍ବାହ କରିବା ଭିତରେ ନୀରଜ ବାଇକ୍‌ର ସ୍ପିଡ୍ ବଢିଲା... ! ! !



( ୨ )

-'ଆରେ ବାବୁ, ଏଇଟା ନିଜ ଗାଡି ନା ଆଉ କାହାର.. ?'
ପଚାରିଲେ ପୋଲିସ ବାବୁ।
- 'ନା ସାର୍, ମୋ ବାଇକ୍। ଦେଖନ୍ତୁ କାଗଜ ପତ୍ର। ତେଲ ସରିଗଲା ତ ଗଡ଼େଇ ଗଡ଼େଇ ନେଉଛି। ଏଇ ଆଗରେ ତ ପେଟ୍ରୋଲ ପମ୍ପ...।'
କହିଲା ସୂରଜ।
-' ସାର୍, ବହୁତ ହଇରାଣ ହେଲିଣି ଆଜି। ଦୁଇ କିଲୋମିଟର ହେବ ଏମିତି ଚାଲୁଛି।' ସହାନୁଭୂତି ପାଇବା ଆଶାରେ କହିଲା ସେ।
-'ଆଚ୍ଛା,ଏଇ ନେ ପେଟ୍ରୋଲ। ଏବେଠୁ ଘରୁ ବାହାରିଲା ବେଳକୁ ଗାଡ଼ିର ପେଟ୍ରୋଲ ଚେକ୍ କରି ବାହାରିବୁ।' ପାଖକୁ ଆସି କହିଲେ ଆଉ ଜଣେ ପୋଲିସ।
-'ଧନ୍ୟବାଦ ସାର୍। ପେଟ୍ରୋଲ ପଇସା କେତେ ଦେବି ?'
-'ଦରକାର ନାହିଁ। ଏବେ ଯା।' ହସି ହସି କହିଲେ ପୋଲିସ ବାବୁ।
ସୂରଜ ବାଇକରେ ବୋତଲେ ତେଲ ଭରିଲା ଏବଂ ପୋଲିସ ବାବୁଙ୍କୁ ଆଉଥରେ କୃତଜ୍ଞତା ଜ୍ଞାପନ ପୂର୍ବକ ଧନ୍ୟବାଦ ଜଣାଇ ଗାଡି ଷ୍ଟାର୍ଟ କଲା।
ଏତିକି ବେଳକୁ ହାତରେ ମୋବାଇଲ୍ ଧରି ଫଟୋ ଉଠାଇବା ମୁଦ୍ରାରେ ଠିଆ ହେଲେ ଜଣେ ପୋଲିସ। ସୂରଜ ଦ୍ୱିଧାରେ ପଡିଲା।
-'ସାର୍, ଏ କ'ଣ କରୁଛନ୍ତି? ସତ କହୁଚି ଏଇଟା ମୋ ଗାଡି।'
- 'ବିନା ହେଲମେଟରେ ଚାଳକଙ୍କ ଠାରୁ ଫାଇନ ଅସୁଲ ହୁଏ। ଜାଣିଛୁ କି ନାହିଁ ?' ମୁହଁରେ ହସ ଫୁଟାଇ କହିଲେ ପୋଲିସ।
ସୂରଜ ତୁରନ୍ତ ପାଞ୍ଚ ଶହ ଟଙ୍କା ଧରାଇ ଦେଲା ପୋଲିସ ବାବୁଙ୍କ ହାତରେ ଆଉ ଏଇ ଥରକ ପାଇଁ କ୍ଷମା କରିଦେବା ପାଇଁ ଅନୁରୋଧ କଲା।
ସେଇଠୁ ଛାଡ଼ ପାଇ ନିଜର ବୁଦ୍ଧିକୁ ପ୍ରଶଂସା କଲା ସୂରଜ। ହେଲେ ପୋଲିସକୁ ଦେଖି ଯେଉଁ ବିପଦ ଆଶଙ୍କାରେ ଗାଡି ଗଡ଼େଇ ଗଡ଼େଇ ଆଣୁଥିଲା ସେଇ ଫାସରେ ପୁଣି ଫସିବାକୁ ଥିଲା ଭାବି ଭାଗ୍ୟକୁ ନିନ୍ଦିଲା ସେ। ପରଦିନ 'ରାଜପଥରେ ନକଲି ପୋଲିସର ଜୁଲମ' ଶୀର୍ଷକ ସମ୍ବାଦ ସୂରଜକୁ ବ୍ୟତିବ୍ୟସ୍ତ କରୁଥିଲା... ! ! !



ନୂଆପଡା, କଟକ

# ମାନସିକ ପୀଡା

ମୂଳ ହିନ୍ଦୀ-ନୃପେନ୍ଦ୍ର ଅଭିଷେକ ନୃପ
ଅନୁବାଦ-ମନୋଜ କୁମାର ବେହେରା

ଜୀବନ ପର୍ଯ୍ୟନ୍ତ ମନୁଷ୍ୟ ପୀଡାକୁ ନେଇକରି ଅଭିଯୋଗ କରି ଚାଲିଥାଏ । ପୀଡାକୁ ମଧ୍ୟ ମୁଖ୍ୟ ରୂପରେ ଦୁଇ ଶ୍ରେଣୀରେ ବିଭାଜିତ କରାଯାଏ । ଗୋଟିଏ ଶାରୀରିକ ପୀଡା ଆଉ ଦ୍ୱିତୀୟ ମାନସିକ ପୀଡା । ଏଥିରେ ମାନସିକ ପୀଡାର ପ୍ରକୃତି ଅଦୃଶ୍ୟ ଏବଂ ଗୁଢ ହୋଇଥାଏ । ଏହା ଶରୀରରେ କୌଣସି ସ୍ପଷ୍ଟ ଘାଆ କିମ୍ବା କ୍ଷତର ପରି ଦେଖା ଯାଏନି । ଯେଉଁଥିରେ ଏହାର ଉପଚାର କିମ୍ବା ବୁଝିବା କଠିନ ହୋଇଥାଏ । ଆଉ ଏହା ଭିତରେ ଚିନ୍ତା ଏବଂ ଅବସାଦ ଭଳି ଭାବ ଉତ୍ପନ୍ନ ହୋଇଥାଏ । ଏହି ଭାବନା ନା' କେବଳ ବ୍ୟକ୍ତିର ମାନସିକ ସ୍ଥିତିକୁ ପ୍ରଭାବିତ କରିଥାଏ, ଆଉ ତାହାର ଆତ୍ମସମ୍ମାନ, ଜୀବନ ଦୃଷ୍ଟି ଆଉ ଉଦ୍ଦେଶ୍ୟକୁ ମଧ୍ୟ ଦୁର୍ବଳ କରିଦିଏ । ମାନସିକ ପୀଡାର ଗହନ ଭାବନାତ୍ମକ ପ୍ରଭାବ ତାକୁ ଅତ୍ୟନ୍ତ କଷ୍ଟ ବନେଇ ଥାଏ । ଏହାର ବିପରୀତ ଶାରୀରିକ ପୀଡାର ଅନୁଭବ ସୃଷ୍ଟି ଆଉ ପ୍ରତ୍ୟକ୍ଷ ହୋଇଥାଏ । ଶାରୀରିକ କ୍ଷତ ଅଥବା ରୋଗର ଗୋଟିଏ ନିଶ୍ଚିତ କାରଣ ହୋଇଥାଏ ଆଉ ଏହାର ଉପଚାର ମଧ୍ୟ ସମ୍ଭବ ହୋଇଥାଏ । କିନ୍ତୁ ମନର ପୀଡାର କଥା ଅଲଗା । ସାଇରସ୍ କହିଥିଲେ, 'ମାନସିକ ପୀଡା ଶାରୀରିକ ପୀଡାର ଅପେକ୍ଷା ବେଶୀ କଷ୍ଟପ୍ରଦ ହୋଇଥାଏ' । ଏହାର ବିଶ୍ଳେଷଣ କରିଲେ ପାଇବେକି ମାନସିକ ପୀଡା ଶାରୀରିକ ପୀଡାର ଅପେକ୍ଷା ବେଶୀ କଷ୍ଟପ୍ରଦ ହୋଇଥାଏ,କାହିଁକି ଏହାର ସ୍ୱରୂପ ଅଦୃଶ୍ୟ,ଗଭୀର ଆଉ ଜଟିଳ ହୋଇଥାଏ । ଆଉ ଏହାକୁ ସହିବା ପାଇଁ ବ୍ୟକ୍ତିକୁ ଆନ୍ତରିକ ସଂଘର୍ଷରେ ବିତେଇବାକୁ ପଡିଥାଏ । ମାନସିକ ପୀଡାର ସହିତ ଗୋଟିଏ ସମସ୍ୟା ଏହା ମଧ୍ୟ ହୋଇଥାଏ କି ଏଥିରେ କୌଣସି ଭୌତିକ ରୂପ ହୋଇ ନଥାଏ । ଯେଉଁଥିରୁ ବ୍ୟକ୍ତି ଏହାକୁ ବ୍ୟକ୍ତ କରିବାରେ କଠିନତାର ଅନୁଭବ କରିଥାଏ । ସମାଜରେ ମଧ୍ୟ ମାନସିକ ପୀଡାରେ ପ୍ରଭାବିତ ବ୍ୟକ୍ତିକୁ ନିଜର ଦୁଃଖକୁ ସହିବା ପାଇଁ ଏକୁଟିଆ ଛାଡି ଦିଆ ଯାଇଥାଏ । ଏହି ଏକୁଟିଆ ପଣ ମାନସିକ ପୀଡାକୁ ଆହୁରି ଗମ୍ଭୀର ବନେଇ ଦିଏ । ମାନସିକ ପୀଡାର ନିବାରଣ ପାଇଁ ଆବଶ୍ୟକ ହେଲାକି ବ୍ୟକ୍ତି ନିଜର ଭାବନାକୁ ବୁଝୁ ଆଉ ଏହାକୁ ବ୍ୟକ୍ତ କରିବାରେ ସାହସ କରୁ । ଯଦି ଏମିତି କରା ନଯାଏ ତା'ହେଲେ ମାନସିକ ପୀଡାରୁ ଘାଆ ଝରିବାକୁ ଲାଗିବ ଆଉ କଷ୍ଟର ଅନୁଭୂତି କରାଉଥିବ ।



ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

# ଉପକାରୀ

ଘନଶ୍ୟାମ ପଲେଇ

ସକାଳ ନଅଟା ବାଜୁ ବାଜୁ ଟାଣୁଆ ଖରା। ଆଜି ଭିଡଟା ବି ଥିଲା ଟିକିଏ ଅଧିକ। ନିଛାଟିଆ ଜାଗାରେ ଏହା ମାଆଙ୍କ ଏକ ପ୍ରସିଦ୍ଧ ପୀଠ। ଏଠିକି ଆସିବାର ସୁଯୋଗ ମିଳିଛି ଯେତେବେଳେ ମା'ଙ୍କୁ ଦର୍ଶନ ନ କରି ଫେରିଯିବା ବଡ ବାଧିବ.. ଅନ୍ତର ଆତ୍ମାକୁ। ଯେତେ କଷ୍ଟ ହେଉଛି ହେଉ.. ଶହେ ଆଠ ପାହାଛ ଚଢିବି... ମୁଣ୍ଡିଆ ମାରିବି।
ଦେଖିଲି ଜୋତା ଷ୍ଟାଣ୍ଡଟି ଭିଡ ଅଛି। ତା' ଛଡା ମୋର ତ ପୁରୁଣା ଜୋତା। ତେଣୁ ଟିକିଏ କଡକୁ ଖୋଲି ଦେଇ ପ୍ରଥମ ପାହାଚରେ ମୁଣ୍ଡିଆ ମାରିଲି... ଚଢିବା ଆରମ୍ଭ କଲି। ଉପରେ ପହଞ୍ଚି ଲାଇନ୍‌ରେ ଛିଡା ହେଲି। ଉଦୁଉଦିଆ ଖରାଟାରେ ବି ମା'ଙ୍କ ଦର୍ଶନ ପରେ ମୋର ଦେହଟି ଭାବ ଓ ଭକ୍ତିରେ ଶୀତଳ ହେଇ ଉଠିଲା। ମନ ନାଚି ଉଠିଲା ଆନନ୍ଦରେ।
ମନେ ପଡିଲା ମୋର ଅଫିସ କାମରେ ତେଣେ ଯିବାକୁ ହେବ ଢେର ବାଟ। ଟାଇଁ ଟାଇଁ ଖରାରେ ବି ପାହାଚରୁ ପାହାଚ ଡେଇଁ ଡେଇଁ..ଏକ ପ୍ରକାର ନାଚି ନାଚି ଖୁସିରେ ଫେରୁଥିଲି ତଳକୁ ତଳକୁ.. ଏକ ଗଡଜିଣା ମନନେଇ।
ଦେଖିଲି ମୋ ଜୋତାଟି ରଖିଥିବା ଜାଗାରେ ନାହିଁ। ଖୋଜିଲି ଏଣେ ତେଣେ.. ମିଳିଲା ନାହିଁ। ମନରେ ଭାଳେଣି ପଡିଲା ବିନା ଜୋତାରେ ଏବେ ଯିବି କିପରି। ବ୍ୟସ୍ତରେ ମନଟା ଜଳି ଉଠିଲା ବେଳେ ପାଦ ବି ଜଳୁଥାଏ ସିମେଣ୍ଟ କଂକ୍ରିଟର ଡହ ଡହ ତାତିରେ। ମୋର ବ୍ୟସ୍ତତା ଦେଖି ପାଖରେ ଭୋଗରାଗ ବିକୁଥିବା ଲୋକ ଜଣଙ୍କ ଡାକିଲେ – ବାବୁ! ତମ ଜୋତା ଏଇଠି। କାଳେ ହଜିଯିବ ତ ନେଇ ଆସିଲି ଦୋକାନ ଭିତରକୁ।
ମନେ ମନେ ଖୁସି ହେଇଗଲି ଲୋକଟିର ଉଦାରତାକୁ ଦେଖି। ଧନ୍ୟବାଦ ସହ କୃତଜ୍ଞତା ଜଣାଇଲି। ମାଗିଲି – ମଉସା ଦେଲ.. ଦେଲ..



ଜୋତାଟା, ମୋ ପାଦ ତାତି ଗଲାଣି। ପୁଣି ଗଲେ ତେଣେ କେତେ କାମ। ହେଲେ ଏ କ'ଣ ମଉସା ତ କିଛି ଶୁଣୁ ନାହାଁନ୍ତି। ପୁଣି ଜୋରରେ ଥରେ କହିଲି – ମଉସା! ମୋ ଜୋତା। ଏଣିକି ସେ ଜବାବ ଦେଇ କହିଲେ-- – ଟଙ୍କା କୋଡିଏ ଦିଅ! ଆଉ ତମ ଜୋତା ନିଅ।
ମୋତେ ବଡ ଆଶ୍ଚର୍ଯ୍ୟ ଲାଗିଲା। ଜୋତା ଷ୍ଟାଣ୍ଡରେ ରଖିଲେ ମାତ୍ର ଦୁଇଟଙ୍କା.. ଆଉ ଏଇ ଭଦ୍ରଲୋକ... ନିଜେ ଗୋଟେଇ ଆଣି କୋଡିଏ ଟଙ୍କା ମାଗୁଛି। ସତରେ ପାହାଡ଼ ଉପରେ ଠିଆ ହୋଇ ଆକାଶଟା ଯେତେ ପାଖରେ ମନେ ହୁଏ ସେତେ ପାଖରେ ନଥାଏ, ଠିକ୍ ସେମିତି କିଛି ଲୋକ ଯେତେ ଉପକାରୀ ମନେ ହୁଅନ୍ତି, ବାସ୍ତବରେ ସେମାନେ ଉପକାରୀ ନୁହଁନ୍ତି। ମୁଁ ଟିକିଏ ବିରକ୍ତ ହେଇ କହିଲି --- ବଡ ଅଜବ ମଣିଷ ଆପଣ। ମୁଁ କ'ଣ ଜୋତା ରଖିବାକୁ କହିଥିଲି ନା କ'ଣ ? ମୋର ହଜିଥିଲେ ହଜିଥାନ୍ତା। ଲୋକଟି ସଙ୍ଗେ ସଙ୍ଗେ ଉତ୍ତର ଦେଲା --- ତା' ହେଲେ ଧରି ନିଅ ତମ ଜୋତା ହଜି ଯାଇଛି !
ମନେ ମନେ ହେଲି ଆଶ୍ଚର୍ଯ୍ୟ। କହିଲି --- ଜୋତାଟା ଦେବ ନାଁ ପୋଲିସକୁ ଖବର କରିବି ?
ଲୋକଟି ବସିଥିବା ବୁରାଟା ତଳୁ ଚଟ୍ କିନା କଟୁରୀଟା ବାହାର କରି କହିଲା --- ପୋଲିସ୍ ଦେଖଉଛୁ, ଦେଖୁଛୁ ଏଇଟା ! ଆମେ ଲୋକାଲ୍ !
ତା' କୋଟୁରୀର ଚକ୍‌ମକ୍ କରୁଥିବା ଧାରକୁ ଦେଖି ଅନୁମାନ କରି ପାରୁଥିଲି କଟୁରୀର ଦାଢତାକୁ... ତା' ଅସୁର ପଣିଆକୁ। ମୁଁ ବିଶେଷ କିଛି ନ କହି କାନମୁଣ୍ଡ ଆଉଁସି କୋଡିଏ ଟଙ୍କିଆ ନୋଟ ଖଣ୍ଡେ ବଢେଇ ଦେଲି ଦୋକାନୀ ଆଡକୁ।
ଫେରିବା ବାଟରେ ଭାବୁଥିଲି --- ଏ ବର୍ଷ ପୂଜାରେ ମା' ଲୋ.. ତୋ' ଭକ୍ତମାନଙ୍କ ରକ୍ଷା ପାଇଁ... ସତରେ ଆଉ ଥରେ ଏଇ ଧରାକୁ ଆସନ୍ତୁନି ଅବତରୀ।

ବଡ- ଆମୁଁଣି, ଝୁମ୍ପୁରା,
କେନ୍ଦୁଝର-୩୧,
ମୋ-୯୪୩୭୭୧୮୫୦୦

# ପ୍ରଥମ ଟେଷ୍ଟ : ବ୍ୟାକ୍‌ଫୁଟ୍‌ରେ ଟିମ୍ ଇଣ୍ଡିଆ, ପୂରା ଦିନ ନ୍ୟୁଜିଲାଣ୍ଡର ରାଜ୍

**ବେଙ୍ଗାଲୁରୁ**

ଘରୋଇ ମାଟିରେ ରାଜ କରୁଥିବା ଭାରତୀୟ ଟିମ୍‌କୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଛି ନ୍ୟୁଜିଲ୍ୟାଣ୍ଡ। ବେଙ୍ଗାଲୁରୁର ଏମ୍ ଚିନାସ୍ୱାମୀରେ ନ୍ୟୁଜିଲାଣ୍ଡ ଦେଖାଇଛି ଦବ୍‌ଦବା। ଭାରତ ଘରୋଇ ପରିବେଶରେ ହୋଇଛି ଘାଇଲା।

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଭାରତ ମାତ୍ର ୪୬ ରନ କରି ଅଲଆଉଟ ହୋଇଛି। ଏହା ଘରୋଇ ମାଟିରେ ଭାରତର ସର୍ବନିମ୍ନ ଟେଷ୍ଟ ସ୍କୋର। ବ୍ୟାଟିଂରେ ଫ୍ଲପ୍ ହେବା ପରେ ବୋଲିଂରେ ମଧ୍ୟ ଭାରତୀୟ ଟିମ୍ ସମସ୍ତଙ୍କୁ ନିରାଶ କରିଛି।

ନ୍ୟୁଜିଲାଣ୍ଡର ୩ ପେସ୍ ବୋଲର ଭାରତର ୧୦ ୱିକେଟ ଦଖଲ କରିଥିଲେ। ଦଳ ୪୬ ଓଭର ହିଁ ବ୍ୟାଟିଂ କରିବାକୁ ସକ୍ଷମ ହୋଇଥିଲା। ହେଲେ ଭାରତର ଦୁଇ ଷ୍ଟାର ଦ୍ରୁତ ବୋଲରଙ୍କ ସମେତ ୩ ସ୍ପିନର ନ୍ୟୁଜିଲାଣ୍ଡ ବ୍ୟାଟରଙ୍କ ଉପରେ କୌଣସି ପ୍ରକାରର ପ୍ରଭାବ ପକାଇ ପାରି ନାହାନ୍ତି।

ନ୍ୟୁଜିଲାଣ୍ଡ ତା'ର ପ୍ରଥମ ଇନିଂସରେ ଗୁରୁବାର ୫୦ ଓଭର ବ୍ୟାଟିଂ କରିବା ସହ ୩ ୱିକେଟ ହରାଇ ୧୮୦ ରନ କରି ନେଇଛି। ଏଥିସହ ପ୍ରଥମ ଇନିଂସରେ ୧୩୪ ରନର ଲିଡ୍ ମଧ୍ୟ ହାସଲ କରିଛି।

ଖରାପ ଆଲୁଅ ପାଇଁ ଦ୍ୱିତୀୟ ଦିନର ଖେଳ ବନ୍ଦ ହେବା ବେଳକୁ ନ୍ୟୁଜିଲାଣ୍ଡର ଡାରେଲ ମିଚେଲ ୩୯ ବଲରେ ୧୪ ଓ ରଚିନ ରବୀନ୍ଦ୍ର ୩୪ ବଲରେ ୨୨ ରନ କରି ଅପରାଜିତ ରହିଥିଲେ। ଶୁକ୍ରବାର ପୁଣି ଏମାନେ ଏହି ସ୍କୋରରୁ ବ୍ୟାଟିଂ କରିବେ। ଭାରତ ଗୁରୁବାର ୫୦ ଓଭର ବୋଲିଂ କରିଥିବା ବେଳେ କେବଳ ୩ ଜଣ ବ୍ୟାଟରଙ୍କୁ ଆଉଟ କରିବାକୁ ସକ୍ଷମ ହୋଇଛନ୍ତି। ଡେଭନ କନୱେ ମଧ୍ୟ ଏହା ମଧ୍ୟରେ ୯୧ ରନର ଜବରଦସ୍ତ ଇନିଂସ ଖେଳିଛନ୍ତି।

ବର୍ଷା ଯୋଗୁ ବେଙ୍ଗାଲୁରୁ ଟେଷ୍ଟର ପ୍ରଥମ ଦିନ ବାତିଲ ହୋଇଥିଲା। ଗୁରୁବାର ଦ୍ୱିତୀୟ ଦିନରେ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ହେଲେ ମ୍ୟାଟ୍ ହେନରୀ ଓ ୱିଲିୟମ ଓ'ରୁରକି ଭାରତୀୟ ବ୍ୟାଟରଙ୍କୁ ଘାଇଲା କରିଥିଲେ। ହେନରୀ ୧୫ ରନରେ ୫ ୱିକେଟ ନେଇଥିବା ବେଳେ ଓ'ରୁରକି ୨୨ ରନରେ ୪ ୱିକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ।



ଟିମ୍ ସାଉଦିଙ୍କ ଖାତାକୁ ଗୋଟିଏ ୱିକେଟ ଯାଇଛି। ୬ ଜଣ ଭାରତୀୟ ବ୍ୟାଟର ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିବା ବେଳେ ଦୁଇ ଜଣ ବ୍ୟାଟର କେବଳ ଦୁଇ ଅଙ୍କ ଛୁଇଁ ପାରିଛନ୍ତି। ଦଳ ପାଇଁ ସବୁଠାରୁ ଅଧିକ ରନ ଋଷଭ ପନ୍ତ(୨୦) କରିଛନ୍ତି।

ଦ୍ୱିତୀୟ ଦିନର ଲଞ୍ଚ୍ ସୁଦ୍ଧା ଭାରତ ମାତ୍ର ୩୪ ରନ କରିଥିବା ବେଳେ ୬ ଜଣ ବ୍ୟାଟର ପ୍ୟାଭିଲିୟନ ଫେରି ସାରିଥିଲେ। ରୋହିତ (୨), ବିରାଟ କୋହଲି(୦), ସର୍ଫରାଜ ଖାନ(୦), କେଏଲ ରାହୁଲ(୦), ଯଶସ୍ୱୀ ଜୈସୱାଲ(୧୩) ଓ ରବୀନ୍ଦ୍ର ଜାଡ଼େଜା(୦) ଆଉଟ ହୋଇଥିଲେ। ଲଞ୍ଚ୍ ପରେ ରବିଚନ୍ଦ୍ରନ ଅଶ୍ୱିନ(୦), ଋଷଭ ପନ୍ତ(୨୦), ଯଶପ୍ରୀତ ବୁମ୍‌ରା(୧) ଓ ଶେଷ ବ୍ୟାଟର ଭାବେ କୁଳଦୀପ ଯାଦବ(୨) ଆଉଟ ହୋଇଥିଲେ।

ଭାରତୀୟ ଟିମ୍ ୪୬ ରନରେ ଅଲଆଉଟ ହେବା ପରେ ନ୍ୟୁଜିଲ୍ୟାଣ୍ଡ ଇନିଂସ ଆରମ୍ଭ କରିଥିଲା। ଆରମ୍ଭରୁ କନୱେ ଓ ଟମ୍ ଲାଥମ ଭାରତୀୟ ବୋଲରଙ୍କୁ କୌଣସି ପ୍ରକାରର ବିପର୍ଯ୍ୟୟ ଘଟାଇବାକୁ ଦେଇନଥିଲେ। କନୱେ କାଉଣ୍ଟର ଆଟାକ୍ କରି ଦ୍ରୁତ ଗତିରେ ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ଏଥିସହ ନିଜ ଟେଷ୍ଟ କ୍ୟାରିୟରର ୧୦ମ ଅର୍ଦ୍ଧଶତକ ହାସଲ କରିଥିଲେ। ଲାଥମ୍ ଓ କନୱେ ପ୍ରଥମ ୱିକେଟ ପାଇଁ ୬୭ ରନ ଯୋଡ଼ି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ତେବେ ଏତିକି ବେଳେ ଲାଥମ ୧୫ ରନ କୁଳଦୀପଙ୍କ ବଲରେ ଆଉଟ୍ ହୋଇଥିଲେ।

ଏହାପରେ ୱିଲ ୟଙ୍ଗ ଓ କନୱେ ସ୍ଥିତି ସମ୍ଭାଳିଥିଲେ। ଉଭୟ ଦ୍ୱିତୀୟ ୱିକେଟ ପାଇଁ ଆଉ ୭୫ ରନ ଯୋଡ଼ିଥିଲେ। ଦଳୀୟ ସ୍କୋର ୧୪୨ ଥିବା ବେଳେ ୟଙ୍ଗ ୩୩ ରନ କରି ରବୀନ୍ଦ୍ର ଜାଡ଼େଜାଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ଏସବୁ ଭିତରେ ଶତକ ଆଡ଼କୁ ଦ୍ରୁତଗିତିରେ ମାଡ଼ି ଚାଲିଥିଲେ କନୱେ। କିନ୍ତୁ ସେ ୯୧ ରନ କରିଥିବା ବେଳେ ଘଟିଥିଲା ବିପର୍ଯ୍ୟୟ। ରବିଚନ୍ଦ୍ରନ ଅଶ୍ୱିନଙ୍କୁ ରିଭର୍ସ ମାରିବାକୁ ଯାଇ ସେ କ୍ଲିନବୋଲ୍ଡ ହୋଇ ଯାଇଥିଲେ। ଲାଗୁଥିଲା ଭାରତ ଆଉ କିଛି ବିପର୍ଯ୍ୟୟ ଘଟାଇବ। କିନ୍ତୁ ମିଚେଲ ଓ ରଚିନ କୌଣସି କ୍ଷତି ଘଟାଇ ନଥିଲେ। ଉଭୟ ଭାରତୀୟ ବୋଲରଙ୍କୁ ନିଷ୍ପ୍ରଭ କରି ନ୍ୟୁଜିଲାଣ୍ଡର ସ୍କୋରକୁ ୧୮୦ରେ ପହଞ୍ଚାଇ ଦେଇଥିଲେ। ଏତିକି ବେଳେ ଖରାପ ଆଲୁଅ ଯୋଗୁ ଦିବସର ଖେଳକୁ ଦୁଇ ଅମ୍ପାୟାର ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ।

## ଧୋନୀଙ୍କ ବଡ଼ ରେକର୍ଡ ଭାଙ୍ଗିଲେ କୋହଲି



**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡ ବିପକ୍ଷ ବେଙ୍ଗାଲୁରୁ ଟେଷ୍ଟରେ ଏମ୍ ଏସ୍ ଧୋନୀଙ୍କ ବଡ଼ ରେକର୍ଡ ଭାଙ୍ଗିଛନ୍ତି। ଟସ୍ ଜିତିବା ପରେ ରୋହିତ ଏକାଦଶ ଘୋଷଣା କରିବା ମାତ୍ରେ କୋହଲି ଏହି ଉପଲବ୍ଧି ହାସଲ କରିଥିଲେ। ସେ ଭାରତ ପାଇଁ ସବୁଠାରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା କ୍ରିକେଟର ପାଲଟିଛନ୍ତି। ଏହି ମାମଲାରେ ସେ ଧୋନୀଙ୍କ ରେକର୍ଡ ଭାଙ୍ଗିଛନ୍ତି।

ଭାରତ ପାଇଁ ସବୁଠାରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ରେକର୍ଡ ସଚିନ୍ ତେନ୍ଦୁଲକରଙ୍କ ନାମରେ ରହିଛି। ସେ ନିଜ କ୍ୟାରିୟରରେ ୬୬୪ ମ୍ୟାଚ୍ ଖେଳିଥିଲେ। ଏହି ତାଲିକାରେ ୫୩୫ ମ୍ୟାଚ୍ ସହ ଧୋନୀ ୨ନଂ ସ୍ଥାନରେ ଥିଲେ। ହେଲେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ଖେଳିବାକୁ ଓହ୍ଲାଇ କୋହଲି ଧୋନୀଙ୍କ ରେକର୍ଡ ଭାଙ୍ଗିଛନ୍ତି। ଏହି ଟେଷ୍ଟ କୋହଲିଙ୍କ କ୍ୟାରିୟରର ୫୩୬ତମ ମ୍ୟାଚ୍।

ସଚିନ, ବିରାଟ, ଧୋନୀଙ୍କ ପରେ ରାହୁଲ ଦ୍ରାବିଡ଼ ଏକମାତ୍ର ଭାରତୀୟ ଖେଳାଳି ଯିଏ ୫୦୦ରୁ ଅଧିକ ମ୍ୟାଚ୍ ଖେଳିଛନ୍ତି। ରୋହିତ ଶର୍ମା ଏଯାବତ୍ ୪୮୬ ମ୍ୟାଚ୍ ଖେଳିଛନ୍ତି।

# ୨୩ କୋଟି ଟଙ୍କା ଦେଇ ଏହି ଖେଳାଳିଙ୍କୁ ରଖିବ ହାଇଦ୍ରାବାଦ !

**ନୂଆଦିଲ୍ଲୀ**

ଆଇପିଏଲର ମେଗା ଅକ୍ସନ ପୂର୍ବରୁ ସନରାଇଜର୍ସ ହାଇଦ୍ରାବାଦକୁ ନେଇ ବଡ଼ ଖବର ଆସିଛି। ଅକ୍ସନ ପୂର୍ବରୁ କେଉଁ ସବୁ ଖେଳାଳିଙ୍କୁ ହାଇଦ୍ରାବାଦ ମୋଟ ୭୫ କୋଟି ଟଙ୍କା ଦେଇ ରଖିବ, ତା'ର ରିପୋର୍ଟ ପ୍ରକାଶ ପାଇଛି। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ହାଇଦ୍ରାବାଦ ୫ ଜଣଙ୍କ ଖେଳାଳିଙ୍କୁ ୭୫ କୋଟି ଟଙ୍କା ଖର୍ଚ୍ଚ କରି ନିଜ ସହ ରଖିବ।

ଦକ୍ଷିଣ ଆଫ୍ରିକାର ଷ୍ଟାର ବ୍ୟାଟର ହେନରିଚ କ୍ଲାସେନଙ୍କୁ ରଖିବା ପାଇଁ ଦଳ ୨୩ କୋଟି ଟଙ୍କା ଟଙ୍କା ଖର୍ଚ୍ଚ କରିବ। ରିଟେନ ଖେଳାଳିଙ୍କ ତାଲିକାରେ କ୍ଲାସେନ ୧ନଂ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ରହିଛନ୍ତି ଅଷ୍ଟ୍ରେଲିଆର ଷ୍ଟାର ଦ୍ରୁତ ବୋଲର ପାଟ କମିନ୍ସ। ଗତବର୍ଷ କମିନ୍ସଙ୍କୁ ଦଳ କିଣିବା ସହ ଅଧିନାୟକ କରିଥିଲା। ତେଣୁ ତାଙ୍କୁ ହାଇଦ୍ରାବାଦ



୧୮ କୋଟି ଟଙ୍କାରେ ରଖିବ। ଏହାବାଦ୍ ଭାରତର ଯୁବ ବ୍ୟାଟର ଅଭିଷେକ ଶର୍ମାଙ୍କୁ ଦଳ ରିଟେନ କରିବ। ତାଙ୍କ ଦାମ୍ ରହିବ ୧୪ କୋଟି। ବିସ୍ଫୋରକ ଅଷ୍ଟ୍ରେଲୀୟ ବ୍ୟାଟର ଟ୍ରାଭିସ ହେଡଙ୍କୁ ୧୨ କୋଟି ଓ ଭାରତୀୟ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ହାଇଦ୍ରାବାଦ ୮ କୋଟି ଟଙ୍କା ବିନିମୟରେ ନିଜ ପାଖରେ ରଖିବ ବୋଲି ରିପୋର୍ଟରେ ଦାବି କରାଯାଇଛି।

ଏହାର ଅର୍ଥ ୫ ଖେଳାଳିଙ୍କ ପାଇଁ ହାଇଦ୍ରାବାଦ ୭୫ କୋଟି ଟଙ୍କା ଖର୍ଚ୍ଚ କରିବ। ଏହାପରେ ବାକି ୪୫ କୋଟି ଟଙ୍କା ଧରି ଫ୍ରାଞ୍ଚାଇଜ ଅକ୍ସନରେ ବସିବ। ସେଠାରେ ମଧ୍ୟ ଦଳ କିଛି ନାମୀଦାମୀ ଖେଳାଳିଙ୍କୁ କିଣିବାକୁ ଯୋଜନା କରିଛି। ଅନ୍ୟପକ୍ଷରେ ଭାରତୀୟ ଟିମ୍‌ର ପୂର୍ବତନ ଖେଳାଳି ହେମାଙ୍ଗ ବାଦାନି ଦିଲ୍ଲୀ କ୍ୟାପିଟାଲ୍ସର କୋଚ ହେବା ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସର ସପୋର୍ଟ ଷ୍ଟାଫ ଭାବେ ପୂର୍ବତନ ଦ୍ରୁତ ବୋଲର ମୁନାଫ ପଟେଲ ମଧ୍ୟ ସାମିଲ ହୋଇପାରନ୍ତି।

୨୦୧୮ରୁ ଦିଲ୍ଲୀର କୋଚ୍ ଭାବେ ରିକି ପଣ୍ଟିଂ କାମ କରୁଥିଲେ। ହେଲେ ୨୦୨୪ ଆଇପିଏଲ ପରଠାରୁ ଦିଲ୍ଲୀ ତାଙ୍କ ସହ ସମ୍ପର୍କ ଛିନ୍ନ କରି ଦେଇଛନ୍ତି। ତେଣୁ ଏବେ ପୂର୍ବତନ ଭାରତୀୟ ଖେଳାଳିଙ୍କୁ କୋଚିଂ ଷ୍ଟାଫ ଭାବେ ଫ୍ରାଞ୍ଚାଇଜ ନେବାକୁ ଚାହୁଁଥିବା ଜଣାପଡ଼ିଛି।

ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ଋଷଭ ପନ୍ତଙ୍କୁ ୧୮ କୋଟି, ଅକ୍ଷର ପଟେଲଙ୍କୁ ୧୪ କୋଟି ଓ କୁଳଦୀପ ଯାଦବଙ୍କୁ ୧୧ କୋଟି ଟଙ୍କା ଦେଇ ରିଟେନ କରିବ। ୫ ଜଣ ଖେଳାଳିଙ୍କୁ ରଖିଲେ ଦଳକୁ ୭୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ତେଣୁ ଦିଲ୍ଲୀ ନିଲାମ ବେଳେ ରାଇଟ ଟୁ ମ୍ୟାଚ୍ କାର୍ଡ ବଦଳରେ ଟ୍ରିଷ୍ଟାନ ଷ୍ଟବ୍ସ ଓ ଜ୍ୟାକ ଫ୍ରେଜର ମ୍ୟାଗର୍କଙ୍କୁ ପୁଣି ନିଜ ପାଖକୁ ଆଣିପାରେ।

# ଆଇପିଏଲ୍ ୨୦୨୫ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସର ନବକଳେବର : ହଟିଲେ ରିକି ପଣ୍ଟିଂ




**ନୂଆଦିଲ୍ଲୀ**

ପ୍ରତ୍ୟେକ ଦଳ ଆଇପିଏଲ୍ ୨୦୨୫ ପାଇଁ ପ୍ରସ୍ତୁତ ହେଉଛନ୍ତି। ଆଗାମୀ ସିଜିନ୍ ପାଇଁ ଆଇପିଏଲ ଦଳରେ ଅନେକ ପରିବର୍ତ୍ତନ କରାଯାଉଛି। ଦିଲ୍ଲୀ କ୍ୟାପିଟାଲ୍ସରେ ମଧ୍ୟ ଅନେକ ପରିବର୍ତ୍ତନ ହୋଇଛି। ଆଇପିଏଲ୍ ୨୦୨୫ର ମେଗା ନିଲାମ ପୂର୍ବରୁ ଏହି ପରିବର୍ତ୍ତନ ଗୁଡିକ ଘଟିଛି। ଥରେ ବି ଆଇପିଏଲ ଟ୍ରଫି ଜିତିବାରେ ସକ୍ଷମ ହୋଇ ନ ଥିବା ଦିଲ୍ଲୀ ଏଥର ଏହି ପରିବର୍ତ୍ତନ ସହିତ ଏକ ନୂଆ ଆରମ୍ଭ କରିବାକୁ ଯାଉଛି। ଏଥିମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍।

ଦିଲ୍ଲୀ କ୍ୟାପିଟାଲ୍ସର ନୂତନ ମୁଖ୍ୟ କୋଚ୍ ଭାବେ ପୂର୍ବତନ ଭାରତୀୟ ଦଳର ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ହେମାଙ୍ଗ ବଦାନୀଙ୍କୁ ନିଯୁକ୍ତ କରାଯାଇଛି। ବଦାନି ରିକି ପଣ୍ଟିଂଙ୍କ ସ୍ଥାନ ନେଇଛନ୍ତି। ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ସ୍ଥାନରେ ଭେନୁଗୋପାଲ ରାଓ କ୍ରିକେଟ ନିର୍ଦ୍ଦେଶକ ଭାବରେ ନିଯୁକ୍ତ ହୋଇଛନ୍ତି। ଏହି ପରିବର୍ତ୍ତନଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଦଳର କୋଚିଂ ସଂରଚନାକୁ ମଜଭୁତ କରିବା ଏବଂ ଏକ ନୂତନ ଆରମ୍ଭ କରିବା।

ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ସହକାରୀ କୋଚ୍ ପ୍ରବୀଣ ଆମ୍ରେଙ୍କ ଚୁକ୍ତିନାମାକୁ ବୃଦ୍ଧି ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୪ ଠାରୁ ଦଳ ସେବା କରିଆସୁଥିବା ଆମ୍ରେ ଆଉ ନୂତନ କୋଚିଂ ଟିମ୍‌ର ଅଂଶ ହେବେ ନାହିଁ। ହେମାଙ୍ଗ ବଦାନି ଭାରତ ପାଇଁ ଅନେକ ମ୍ୟାଚ ଖେଳି ନାହାନ୍ତି। ସେ ୪ଟି ଟେଷ୍ଟ ମ୍ୟାଚ ଏବଂ ୪୦ଟି ଦିନିକିଆ ମ୍ୟାଚ ଖେଳିଛନ୍ତି। କିନ୍ତୁ ସେ ଜଣେ କୋଚ ଭାବରେ ନିଜ ପାଇଁ ଏକ ସଫଳ କ୍ୟାରିଅର କରିଛନ୍ତି। ତାମିଲନାଡୁର ପୂର୍ବତନ ଅଧିନାୟକ ଘରୋଇ ଟି-୨୦ ସର୍କିଟରେ ନିଜର ଦକ୍ଷତା ପ୍ରମାଣ କରିଛନ୍ତି। ସେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ପ୍ରାରମ୍ଭିକ ବର୍ଷରେ ସକ୍ରିୟ ଥିଲେ। ଏହା ବ୍ୟତୀତ ସେ ସନରାଇଜର୍ସ ହାଇଦ୍ରାବାଦରେ ଫିଲ୍ଡିଂ କୋଚ୍ ଏବଂ ସ୍କାଉଟ୍ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି।

## ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୨୦ କ୍ରୀଡ଼ାବିତ୍ ସାମିଲ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗର ଟାଇକୋଣ୍ଡୋ ପ୍ରତିଯୋଗିତା ଚଳିତ ମାସ ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ ଜିଲ୍ଲା ହାଇସ୍କୁଲ ଠାରେ ଅନୁଷ୍ଠିତ ହେଉଅଛି। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକଙ୍କ ସହିତ ବାଳକ ଟିମ୍ ମ୍ୟାନେଜର ଭାବେ ରାଇରଙ୍ଗପୁର ବ୍ଲକସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମହୁଲଡ଼ିହାର ପିଟିଆଇ ଜିତେନ୍ଦ୍ର ଯୋଶ୍ୱାଲ ଏବଂ ବାଳିକା ଟିମ୍ ମ୍ୟାନେଜର ଭାବେ ଶାମାଖୁଣ୍ଟା ବ୍ଲକ ସ୍ଥିତ ମା' ଦୁର୍ଗା ବାଳିକା ଉଚ୍ଚ ବିଦ୍ୟାଳୟ, ଲାଳଗଞ୍ଜର ପିଇଟି ଜ୍ୟୋତିର୍ମୟୀ ଦାସମହାପାତ୍ରଙ୍କ ନେତୃତ୍ୱରେ ୨୦ ଜଣ କ୍ରୀଡ଼ାବିତ୍ ଯୋଗ ଦେଇଛନ୍ତି। ସେମାନେ ହେଲେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ସ୍ୱରୂପ କୁମାର ସିଂ, ଶତ୍ରୁଘନ ମଢୁଆଳ, ଦିଗେଶ୍ୱର ମହାନ୍ତ, ବିଶାଳ ମହାନ୍ତ, ଖେଳା ସୋରେନ ଓ ବାଳିକା ବିଭାଗରେ ପଦ୍ମାବତୀ ସିଂ, ବିଷ୍ଣୁପ୍ରିୟା ବାଗ, ଲକ୍ଷ୍ମୀପ୍ରିୟା ସିଂ, ଦିବ୍ୟସ୍ମିତା ମଢୁଆଳ, ପ୍ରଭାତୀ ମୁର୍ମୁ। ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗରେ ଅଙ୍କିତ କୁମାର ଦାସ, ରାଜେଶ ବିଶ୍ୱାଳ, ବିରଜା ସିଂ, ହିମାଂଶୁ ନାଏକ, ମନୋଜ ପଣ୍ଡିତ ଓ ବାଳିକା ବିଭାଗରେ ପୂର୍ଣ୍ଣିମା ସିଂ, ଦୀପିକା ସୋରେନ, ଦମୟନ୍ତୀ ମୁର୍ମୁ, ଚୂଡ଼ାମଣି ବାସ୍କେ, ରୂପାଲି ସିଂ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଅଛି।

# ଓସିଏ ଆନ୍ତଃଜିଲ୍ଲା ବିଦ୍ୟାଳୟ କ୍ରିକେଟ : ଗୋଟିଏ ଓଭରରେ ୫ ୱିକେଟ

**କଟକ**

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରରେ ଚାଲିଥିବା ଓସିଏ ଆନ୍ତଃଜିଲ୍ଲା ବିଦ୍ୟାଳୟ କ୍ରିକେଟର ବୁଧବାର ୫ ଟି ମ୍ୟାଚ୍ ଖେଳା ଯାଇଥିଲା। ଏଥିରେ କଟକ-ବି, ଖୋର୍ଦ୍ଧା, ଭୁବନେଶ୍ୱର-ବି, କେନ୍ଦୁଝର ଓ ନୂଆପଡ଼ା ବିଜୟୀ ହୋଇଛନ୍ତି। ଭୁବନେଶ୍ୱର-ବି ପକ୍ଷରୁ ଆୟୁଷ ରାଉତ ଗୋଟିଏ ଓଭର ବୋଲିଂ କରି ୧ରନ ବିନିମୟରେ ୫ଟି ଓ ଦିବ୍ୟଜ୍ୟୋତି ମଲ୍ଲିକ ୭ଟି ୱିକେଟ ନେଇ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ସନସାଇନ ଗ୍ରାଉଣ୍ଡରେ କଟକ-ବି ୯ ୱିକେଟରେ ଗଜପତିକୁ ପରାସ୍ତ କରିଛି। ପଷ୍ଟୁ ରେଡ୍ଡି କାର୍ତ୍ତିକ ୪୮, ସମ୍ପଦ କୁମାର ଦାସ ୩୪, ପିନକୁନ ପି ମଲ୍ଲିକ ୫୭, ଆପୁଲ ଏ ପଲ୍ଲାଇ ୪୭ରନ କରିଥିଲେ। ଗତିରାଉତପାଟଣା ଗ୍ରାଉଣ୍ଡରେ ଖୋର୍ଦ୍ଧା ୬୨ରନରେ ବରଗଡ଼କୁ ପରାସ୍ତ କରିଛି। ଓମ୍ ଏସ ପ୍ରଧାନ ୪୦ରନ କରିବା ସହିତ ୩ଟି ୱିକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୀୟୂଷ ବଳିୟାରସିଂ ୩ଟି ୱିକେଟ ନେଇଥିଲେ। ଅଡଶପୁର ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୮ ୱିକେଟରେ ଜଗତସିଂହପୁରକୁ ପରାସ୍ତ କରିଥିଲା। ଭୁବନେଶ୍ୱର-ବି ପକ୍ଷରୁ ଆୟୁଷ ରାଉତ ୫ଟି ଓ ଏସ୍‌ଲୋକ୍ ସଂକଳ୍ପ ୪ଟି ୱିକେଟ ନେଇଥିଲେ। ଜଗତସିଂହପୁର ପକ୍ଷରୁ ଆର୍ଯ୍ୟ ଜି ନାଥ ୨ଟି ୱିକେଟ ନେଇଥିଲେ। ନିମପୁର ଗ୍ରାଉଣ୍ଡରେ କେନ୍ଦୁଝର ୧୨୧ରନରେ କନ୍ଧମାଳକୁ ପରାସ୍ତ କରିଛି। ଆୟୁଷ ଆର ସେଠୀ ୬୫, ସୋହମ କେ ଜେନା ୬୪, ଶୁଭମ ଏସ୍ ସାହୁ ୩୨ରନ କରିଥିବାବେଳେ ପ୍ରୀତମ କେ ବେହେରା, ସଙ୍କିତ ବେହେରା, ରାହୁଲଦେବ ଏସ୍ ନାୟକ ଓ ଆୟୁଷ ଆର ସେଠୀ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ ନେଇଥିଲେ। ବିଡାନାସୀ ଗ୍ରାଉଣ୍ଡରେ ନୂଆପଡ଼ା ୧୭୨ରନରେ ନବରଙ୍ଗପୁରକୁ ପରାସ୍ତ କରିଛି। ଦିବ୍ୟଜ୍ୟୋତି ମଲ୍ଲିକ ବ୍ୟାଟିଂରେ ୭୯ରନ କରିବା ସହ ବୋଲିଂରେ ୭ଟି ୱିକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିରୂପ ଦାସ ୫୪ରନ କରିଥିବାବେଳେ ଆୟୁଷମାନ ପଣ୍ଡା ୫ଟି ୱିକେଟ ନେଇଥିଲେ।



ଆୟୁଷ ରାଉତ    ଦିବ୍ୟଜ୍ୟୋତି ମଲ୍ଲିକ

# ପ୍ରଥମେ ବ୍ୟାଟିଂ କରିବା ନିଷ୍ପତ୍ତି ମୋର ଥିଲା : ରୋହିତ

**ବେଙ୍ଗାଲୁରୁ**

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ରୋହିତ ଶର୍ମାଙ୍କ ଏହି ନିଷ୍ପତ୍ତି ଦଳ ପାଇଁ ଆତ୍ମଘାତୀ ସାବ୍ୟସ୍ତ ହୋଇଛି। ପ୍ରଥମ ଦିନର ଖେଳ ଶେଷ ପରେ ଭାରତୀୟ ଅଧିନାୟକ ନିଜର ଭୁଲ୍ ମାନିଛନ୍ତି। ଦ୍ୱିତୀୟ ଦିନର ଖେଳ ଶେଷ ପରେ ରୋହିତ ଶର୍ମା ଖୋଦ୍ ପ୍ରେସ୍ କନଫରେନ୍ସ କରିଛନ୍ତି। ଦଳର ସ୍ଥିତି ଦେଖି ଦୁଃଖିତ ରୋହିତ କହିଛନ୍ତି, ଏମିତି କମ ସ୍କୋର ଦେଖି କଷ୍ଟ ଲାଗୁଛି। ସେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ପ୍ରଥମେ ବ୍ୟାଟିଂ କରିବା ତାଙ୍କର ଏହି ନିର୍ଣ୍ଣୟ ଓଲଟା ପଡ଼ିଛି। ତଥାପି ସେ ଜୋର ଦେଇଛନ୍ତି ଯେ, ଗୋଟିଏ ବର୍ଷରେ ଗୋଟିଏ ଦୁଇଟି ଭୁଲ ନିର୍ଣ୍ଣୟକୁ ସ୍ୱୀକାର କରିବାକୁ ପଡ଼ିବ। ରୋହିତ ନିଜର ଭୁଲ ସ୍ୱୀକାର କରିଛନ୍ତି ଯେ, ସେ ପିଚ୍‌କୁ ପଢିବାରେ ଭୁଲ୍ କରିଛନ୍ତି।

**Government of Odisha,**
**Department of Panchayatiraj & Drinking water,**
**Office of the Panchayat Samiti, Bhadrak.**

i-236

**Invitation of Bids (IFB)**

Bid Identification No. PSB-01/2024-25

Bid documents consisting of work, estimated amount for put to tender, cost of tender paper, time of completion, class of contractor, the set of terms & conditions of contract and other necessary documents can be seen from the office of Panchayat Samiti, Bhadrak..

| | | |
|---|---|---|
| 1 | Name of the work | : As Per DTCN. |
| 2 | No of works | : 6nos. of individual packages. |
| 3 | Estimated cost for put to tender | : AS Per DTCN |
| 4 | Period of completion | : 6(six) calendar months each. |
| 5 | Date & time of availability of bid documents | : From 15.10.2024 at 10.00 am hours to 29.10.2024 at 5.00 pm. hours |
| 6 | Last date/ time for receipt/drop of bids in the office. | : 29.10.2024 at 5.00 pm. |
| 7 | Date of opening of Bids | : 30.10.2024 at 11.30AM Hours |
| 8 | Class of Contractor | : "C" & 'D' class |
| 9 | Name of the Officer Inviting Bids | : Block Development Officer, Panchayat Samiti bhadrak. |

Further details can be seen from the office of Panchayat Samiti, Bhadrak on working hours. Any addendum/ corrigendum/ cancellation of tender can also be seen office of undersigned. The detailed information is also available on district website i.e https://bhadrak.odisha.gov.in

OIPR-19031/11/0001/2425

Sd/- Block Development Officer,
Panchayat Samiti, bhadrak.

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in

O-372

**NOTICE INVITING TENDER**
NATIONAL COMPETITIVE BIDDING THROUGH e-PROCUREMENT NOTICE
On line-04 /ACE/RW/AND/2024-25
Annual Maintenance Plan of Rural Roads under Administrative Expenditure

No. 6276 // Date: 15.10.2024 //

**Additional Chief Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure.** The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil works . The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in: O/o the S. E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Additional Chief Engineer, R.W. Division, Anandapur | NCB-On line 04/ ACE/ RW / AND/ 2023-24 | 19.10.2024 at 10.00 A.M. | 29.10.2024 up to 5.00 P.M. | 28.10.2024 up to 5.00 P.M. | 01.11.2024 at 11.30 A.M. |

OIPR-25055/11/0007/2425

Sd/- Additional Chief Engineer
R.W. Division, Anandapur

## କୋଟଗଡ଼ରେ ବାଘ ଆତଙ୍କ : ଖାଇଲାଣି ଅନେକ ଛେଳି

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

ସାର୍ତୁଲ ପଞ୍ଚାୟତ ରେ ବାଘ ଆତଙ୍କ, ଛେଳିଙ୍କୁ ମାରିଛି। କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ ଅନ୍ତର୍ଗତ ସାର୍ତୁଲ ପଞ୍ଚାୟତରେ ବାଘ ଆତଙ୍କ ସୃଷ୍ଟି କରିଥିବା ମିଳିଛି। ମହାବଳ ବାଘର ଆତଙ୍କ ଲୋକେ ଘରୁ ବାହାରୁନଥିବାର ନଜର ରହିଛି। ଗତ ଶନିବାର ଦିନ ଅପରାହ୍ନ ୫ଟାରେ ଗ୍ରାମବାସୀମାନେ ଛେଳି ଚରାଇବାକୁ ଜଙ୍ଗଲକୁ ଯାଇଥିଲେ ହଠାତ ବାଘର ରଡ଼ି ଶୁଣିବାକୁ ପାଇଲେ। କିଛି ସମୟ ପରେ ପାହାଡ଼ ଆରପଟେ ୫ଟି ଛେଳିର ମୃତ ଶରୀର ପଡ଼ିଛି, ପେଟରୁ ପୁଟା, ଅନ୍ତି, ମୁଣ୍ଡ ନାହିଁ ବେକ ଅଛି ଏଭଳିଆ ଦୃଶ୍ୟ ଦେଖି ଗ୍ରାମରେ ଆତଙ୍କ ସୃଷ୍ଟି ହେଇଗଲା। ଗତ ଶନିବାର ଠାରୁ ଆଜି ଯାଏଁ ବାଘ ୧୦ଟି ଛେଳିର ଜୀବନ ନେଲାଣି। ବାଘର ପାଦଚିହ୍ନ ମଧ୍ୟ ଗ୍ରାମବାସୀମାନେ ଦେଖିଥିବା କହିଛନ୍ତି। ଗ୍ରାମରେ ଲୋକେ ସନ୍ଧ୍ୟା ନ ହେଉଣୁ ତାଟି, କବାଟ ବନ୍ଦ କରି ଭୟଭୀତ ଅବସ୍ଥାରେ ଅଛନ୍ତି। ତେବେ ବାଘ ଆକ୍ରମଣରେ ନିଜ ନିଜର ଛେଳି ହରାଇଥିବା ଲୋକମାନଙ୍କ ମଧ୍ୟରେ ଉପେ ପାଟମାଝି, ମହନ୍ତ ବଡ଼ମାଝି, ଆର୍କିଷନ ପାଟମାଝି, ଜିନାନ୍ତ ପାଟମାଝୀ ଅଛନ୍ତି। ଏହି ବିଷୟ ନେଇ କୋଟଗଡ଼ ବନ ବିଭାଗକୁ ଯାଇ ସାର୍ତୁଲର ଗ୍ରାମବାସୀ ଓ ଛେଳି ମାଲିକ ଯୋଗାଯୋଗ କରିବା ପରେ ମଧ୍ୟ ଉକ୍ତ ଅଞ୍ଚଳକୁ ବନ କର୍ମଚାରୀ ଯାଇନଥିଲେ। ଏଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ କ୍ଷୟକ୍ଷତି ଘଟିଥିବା ପରିବାରକୁ ବା ଚାଷୀଙ୍କୁ ସରକାର ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଓଡ଼ିଶା ସରକାର ଶୀଘ୍ର ଲ' ରିଭିଜନ କମିଶନ ଗଠନ କରିବେ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାର ଶୀଘ୍ର ଏକ ଲ ରିଭିଜନ କମିଶନ ଗଠନ କରିବେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଅନାବଶ୍ୟକ ଏବଂ ପ୍ରାସଙ୍ଗିକତା ହରାଇଥିବା ଆଇନଗୁଡ଼ିକୁ ପରିବର୍ତ୍ତନ କରିବା ଆବଶ୍ୟକ ଓ ଏହା ଲ' ରିଭିଜନ କମିଶନ ଗଠନ କରିବା ଦ୍ୱାରା ହିଁ ସମ୍ଭବ ହେବ। ମନ୍ତ୍ରୀ ଆହୁରି କହିଛନ୍ତି ଯେ ସରକାର ଯେଉଁ ଆଇନମାନଙ୍କ ଉପରେ ଚଳିଥାଏ ସେଗୁଡ଼ିକୁ ପୁନର୍ନବୀକରଣ କରିବା ଆବଶ୍ୟକ, ଏହି କାରଣରୁ ଏକ ଲ' ରିଭିଜନ କମିଶନ ଗଠନ ହେବାକୁ ଯାଉଛି, ଯାହା ଏକ ମାସ କିମ୍ବା ୪୫ ଦିନ ମଧ୍ୟରେ ହେବ। ଆମେ ୨୦୦୫ ମସିହାରେ ଆରଟିଆଇ ଆଇନର ଆବଶ୍ୟକ ସଂଶୋଧନଗୁଡ଼ିକୁ ଆଣିବା ପାଇଁ ଆଲୋଚନା ମଧ୍ୟ କରିବାକୁ ଯାଉଛୁ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଆରଟିଆଇ କର୍ମୀମାନଙ୍କୁ ଭୟଭୀତ କରିବା ପାଇଁ ଦାଖଲ ହୋଇଥିବା ମାମଲାଗୁଡ଼ିକ ଉପରେ ମଧ୍ୟ ସରକାର ଯଥାପ୍ରସଙ୍ଗ ନିଷ୍ପତ୍ତି ନେବ।

# କେନ୍ଦୁଝର ଜିଲ୍ଲା ସଡ଼କ ସୁରକ୍ଷା କମିଟି ଗଠିତ

**କେନ୍ଦୁଝର, ନ୍ୟୁଜ**

ପ୍ରଶାସନିକ ସ୍ତରରୁ କେନ୍ଦୁଝର ଜିଲ୍ଲାରେ ଚଳିତ ୨୦୨୪ ପାଇଁ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଗଠନ କରାଯାଇ ଥିବାର ଜଣାପଡିଛି। ଚିଠି ନମ୍ବର-୩୧୨୩ରୁ ମିଳିଥିବା ସୂଚନାରୁ ପ୍ରକାଶ ଯେ, ଚଳିତ ୨୦୨୪ ମସିହା ପାଇଁ ଗଠିତ ଏହି ସଡ଼କ ସୁରକ୍ଷା କମିଟିରେ ଏସ୍‌ପି କେନ୍ଦୁଝର, ସିଡିଏମ୍‌ଓ କେନ୍ଦୁଝର, ଏସ୍‌ଇ (ଆରଏଣ୍ଡବି) ଘଟଗାଁ, ରିଜିଓନାଲ ଅଫିସ ଏମ୍‌ଆରଓ ଟିଏଚ ଭୁବନେଶ୍ୱର, ପ୍ରୋଜେକ୍ଟ ଡାଇରେକ୍ଟର ଏନଏଚଏଆଇ କେନ୍ଦୁଝର, ଡେପୁଟି ଡାଇରେକ୍ଟର ମାଇନ୍ସ ଯୋଡ଼ା / କେନ୍ଦୁଝର, ସିଭିଲ ସପ୍ଲାୟ ଅଫିସର କେନ୍ଦୁଝର, ଏକ୍ସସାଇଜ ସୁପ୍ରିଟେଣ୍ଡେଣ୍ଟ କେନ୍ଦୁଝର, ଜିଲ୍ଲା ଫରେଷ୍ଟ ଅଫିସର କେନ୍ଦୁଝର, ଜେନେରାଲ ମେନେଜର-୧, କେନ୍ଦୁଝର, ଏକଜ୍ୟୁକୁଟିବ ଅଫିସର କେନ୍ଦୁଝର, ଯୋଡ଼ା, ବଡ଼ବିଲ ଚମ୍ପୁଆ, ଆନନ୍ଦପୁର, ଆରଟିଓ କେନ୍ଦୁଝର, ଜିଲ୍ଲା ଶିକ୍ଷା ଅଧିକାରୀ, ପ୍ରାଇଭେଟ ବସ୍ ଓନର ଆସୋସିଏସନର କର୍ମକର୍ତ୍ତା, ସରକାରୀ ଅଧିସ୍ୱୀକୃତି ପ୍ରାପ୍ତ ବରିଷ୍ଠ ସାମ୍ବାଦିକ ସୁରଜିତ ତ୍ରିପାଠୀ ଓ ମୁଖ୍ୟ ଯନ୍ତ୍ରୀ ଏନଏଚ ପ୍ରମୁଖ ଉକ୍ତ ସଡ଼କ ସୁରକ୍ଷା କମିଟିରେ ସଦସ୍ୟ ରହିଥିବାର ଜଣାପଡିଛି।

# ଡାକ୍ତର ଅଭାବ : ଗୁଣିଗାରେଡ଼ି ଉପରେ ଭରସା କରୁଛନ୍ତି ଲୋକେ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଡାକ୍ତରଖାନା ଅଛି, ନାହାନ୍ତି ଡାକ୍ତର। ସରକାରୀ ତଥ୍ୟ ଅନୁଯାୟୀ ମାଲକାନଗିରି ଜିଲ୍ଲାରେ ଖାଲି ପଡ଼ିଛି ୨୩୦ ଡାକ୍ତର ପଦବୀ। କେବଳ ଡାକ୍ତର ନୁହନ୍ତି ଶତାଧିକ ଷ୍ଟାଫ ନର୍ସ ଏବଂ ସ୍ୱାସ୍ଥ୍ୟ କର୍ମୀ ପଦବୀ ବି ଖାଲି। ଜିଲ୍ଲାରେ ନାହାନ୍ତି ପ୍ରାୟ ୯୦ ପ୍ରତିଶତ ବିଶେଷଜ୍ଞ । ୨୦୨୧ରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ବାୟୁ ସେବା ମାତ୍ର ୫ ଥର ସେବା ଯୋଗାଇ ଠପ୍ ହୋଇଗଲା। ଏଭଳି ସ୍ଥିତିରେ କ୍ୱାକ୍ ଓ ଗୁଣିଗାରେଡି ଉପରେ ଭରସା କରୁଛନ୍ତି ଲୋକେ। ଉପାନ୍ତ ଅଞ୍ଚଳରେ ପଙ୍ଗୁ ହେଲାଣି ସ୍ୱାସ୍ଥ୍ୟ ସେବା। ଡାକ୍ତରଖାନା ଅଛି, ନାହାନ୍ତି ଡାକ୍ତର। ଚିକିତ୍ସା ନ ପାଇ କଲବଲ ରୋଗୀ। ମାଲାକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର। ଜିଲ୍ଲାର ଯେକୌଣସି ଅଞ୍ଚଳକୁ ନେଇ ଦେଖିଲେ ସ୍ଥିତି କେମିତି ତାହା ଜଳ ଜଳ ଦେଖାଯାଉଛି। ଏହି କ୍ରମରେ ଜିଲ୍ଲାର ମାଟାପାକା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କେମିତି ଚାଲିଛି ସ୍ୱାସ୍ଥ୍ୟ ସେବା ତାହାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଏଠାରେ ଜଣେ ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କ ଭରସାରେ ଚାଲିଛି ମେଡିକାଲ। କୌଣସି କାରଣରୁ ଡାକ୍ତର ଅନୁପସ୍ଥିତ ରହିଲେ କଥା ସରିଲା। ଫାର୍ମାସିଷ୍ଟଙ୍କ କାନ୍ଧରେ ସବୁ ଭାର। ତଥ୍ୟ ଅନୁଯାୟୀ ମାଲକାନଗିରି ଜିଲ୍ଲାରେ ମୋଟ ୩୮୨ ଡାକ୍ତର ପଦବୀ ଥିବା ବେଳେ ଅଛନ୍ତି ମାତ୍ର ୧୪୪ ଜଣ। ସେହିପରି ଜିଲ୍ଲାରେ ୫୬ ଜଣ ବିଶେଷଜ୍ଞ ପଦବୀ ଅନୁମୋଦିତ ହୋଇଥିବା ବେଳେ ଅଛନ୍ତି ମାତ୍ର ୧୪ ଜଣ। ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ ୩ ଶହ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଏଠାରେ ୮୯ଟି ଡାକ୍ତର ପଦବୀ ଆବଶ୍ୟକ । ହେଲେ ଅଛନ୍ତି ମାତ୍ର ୪୩ ଜଣ। କେବଳ ଡାକ୍ତର ପଦବୀ ନୁହେଁ ଜିଲ୍ଲାରେ ୧୦୧୫ ଷ୍ଟାଫନର୍ସ ଓ ସ୍ୱାସ୍ଥ୍ୟ କର୍ମୀ ବଦଳରେ ଅଛନ୍ତି ମାତ୍ର ୬୧୭ ଜଣ। ସ୍ୱାସ୍ଥ୍ୟାବସ୍ଥାର ଏହି ରିପୋର୍ଟ ହିଁ ଦର୍ଶାଉଛି ଜିଲ୍ଲାରେ କେମିତି ଭୁଷୁଡ଼ି ପଡ଼ିଛି ସ୍ୱାସ୍ଥ୍ୟ ଭିତ୍ତିଭୂମି । ଥିଲା ବାଲା ବାହାରକୁ ଯାଇ ଚିକିତ୍ସିତ ହେଉଥିବା ବେଳେ ଗରିବ ଗୁରୁବାଙ୍କ ଭରସା ଭଗବାନ । ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ କେବଳ ଯେ ମାଲକାନଗିରି ଜିଲ୍ଲାବାସୀ ନୁହେଁ ବରଂ ପଡ଼ୋଶୀ ଛତିଶଗଡ଼ ବାସିନ୍ଦା ବି ନିର୍ଭର କରନ୍ତି। ଉପାନ୍ତ ମାଲକାନଗିରିରେ ଉତ୍ତମ ଚିକିତ୍ସା ଯୋଗାଇବା ପାଇଁ ୨୦୨୧ରେ ମୁଖ୍ୟମନ୍ତ୍ରୀ ବାୟୁସେବା ଆରମ୍ଭ ହୋଇଥିଲା। ବିଶେଷଜ୍ଞ ଟିମ୍ ଆସି ଲୋକଙ୍କୁ ସେବା ଯୋଗାଉଥିଲେ। କିନ୍ତୁ ଏହାରି ଭିତରେ ମାତ୍ର ୫ ଥର ଏହି ସେବା ଜିଲ୍ଲାବାସୀ ପାଇଥିବା ବେଳେ ୨୮.୮.୨୦୨୩ ପରେ ଏହା ବନ୍ଦ ହୋଇଯାଇଛି। ଏ ସଂପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି ଡାକ୍ତର ଓ ବିଶେଷଜ୍ଞଙ୍କ ପାଇଁ ବାରମ୍ବାର ଚିଠି ମାଧ୍ୟମରେ ସରକାରଙ୍କୁ ଅବଗତ କରାଯାଉଛି। ଉପାନ୍ତ ଅଞ୍ଚଳରେ ଲୋକଙ୍କୁ ଆମେ ଯଥା ସମ୍ଭବ ଚିକିତ୍ସା ଯୋଗାଇ ଆସୁଛୁ। ଡାକ୍ତର ଅଭାବ ଯୋଗୁ ଜିଲ୍ଲାରେ କ୍ୱାକ୍ ଓ ଗୁଣିଗାରେଡ଼ି ଉପରେ ଭରସା କରୁଛନ୍ତି ଲୋକେ।



# ରାଜଧାନୀର ବିଭିନ୍ନ ପୂଜା ମଣ୍ଡପରେ ବିରାଜିଲେ ମା' ଗଜଲକ୍ଷ୍ମୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିରାଜିଛନ୍ତି ମା' ଗଜଲକ୍ଷ୍ମୀ । ପବିତ୍ର ଆଶ୍ୱିନ ମାସ ପୂର୍ଣ୍ଣମୀ ତିଥି ଅବସରରେ ମା'ଙ୍କ ପୂଜା ଧୁମଧାମ୍‌ରେ ପାଳିତ ହୋଇଛି । ଏଥିପାଇଁ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପ ଚଳଚଞ୍ଚଳ ହୋଇପଡ଼ିଛି । ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି । ସହିଦନଗର,ବାୟାବାବା ଗଜଲକ୍ଷ୍ମୀ ପୂଜା ସମିତି ୟୁନିଟ-୯, ଆନନ୍ଦ ବଜାର ୟୁନିଟ-୯, ଫ୍ରେଣ୍ଡସ କ୍ଲବ, ୟୁନିଟ-୩ ଖାରବେଳ ନଗର, ନୂଆପଲ୍ଲୀ, ୟୁନିଟ-୮ ଗୋପବନ୍ଧୁ ନଗର, ବାପୁଜୀ ନଗର ବାପୁଜୀ ୟୁଥ ଆସୋସିଏସନ, ଭରତପୁର ଜିଏ କଲୋନୀ, ୟୁନିଟ-୬ ସମ୍ରାଟ କ୍ଲବ, ବଡ଼ଗଡ଼ ବ୍ରିଟ କଲୋନୀ, ଶ୍ରୀରାମ ବିହାର, ଆଇଗିଣିଆ ଦଧିବାମନ ଦେବ ଗଜଲକ୍ଷ୍ମୀ ପୂଜା କମିଟି, ପୋଖରୀପୁଟ ଭୁଆଷୁଣୀ ୟୁଥ୍ ଟ୍ରଷ୍ଟ, ପୁରୁଣା ଭୁବନେଶ୍ୱରର ଜମେଶ୍ୱର ପାଟଣାସାହି, ବଡୁସାହି, ତିନିମୁଣ୍ଡିଆ ଛକ, ଗୋସାଗରେଶ୍ୱର ଛକ, ରାମେଶ୍ୱର ପାଟଣା, ବଣିଆସାହି, ହାଟସାହି, ପୁନାମା ଗେଟ୍, ମହତାବ ରୋଡ୍, ନାଗେଶ୍ୱର ଟାଙ୍ଗୀ, ରବି ଟକିଜ୍ ଛକ, ସାମନ୍ତରାପୁର, ଗ୍ୟାରେଜ ଛକ, ସୁନ୍ଦରପଦା, ଭୀମଟାଙ୍ଗି, ଗଣ୍ଡମୁଣ୍ଡା, ତମାଣ୍ଡୋ, କଳିଙ୍ଗବିହାର କେ-୬(ଏ) ଓ ବରମୁଣ୍ଡା ସମେତ ଉତ୍ତର ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ, ମଞ୍ଚେଶ୍ୱର ଭୋଟପଡ଼ା, ଚକେଇସିହାଣି, ଭିଏସ୍‌ଏସ୍ ନଗର, ନୀଳାଦ୍ରି ବିହାର, ପଟିଆ, ଶୈଳଶ୍ରୀ ବିହାର ଆଦି ସ୍ଥାନରେ ମା'ଙ୍କ ପୂଜା ଆରମ୍ଭ ହୋଇଛି । ବୁଧବାର ଅପରାହ୍ଣରେ ବିଭିନ୍ନ ପୂଜା କମିଟି ପକ୍ଷରୁ କଳସ ଶୋଭାଯାତ୍ରା ହୋଇଛି । ଏହାପରେ ମା'ଙ୍କ ଆବାହନ କରାଯାଇଛି । ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନା ବଜାର ସହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି । ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ ତିଆରି ହୋଇଛି । ଆଲୋକମାଳାରେ ରାଜଧାନୀର ରାସ୍ତା ଝଲସିଉଠୁଛି । କୁମାରୀମାନେ କୁମାରୋତ୍ସବ ପାଳୁଥିବାରୁ ମଣ୍ଡପକୁ ଯାଇ ମା'ଙ୍କ ଆର୍ଶୀବାଦ ଭିକ୍ଷା କରିଛନ୍ତି । ପୂଜାକୁ କିଭଳି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ସେଥିପାଇଁ ପୂଜା କମିଟିର ସହଯୋଗକ୍ରମେ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି । କେତେକ ସ୍ଥାନରେ ସିସିଟିଭି ସଂଯୋଗ କରାଯାଇଛି । ସପ୍ତାହେ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିବା ବେଳେ ୨୩ ତାରିଖରେ ମିଳିତ ଭସାଣି ଆୟୋଜନ ହେବ ।

# ପୂର୍ବତଟ ରେଳପଥରେ ତିନିମାସ ବ୍ୟାପି ସତର୍କତା ସଚେତନତା ଅଭିଯାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପୂର୍ବତଟ ରେଳପଥ ଗତ ଅଗଷ୍ଟ ମାସ ୨୪ ତାରିଖ ଠାରୁ ତିନି ମାସ ପର୍ଯ୍ୟନ୍ତ ସତର୍କତା ସଚେତନତା ଅଭିଯାନ ଆରମ୍ଭ କରିଛି । କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ନିର୍ଦ୍ଦେଶନାମା ଅନୁଯାୟୀ "ସଂସ୍କୃତିର ଅଖଣ୍ଡତା ପାଇଁ ରାଷ୍ଟ୍ରର ସମୃଦ୍ଧତା" ବିଷୟବସ୍ତୁ ଆଧାରରେ ଏହି ଅଭିଯାନ ଆରମ୍ଭ କରାଯାଇଅଛି । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ପୂର୍ବତଟ ରେଳପଥ ଜୋନ ମଧ୍ୟରେ ବିଭିନ୍ନ ପ୍ରକାରର କାର୍ଯ୍ୟକଳାପ ଆୟୋଜନ କରି ରେଳ କର୍ମଚାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ଅଖଣ୍ଡତାର ସଂସ୍କୃତି ବୃଦ୍ଧି କରାଇବା ।

ମୁଖ୍ୟ ଆକର୍ଷଣ: ୧. ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା: ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ ତଥା ରେଳ କର୍ମଚାରୀଙ୍କ ପିଲାମାନଙ୍କ ମଧ୍ୟରେ ପ୍ରବନ୍ଧ ଲେଖା, କଳା ଏବଂ ପେଣ୍ଟିଂ ଏବଂ ସ୍ଲୋଗାନ ଲେଖା ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଅଛି । ପିଲା ଓ ଯୁବ ସମାଜ ମଧ୍ୟରେ ଅଳ୍ପ ବୟସରୁ ଅଖଣ୍ଡତା ମୂଲ୍ୟବୋଧକୁ ଗୁରୁତ୍ୱ ଦିଆଯାଇ ଭୁବନେଶ୍ୱର, କଟକ ଏବଂ ପୁରୀ ସମେତ ପ୍ରମୁଖ ସ୍ଥାନ ମାନଙ୍କରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସେମାନଙ୍କୁ ପ୍ରୋତ୍ସାହିତ କରିବା । ୨. ସତର୍କତା ଆଲୋଚନା ଚକ୍ର ଏବଂ କର୍ମଶାଳା: ରେଳ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସଜାଗତା ଏବଂ ସ୍ୱଚ୍ଛତାର ଗୁରୁତ୍ୱ ସମ୍ବନ୍ଧରେ ଶିକ୍ଷା ଦେବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥର ସତର୍କତା ବିଭାଗ ବିଭିନ୍ନ ସ୍ଥାନରେ ଆଲୋଚନା ଚକ୍ର ଏବଂ କର୍ମଶାଳା ଆୟୋଜନ କରି ସତର୍କତା ଅଭିଯାନ ଜାରି ରଖିଛି । ଏହି ପଦକ୍ଷେପଗୁଡିକ ସଚେତନତା ସୃଷ୍ଟି କରିବା ଏବଂ କର୍ମକ୍ଷେତ୍ରରେ ନୈତିକ ଅଭ୍ୟାସକୁ ଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ । ୩. ସମୁଦାୟର ଯୋଗଦାନ: ଏହି ଅଭିଯାନର ଉଦ୍ଦେଶ୍ୟକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସୋସିଆଲ୍ ମିଡିଆ ପ୍ଲାଟଫର୍ମ, ବଲ୍କ ଏସଏମଏସର ବ୍ୟବହାର କରାଯାଇଅଛି । ଭୁବନେଶ୍ୱର, କଟକ, କୋରାପୁଟ, ବାଲୁଗାଁ, ଭଦ୍ରକ, ଅନୁଗୁଳ, ବଲାଙ୍ଗୀର, ଟିଟିଲାଗଡ଼, ବିଜୟନଗରମ ଏବଂ ବିଶାଖାପାଟନମ୍ ଭଳି ପ୍ରମୁଖ ରେଳ ଷ୍ଟେସନ ମାନଙ୍କରେ ସ୍ୱଚ୍ଛତା ଓ ଅଖଣ୍ଡତାର ମହତ୍ୱକୁ ଦର୍ଶାଇ ପଥପ୍ରାନ୍ତ ନାଟକ (ନୁକ୍କଡ ନାଟକ) ପ୍ରଦର୍ଶନ କରାଯାଉଛି, ଯାହା ତୃଣମୂଳ ସ୍ତରରେ ଏହାର ବାର୍ତ୍ତା ପ୍ରସାର କରିବାରେ ସାହାଯ୍ୟ କରିବ । ୪. ଭବିଷ୍ୟତ କାର୍ଯ୍ୟକ୍ରମ : ୨୦୧୪ ଅକ୍ଟୋବର ୨୩ ତାରିଖରେ ଭୁବନେଶ୍ୱର ଏବଂ କଟକ ଠାରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ବିତର୍କ ପ୍ରତିଯୋଗିତା ଧାର୍ଯ୍ୟ କରାଯାଇଛି, ଯେଉଁଠାରେ ଯୁବ ମାନସିକତା ଜାତୀୟ ବିକାଶରେ ଅଖଣ୍ଡତାର ଗୁରୁତ୍ୱ ବିଷୟରେ ଆଲୋଚନା କରିବେ । ଅତିରିକ୍ତ କାର୍ଯ୍ୟକଳାପରେ ଅଖଣ୍ଡତା ପ୍ରତିଶ୍ରୁତି ପରିଚାଳନା, ବିକ୍ରେତା (ଭେଣ୍ଡର) ଏବଂ ସହଭାଗୀ ମାନଙ୍କ ମଧ୍ୟରେ ବୈଠକ ଏବଂ ରେଳ ଷ୍ଟେସନ ଏବଂ କାର୍ଯ୍ୟାଳୟରେ ବ୍ୟାନର ଏବଂ ପୋଷ୍ଟର ପ୍ରଦର୍ଶନ କରାଯାଇ ସଚେତନତା ସୃଷ୍ଟି କରିବା ଅନ୍ତର୍ଭୁକ୍ତ । ୫. ସତର୍କତା ସଚେତନତା ସପ୍ତାହ: ୨୦୨୪ ଅକ୍ଟୋବର ମାସ ୨୮ ତାରିଖରୁ ନଭେମ୍ବର ମାସ ୩ ତାରିଖ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ସତର୍କତା ସଚେତନତା ସପ୍ତାହ ପାଳନ କରିବ । ଏହି ସପ୍ତାହରେ ଯୋଜନା କରାଯାଇଥିବା କାର୍ଯ୍ୟକଳାପରେ ୱାକାଥନ୍ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ରେଳ କର୍ମଚାରୀ ଏବଂ ସାଧାରଣ ଜନତାଙ୍କୁ ସ୍ୱଚ୍ଛତା ଓ ଅଖଣ୍ଡତା ନିର୍ମାଣ କାର୍ଯ୍ୟରେ ଜଡିତ କରିବା ପାଇଁ ପରିକଳ୍ପିତ ବିଭିନ୍ନ ପ୍ରୟାସ ଅନ୍ତର୍ଭୁକ୍ତ ଅଟେ । ପୂର୍ବତଟ ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ବିଜୟ କୁମାର ମିଶ୍ରଙ୍କ ମାର୍ଗଦର୍ଶନରେ ପୂର୍ବତଟ ରେଳପଥ ଏକ ନୈତିକ ମୂଲ୍ୟବୋଧ ସହିତ ସ୍ୱଚ୍ଛ ଓ ଅଖଣ୍ଡତାକୁ ଆଧାର କରି ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଜାତିର ସମୃଦ୍ଧତା ପ୍ରତିପାଦନ କରିବାକୁ ପ୍ରତିଶ୍ରୁତିବଦ୍ଧ ।

# କାର୍ତ୍ତିକ ମାସ ଆରମ୍ଭରୁ ପରିବା ଦର ଆକାଶ ଛୁଆଁ

**କଟକ, ନ୍ୟୁଜ ବ୍ୟୁରୋ**



କାର୍ତ୍ତିକ ମାସ ଆରମ୍ଭରୁ ପରିବା ବଜାରରେ ଲାଗିଲାଣି ନିଆଁ । ବିଲାତି, ପୋଟଳ, ବିନ୍ସ ଠାରୁ ଆରମ୍ଭ କରି ବନ୍ଧା କୋବି ପର୍ଯ୍ୟନ୍ତ ସବୁର ଦର ଆକାଶ ଛୁଆଁ । ଫସଲ କମ୍ ହେଉଥିବା କାରଣରୁ ଓ ବାହାରୁ ଆସୁଥିବା ପରିବାର ଆମଦାନୀ କମ ହେଉଥିବା କାରଣରୁ ଏହିଭଳି ଦର ବୃଦ୍ଧି ପାଉଥିବା କଥା କହିଛନ୍ତି ଖୁଚୁରା ପରିବା ବ୍ୟବସାୟୀ । ଅନ୍ୟପଟେ ବଜାରକୁ ପରିବା କିଣିବାକୁ ଆସୁଥିବା ଗ୍ରାହକମାନେ ଉଚ୍ଚା ଦରକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । କାର୍ତ୍ତିକ ମାସ ଆରମ୍ଭରୁ ପରିବା ଦର ଆକାଶ ଛୁଆଁ । କାର୍ତ୍ତିକ ମାସରେ ସାଧାରଣତଃ ପରିବା ଦର ଉଚ୍ଚା ଥାଏ । ମାତ୍ର ଛତ୍ର ବଜ଼ାର ପରିବା ମଣ୍ଡିରେ ପନିପରିବା ଦର ଅହେତୁକ ବୃଦ୍ଧି ଗ୍ରାହକଙ୍କ ଚିନ୍ତା ବଢ଼ାଇଛି । ଯେହେତୁ ଆଜିଠାରୁ ପବିତ୍ର କାର୍ତ୍ତିକ ମାସ ତେଣୁ ଆଜିଠାରୁ ଅଧିକାଂଶ ଘରେ ଆମିଷ ପଶିବା ବନ୍ଦ ହୋଇ ଯାଇଥାଏ । ଘରେ ଦୈନିକ ଖାଇବା ପାଇଁ ଅଧିକ ପନି ପରିବା ଉପରେ ଆବଶ୍ୟକ ହୋଇଥାଏ । ଆଜି କୌଣସି ପରିବା ଦର ୫୦ ତଳକୁ ମିଳୁ ନାହିଁ । ଦୈନିକ ରୋଷେଇ ଘରେ ଆବଶ୍ୟକ ପଡୁଥିବା ବିଲାତି ୭୦ ରୁ ୮୦ ଟଙ୍କା, ବାଇଗଣ ୭୦ ଟଙ୍କା, ପୋଟଳ ୫୦ ଟଙ୍କା , ବନ୍ଧା କୋବି ୫୦ ଟଙ୍କା , ଜହ୍ନି ୭୦ ଟଙ୍କା, ବିନ ୧୨୦, ଝୁଡଙ୍ଗ ୭୦ କିଲୋ ପ୍ରତି ରହିଛି । କେବଳ ଅମୃତ ଭଣ୍ଡା ୨୫ ଆଳୁ ୩୦ ଟଙ୍କା ପର୍ଯ୍ୟନ୍ତ କିଲୋ ପ୍ରତି ରହିଛି । ଅଦା ଓ ରସୁଣ କିଲୋ ୩୦୦ ପାର । ସ୍ଥାନୀୟ ଅଞ୍ଚଳରୁ ଅଧିକ ପନିପରିବା ଆସି ପାରୁନାହିଁ ଓ ବାହାର ରାଜ୍ୟ ମାନଙ୍କ ରୁ ଫସଲ କମ ହେଉଥିବା କାରଣରୁ ଓଡ଼ିଶାକୁ ଆସୁଥିବା ପରିବା ଅଧିକ ଆସି ପାରିନାହିଁ । ଯାହା ଫଳରେ କମ୍ ଆମଦାନୀ ହେଉଥିବା କାରଣରୁ ଅଧିକ ଦର ରେ ବିକ୍ରି ହେଉଥିବା କଥା କହିଛନ୍ତି ବ୍ୟବସାୟୀ ।

# ମଣିପାଲ ହସ୍ପିଟାଲରେ ନୂତନ ଜୀବନ ପାଇଲା ନବଜାତ ଶିଶୁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ନୂତନ ଜୀବନ ପାଇଲା ନବଜାତ ଶିଶୁ । ମାତ୍ର ୨୮ ସପ୍ତାହ ରେ ଜନ୍ମ ଲାଭ କରିଥିବା ପ୍ରିମ୍ୟୁଚର ଶିଶୁଟିର ଓଜନ ଥିଲା ୯୦୦ ଗ୍ରାମରୁ କମ୍ । ଶିଶୁଟି ମାରାତ୍ମକ ଜନ୍ମଗତ ସାଇଟୋମେଗାଲୋ ଭାଇରସ୍ ରୋଗରେ ଆକ୍ରାନ୍ତ ଥିଲା । ଶିଶୁଟିର ସଫଳ ଚିକିତ୍ସା କରିବା ପାଇଁ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଜାନକୀ ବଲ୍ଲଭ ପ୍ରଧାନ ଏବଂ ଡାକ୍ତର ଅଭିଲିପ୍ସା ଆଚାର୍ଯ୍ୟଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା । ଡାକ୍ତରଙ୍କ କଠିନ ପରିଶ୍ରମ ଏବଂ ନିୟମିତ ଚିକିତ୍ସା ଫଳରେ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ସହିତ ଏକ ନୂତନ ଜୀବନ ପାଇଥିଲା । ବ▯ମାନ ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ତାକୁ ୨ବର୍ଷ ପୁରଣ କରିଛି । ଜନ୍ମଗତ ସାଇଟୋମେଗାଲୋ (ଉଗଠ) ସଂକ୍ରମଣ ହେଉଛି ଗର୍ଭାବସ୍ଥାରେ ମାଆ ଠାରୁ ଗର୍ଭସ୍ଥ ଶିଶୁକୁ ସଂକ୍ରମିତ ହେଉଥିବା ଏକ ଭାଇରାଲ୍ ରୋଗ, ଯାହା ଫଳରେ ଗର୍ଭସ୍ଥ ଶିଶୁର ଲିଭର ଖରାପ ହେବା, ବିକାଶରେ ବାଧା ହେବା, ଏଭଳିକି ଶିଶୁର ମୃତ୍ୟୁ ମଧ୍ୟ ହୋଇପାରେ । ଏହାର ପ୍ରତିକାର ପାଇଁ ଗର୍ଭାବସ୍ଥାରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିବା ଅତ୍ୟନ୍ତ ଜରୁରୀ । ପ୍ରସବ ପରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ଜାନକୀ ଓ ତାଙ୍କ ଟିମ୍ ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ । ଦିନରାତି ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଶିଶୁଟି ସଂକ୍ରମଣ ଠାରୁ ସୁସ୍ଥ ହୋଇ ଘରକୁ ଫେରିଥିଲା । କିନ୍ତୁ ଡାକ୍ତରୀ ଟିମ୍‌ଙ୍କ ଦାୟୀତ୍ୱ ସେଠାରେ ସରିଯାଇନଥିଲା । ଗତ ୨ ବର୍ଷ ଧରି ନିୟମିତ ବ୍ୟବଧାନରେ ଫଲୋ ଅପ୍ କରି ଶିଶୁଟିର ସ୍ୱାସ୍ଥ ଅବସ୍ଥା ବୁଝୁଥିଲେ । ଯାହା ଫଳରେ ଶିଶୁଟି ବ▯ମାନ ସମ୍ପୂର୍ଣ୍ଣ ସୁସ୍ଥ ଓ ନୀରୋଗ ଅଛି । ଏ ସମ୍ପର୍କରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର



ଶିଶୁରୋଗ ବିଭାଗର ମୁଖ୍ୟ ଡାକ୍ତର ଜାନକୀ ବଲ୍ଲଭ ପ୍ରଧାନଙ୍କ ମତରେ, " ଜନ୍ମଗତ ସାଇଟୋମେଗାଲୋ (ଉଗଠ) ସଂକ୍ରମଣ ଭଳି ରୋଗ ଠାରୁ ସୁରକ୍ଷିତ ରହିବା ପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଅତ୍ୟନ୍ତ ଦରକାର । ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତର ଓ ନର୍ସଙ୍କ ଟିମ୍ ଏବଂ ଅତ୍ୟାଧୁନିକ ମେସିନ୍ କାରଣରୁ ଆମେ ଏହି ଶିଶୁକୁ ସୁସ୍ଥ କରିବାରେ ସକ୍ଷମ ହୋଇଛୁ "। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଶିଶୁରୋଗ ବିଭାଗ ଏକ ଅତ୍ୟାଧୁନିକ ବିଭାଗ । ଦେଶର ତଥା ରାଜ୍ୟର ଯେକୌଣସି ଶିଶୁରୋଗ ବିଭାଗରେ ଯେଉ ସବୁ ସୁବିଧା ଉପଲବ୍ଧ ତାହା ଏଠାରେ ଉପଲବ୍ଧ । ଏଠାରେ ଲେବଲ -୩ ଏନ୍.ଆଇ.ସି.ୟ. , ପି.ଆଇ.ସି.ୟୁ. ସମେତ ପିଲାଙ୍କ ପାଇଁ ୨୪ ଘଣ୍ଟିଆ ଜରୁରୀକାଳୀନ ବିଭାଗ, ରିଟ୍ରିଭାଲ୍ ସିଷ୍ଟମ୍, ଟ୍ରାନ୍ସପୋର୍ଟ ଇନ୍‌କ୍ୟୁବେଟର୍ ଏବଂ ଭେଣ୍ଟିଲେଟର, ପେରିଟୋନିଆଲ୍ ଡାୟଲେସିସ୍ ଏବଂ କଙ୍ଗାରୁ ମଦର କେୟାର ୟୁନିଟ୍ ଇତ୍ୟାଦି ସୁବିଧା ଉପଲବ୍ଧ ଅଛି । ମଣିପାଲ ହସ୍ପିଟାଲ ବିଷୟରେ ଭାରତରେ ବାର୍ଷିକ ୭ ନିୟୁତରୁ ଅଧିକ ରୋଗୀ ଙ୍କୁ ସେବା ଯୋଗାଉଥିବା ଲୋକଙ୍କ ମଧ୍ୟରେ ଆଗ୍ନିଓନିରିନ୍ ହେଲ୍ଥ କେୟାର, ମଣିପାଲ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ଏହାର ମଲ୍ଟିସ୍ପେଶାଲିଟି ଏବଂ ତୃତୀୟ ସ୍ତରୀୟ ଯତ୍ନ ବିତରଣ ସ୍ପେକ୍ଟ୍ରମ ମାଧ୍ୟମରେ ଏକ ସୁଲଭ, ଉଚ୍ଚ ଗୁଣବତା ବିଶିଷ୍ଟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବିକଶିତ କରିବା ଏବଂ ଏହାକୁ ଡାକ୍ତରଖାନା ବାହାରେ ସେବା ରେ ବିସ୍ତାର କରିବା ଏହାର ଲକ୍ଷ୍ୟ । ମେଡିକା ସିନର୍ଜି ହସ୍ପିଟାଲ ଏବଂ ଏଏମଆରଆଇ ହସ୍ପିଟାଲଲିମିଟେଡ୍ (ସେପ୍ଟେମ୍ବର ୨୦୨୩ରେ ଅଧିଗ୍ରହଣ) ଅଧିଗ୍ରହଣ ଶେଷ ହେବା ସହିତ ସମନ୍ୱିତ ନେଟୱାର୍କରେ ଆଜି ୧୦,୫୦୦ରୁ ଅଧିକ ଶଯ୍ୟା ବିଶିଷ୍ଟ ୧୯ଟି ସହରର ୩୭ଟି ଡାକ୍ତରଖାନାର ସର୍ବଭାରତୀୟ ପାଦଚିହ୍ନ ରହିଛି ଏବଂ ୫,୬୦୦ରୁ ଅଧିକ ଡାକ୍ତର ଏବଂ ୧୮,୬୦୦ରୁ ଅଧିକ କର୍ମଚାରୀଙ୍କ ଦକ୍ଷ ପୁଲ୍ ରହିଛି । ମଣିପାଲ ହସପିଟାଲ ସମଗ୍ର ବିଶ୍ୱର ଅନେକ ରୋଗୀଙ୍କ ପାଇଁ ବ୍ୟାପକ ରୋଗ ନିରାକରଣ ଏବଂ ପ୍ରତିଷେଧକ ଯତ୍ନ ପ୍ରଦାନ କରିଥାଏ । ମଣିପାଲ ହସ୍ପିଟାଲ ଏନଏବିଏଚ, ଏବଂ ଏଏଏଚଆରପିପି ସ୍ୱୀକୃତିପ୍ରାପ୍ତ ଏବଂ ଏହାର ନେଟୱାର୍କର ଅଧିକାଂଶ ଡାକ୍ତରଖାନା ହେଉଛି ଏନଏବିଏଲ୍, ଇଆର ଏବଂ ବ୍ଲଡ ବ୍ୟାଙ୍କ ସ୍ୱୀକୃତିପ୍ରାପ୍ତ ଏବଂ ନର୍ସିଂ ଉତ୍କର୍ଷତା ପାଇଁ ସ୍ୱୀକୃତିପ୍ରାପ୍ତ । ମଣିପାଲ ହସ୍ପିଟାଲମଧ୍ୟ ବିଭିନ୍ନ ଉପଭୋକ୍ତା ସର୍ବେକ୍ଷଣ ମାଧ୍ୟମରେ ଭାରତର ସବୁଠାରୁ ସମ୍ମାନଜନକ ଏବଂ ରୋଗୀ ସୁପାରିଶ କରାଯାଇଥିବା ଡାକ୍ତରଖାନା ଭାବରେ ସ୍ୱୀକୃତି ପାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପରବର୍ତ୍ତୀ ପ୍ରଧାନ...

ଭାବରେ ତାଙ୍କର ଆଇନଗତ ଜୀବନ ଆରମ୍ଭ କରିଥିଲେ । ସେ ପ୍ରଥମେ ଦିଲ୍ଲୀ ହାଇକୋର୍ଟ ଏବଂ ବିଭିନ୍ନ ଟ୍ରିବ୍ୟୁନାଲକୁ ଯିବା ପୂର୍ବରୁ ତିସ ହଜାରି କମ୍ପ୍ଲେକ୍ସରେ ଅଭ୍ୟାସ କରିଥିଲେ । ତାଙ୍କ ଅଭିଜ୍ଞତାରେ ଆୟକର ବିଭାଗର ସିନିୟର ଷ୍ଟାଣ୍ଡିଂ କାଉନସେଲ ଏବଂ ୨୦୦୪ ମସିହାରୁ ଦିଲ୍ଲୀର ଜାତୀୟ ରାଜଧାନୀ ଅଞ୍ଚଳ ପାଇଁ ଷ୍ଟାଣ୍ଡିଂ କାଉନସେଲ ଭାବରେ କାର୍ଯ୍ୟ କରିବା ଅନ୍ତର୍ଭୁକ୍ତ ।

ଜଷ୍ଟିସ ସଞ୍ଜୀବ ଖାନ୍ନା ବର୍ତ୍ତମାନ ଜାତୀୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ଭୋପାଳର ଜାତୀୟ ଜୁଡିସିଆଲ ଏକାଡେମୀର ପରିଚାଳନା ପରାମର୍ଶଦାତା ସଦସ୍ୟ ।

ବର୍ଷ ବର୍ଷ ଧରି ଜଷ୍ଟିସ ଖାନ୍ନା ଦିଲ୍ଲୀ ଜୁଡିସିଆଲ ଏକାଡେମୀ ଏବଂ ଦିଲ୍ଲୀ ଆନ୍ତର୍ଜାତୀୟ ଆର୍ବିଟ୍ରେସନ ସେଣ୍ଟରର ଚେୟାରମ୍ୟାନ ସମେତ ଅନେକ ସମ୍ମାନଜନକ ପଦବୀରେ ରହି ଆସିଛନ୍ତି । ସେ ୨୦୦୫ ମସିହାରେ ଦିଲ୍ଲୀ ହାଇକୋର୍ଟର ଅତିରିକ୍ତ ଜଜ୍ ଭାବରେ ନିଯୁକ୍ତ ହୋଇଥିଲେ ଏବଂ ପରବର୍ତ୍ତୀ ବର୍ଷ ସ୍ଥାୟୀ ବିଚାରପତି ହୋଇଥିଲେ । ଜାନୁଆରୀ ୨୦୧୯ରେ ତାଙ୍କୁ ସୁପ୍ରିମକୋର୍ଟରେ ଉନ୍ନୀତ କରାଯାଇଥିଲା ।

### ଗୁଆଘିଅରେ ମହାପ୍ରସାଦ ...

ବିଭିନ୍ନ ପ୍ରକାର ଅନ୍ନବ୍ୟଞ୍ଜନ ଭୋଗ ହୋଇସାରି ବିମଳାଙ୍କ ନିକଟରେ ସମର୍ପଣ କରାଯିବା ପରେ ତାହାକୁ ମହାପ୍ରସାଦ କୁହାଯାଏ । ଏହା ବଢ଼ା ନହୋଇ ଗୋଟା କୁଡୁଆରେ ଠାକୁରମାନଙ୍କୁ ଅର୍ପଣ କରାଯାଉଥିବାକୁ ଏହାକୁ ଅବଢ଼ା କୁହାଯାଇଥାଏ । ଅବଢ଼ା ନିର୍ମାଲ୍ୟ, ମାହାର୍ଦ୍ଦ ଓ କୈବଲ୍ୟ ନାମରେ ମଧ୍ୟ ଜଣା । କୈବଲ୍ୟ ଓ ଅବଢ଼ା ମଧ୍ୟରେ ପାର୍ଥକ୍ୟ ହେଉଛି, କୈବଲ୍ୟକୁ ଦୁଇ ଆଙ୍ଗୁଠିରେ ଅର୍ଥାତ କଣିକାଏ ଖାଇବାକୁ ହୁଏ, କିନ୍ତୁ ଅବଢ଼ା ମନମୁତାବକ ପେଟପୁରା ଖିଆଯାଏ ।

ସୂଚନାଯୋଗ୍ୟ, ମୁଖ୍ୟ ପ୍ରଶାସକ କିଛି ଦିନ ପୂର୍ବରୁ ଶ୍ରୀମନ୍ଦିରରେ ଓମ୍‌ଫେଡ ଘିଅରୁ ମହାପ୍ରସାଦ ପ୍ରସ୍ତୁତି ନେଇ ଚିଠି ଲେଖିଥିଲେ । ଆବଶ୍ୟକତା ଦୃଷ୍ଟିରୁ ସ୍ୱତନ୍ତ୍ର ଡିପୋ ବ୍ୟବସ୍ଥା ପାଇଁ ଓମ୍‌ଫେଡ ପରିଚାଳନା ନିର୍ଦ୍ଦେଶକଙ୍କୁ ସେ ଚିଠିରେ ଉଲ୍ଲେଖ କରିଥିଲେ । ମହାପ୍ରସାଦ ପ୍ରସ୍ତୁତି ଓ ଦୀପରେ କେବଳ ଓମ୍‌ଫେଡ ଘିଅ ବ୍ୟବହାର କରାଯିବ । ଘିଅ ଦାମ ହ୍ରାସ ପାଇଁ ନିଯୋଗ ଅନୁରୋଧ କରିଥିବା ଜଣାଇଥିଲେ । ଶ୍ରୀମନ୍ଦିର ଭିତରକୁ ଅନ୍ୟ ଘିଅ ନେଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯାଇଥିଲା ।

### ଆସୁଛି ଘୂର୍ଣ୍ଣିବଳୟ...

କିଛି ଦିନ ହେଲା ଗାଏବ ହୋଇଯାଇଛି ବର୍ଷା । ଆଉ ରାଜୁତି କରୁଛି ଖରା । ବର୍ଷା ଋତୁରେ ଭୟଙ୍କର ତାତି ଅନୁଭୂତ ହେଉଛି । ଯେଉଁଥିପାଇଁ ଚଷ ଜମିରୁ ପାଣି ଶୁଖିବା ଆରମ୍ଭ ହେଲାଣି । ଧାନ ଗଛ ମରିବାକୁ ବସିଲାଣି । ଆଗାମୀ ୨ରୁ ୩ ଦିନ ଭିତରେ ବର୍ଷା ନହେଲେ ଧାନ ଗଛ ମରିଯିବ ବୋଲି ଜଣାପଡ଼ିଛି ।

### ଆନ୍ଦୋଳନକୁ ...

ଓହ୍ଲାଇଲେଣି ହବିଷ୍ୟାଳୀ । ରହଣି ବ୍ୟବସ୍ଥା ଦାବିରେ ସେମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ପଛାଇ ନାହାନ୍ତି ।

କାର୍ତ୍ତିକ ମାସରେ ହବିଷ୍ୟାଳୀମାନଙ୍କ ରହଣି ସମେତ ସମସ୍ତ ପ୍ରକାର ସୁବିଧା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ଘୋଷଣା ହୋଇଥିଲା । ଏଥିନିମନ୍ତେ ନିଜ ନାମ ଅନଲାଇନ୍‌ରେ ପଞ୍ଜୀକରଣ କରିବାକୁ ଗତ ୬ ତାରିଖରେ ଘୋଷଣା କରାଯାଇଥିଲା । ଏହି ପ୍ରକ୍ରିୟା ୫ ଦିନ ପର୍ଯ୍ୟନ୍ତ ଅର୍ଥାତ ଗତ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଥିଲା ।

ମାତ୍ର କେବଳ ଗୋଟିଏ ଦିନ ପରେ ଅର୍ଥାତ ୭ ତାରିଖରେ ପୋର୍ଟାଲକୁ ବନ୍ଦ କରି ଦିଆଗଲା । ଫଳରେ ବହୁ ହବିଷ୍ୟାଳୀ ପଞ୍ଜିକରଣ କରିବାରୁ ବଞ୍ଚିତ ହୋଇଛନ୍ତି । ଏପରି ସ୍ଥିତିରେ ସେମାନେ ଗୁରୁବାର ପୁରୀରେ ପହଞ୍ଚିଥିବା ବେଳେ ସେମାନଙ୍କୁ ରହିବାକୁ ଜାଗା ଖଣ୍ଡେ ମିଳୁନି ।

ଖବର ପାଇ ପୁରୀ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ପହଞ୍ଚି ଆନ୍ଦୋଳନରତ ହବିଷ୍ୟାଳୀଙ୍କୁ ବୁଝାସୁଝା କରିଥିଲେ । ପ୍ରଥମେ ପଞ୍ଜିକୃତ ହବିଷ୍ୟାଳିଙ୍କ ଲାଗି ବ୍ୟବସ୍ଥା କରାଯିବ । ଏହା ପରେ ସ୍ଥାନ ଫାଙ୍କା ରହିଲେ ଅଣପଞ୍ଜିକୃତ ହବିଷ୍ୟାଳିଙ୍କୁ ରହିବା ପାଇଁ ଦିଆଯିବ ବୋଲି ପୁରୀ ପ୍ରଶାସନ ପକ୍ଷରୁ ହବିଷ୍ୟାଳିଙ୍କୁ କୁହାଯାଇଥିବା ସୂଚନା ମିଳିଛି । ମାତ୍ର ଏହା ପରେ ବି ଆନ୍ଦୋଳନ ପ୍ରଶମିତ ହୋଇ ନ ଥିବା ଜଣାଯାଇଛି ।

କିଛି ହବିଷ୍ୟାଳୀ ଯେକୌଣସି ପରିସ୍ଥିତିରେ ବି କାର୍ତ୍ତିକ ମାସରେ ପୁରୀରେ ରହିବେ ବୋଲି କହୁଥିବା ବେଳେ ଆଉ କିଛି କିନ୍ତୁ ନିରାଶ ହୋଇ ଘରକୁ ଫେରିବାକୁ ଗୋଡ଼ କାଢ଼ିଲେଣି ।

### ୧ କୋଟି ପୁରସ୍କାର ...

ସକ୍ରିୟ ଥିଲେ । ସେ ବହୁ ହିଂସାରେ ଜଡିତ ଥିବା ପୁଲିସ କହିଛି । କେନ୍ଦ୍ରୀୟ କମିଟିର ସଦସ୍ୟା ହୋଇଥିବାରୁ ସରକାର ତାଙ୍କ ନାମରେ ଏକ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲେ । ପୁଲିସ ସୁଜାତାକୁ ଧରି ପଚରାଉଚରା କରୁଛି । ଦିନେ ଦୁଇଦିନରେ ସାମ୍ବାଦିକ ସମ୍ମିଳନୀ କରି ବିସ୍ତୃତ ବିବରଣୀ ଦେବ ବୋଲି ପୁଲିସ କହିଛି ।

ନକ୍ସଲ ଦମନରେ ଜଣେ ଆଗଧାଡିର ନେତ୍ରୀ ଗିରଫ ହେବା ପରେ ସଂଗଠନ ଏବେ ଆହୁରି ଦୁର୍ବଳ ହେବ ବୋଲି କୁହାଯାଇଛି । ପୁଲିସ ସୁଜାତାଙ୍କ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବ ବୋଲି ଆଶା କରିଛି ।

### ବାଘଶୂନ୍ୟ ...

ତେଣୁ ଟାଇଗର ରିକଭରି ପ୍ଲାନ ଅନୁଯାୟୀ ବାଘ ଆଣିବାକୁ ଯୋଜନା ଅଛି ବୋଲି କହିଛନ୍ତି ପିସିସିଏଫ ।

ଏହି ଯୋଜନା କେବଳ ସ୍ଥାନୀୟ ଲୋକଙ୍କ ସହାୟତାରେ ହିଁ ସଫଳ ହୋଇପାରିବ ବୋଲି ସେ କହିଛନ୍ତି । ତେବେ ସାତକୋଶିଆର କୋର ଏରିଆ ଏବେ ଖାଲି ହୋଇଗଲାଣି । ଅଭୟାରଣ୍ୟର ଅନ୍ୟ ଅଞ୍ଚଳରୁ ଲୋକ ସ୍ୱଇଚ୍ଛାରେ ସ୍ଥାନାନ୍ତର ହେଲେ ଯାଇ ପ୍ରକଳ୍ପ ଆରମ୍ଭ ହୋଇପାରିବ । ଏଥିପାଇଁ ସ୍ଥାନୀୟ ଲୋକ ଓ ଲୋକପ୍ରତିନିଧିଙ୍କ ସହାୟତା ଆବଶ୍ୟକ ବୋଲି କହିଛନ୍ତି ପିସିସିଏଫ ।

ହେଲେ ଏହା ପୂର୍ବରୁ ଅନୁଗୁଳ ଜିଲ୍ଲା ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟକୁ ମିଳିଛି ୧୨ଟି ଅତ୍ୟାଧୁନିକ ପାଟ୍ରୋଲିଂ ଭ୍ୟାନ । ଏହାସହ ବାଲୁଖଣ୍ଡ ଅଭୟାରଣ୍ୟ ଓ କପିଳାସ ଅଭୟାରଣ୍ୟକୁ ମଧ୍ୟ କେତେକ ପାଟ୍ରୋଲିଂ ଗାଡ଼ି ପ୍ରଦାନ କରାଯାଇଛି ।

ଅଭୟାରଣ୍ୟର ରେଞ୍ଜ ଅଫିସ ଦକ୍ଷତା ବଢ଼ାଇବା ପାଇଁ ଦିଆଯାଇଛି ଏସବୁ ଅତ୍ୟାଧୁନିକ ପାଟ୍ରୋଲିଂ ଗାଡ଼ି । ଜୀବଜନ୍ତୁଙ୍କ ସୁରକ୍ଷାରେ ନିୟୋଜିତ ହେବ ଏହି ପାଟ୍ରୋଲିଂ ଭ୍ୟାନ । ଭ୍ୟାନରେ ନେଭିଗେସନ ସହ ବନ୍ୟପ୍ରାଣୀଙ୍କ ଉଦ୍ଧାର ପାଇଁ ମଧ୍ୟ ବ୍ୟବସ୍ଥା ରହିଛି ।

ଭୁବନେଶ୍ୱରସ୍ଥିତ ଭରତପୁର ଅଭୟାରଣ୍ୟ ନିକଟରେ ଏହି ପାଟ୍ରୋଲିଂ ଗାଡ଼ିର ଶୁଭାରମ୍ଭ କରିଛନ୍ତି ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ ।

### ବ୍ୟକ୍ତିଗତ ଭାବେ...

ବିଭିନ୍ନ ପ୍ରକାର ଅନୁଷ୍ଠାନରୁ ୫୯ଟି ଅନରାରି ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିଲେ । ନିକଟରେ ସେ ଆଉ ଏକ ବିଦେଶୀ ରାଷ୍ଟ୍ରର ଅଗ୍ରଣୀ ଶିକ୍ଷାନୁଷ୍ଠାନରୁ ଡକ୍ଟରେଟ୍ ଡିଗ୍ରୀ ହାସଲ କରିବା ପରେ ଏହା ୬୦କୁ ବୃଦ୍ଧି ପାଇଛି ।

ଅନ୍ୟ କେତେକ ସୂତ୍ର ଅନୁଯାୟୀ ଡକ୍ଟର ଲିଓନ ଏଚ୍ ସୁଲିଭାନ ଯିଏକି ଜଣେ ଆମେରିକୀୟ 'ବାପଟିଷ୍ଟ ମନ୍ତ୍ରୀ' ଏବଂ ମାନବିକ ଅଧିକାରର ନେତା ତାଙ୍କ ଜୀବନକାଳ ମଧ୍ୟରେ ୭୦ଟି ଡକ୍ଟରେଟ୍ ଡିଗ୍ରୀ ଗ୍ରହଣ କରିଥିଲେ ଯାହାକି ରେକର୍ଡ ସିଦ୍ଧ ହୋଇପାରିନାହିଁ । ସେହିଭଳି ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ନେଲସନ ମାଣ୍ଡେଲା ତଥା ଭାରତର ଅଗ୍ରଣୀ କୃଷି ବିଜ୍ଞାନୀ ଡକ୍ଟର ଏମ ଏସ୍ ସ୍ୱାମୀନାଥନ ମଧ୍ୟ କେତେକ ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ ହେଁ ଏଗୁଡିକର ସଂଖ୍ୟା ସରକାରୀ ଭାବରେ ରେକର୍ଡ କରାଯାଇ ପାରିନାହିଁ । 'ମେଟା ଏଆଇ' ଡାଟା ଅନୁଯାୟୀ ଡକ୍ଟର ସାମନ୍ତ ରେକର୍ଡ ପରିମାଣର ଅନରାରି ଡକ୍ଟରେଟ୍ ଡିଗ୍ରୀ ହାସଲ କରି ସମଗ୍ର ବିଶ୍ୱରେ ଅଗ୍ରଣୀ ସ୍ଥାନ ଅଧିକାର କରିଛନ୍ତି ।

# ପିଲାଙ୍କ ଶିକ୍ଷାଗତ ସ୍ୱାର୍ଥର ସୁରକ୍ଷା ସରକାରଙ୍କ ଦାୟିତ୍ୱ' : ହାଇକୋର୍ଟ

**କଟକ, ନ୍ୟୁଜ ବ୍ୟୁରୋ**

ସମ୍ବିଧାନର ନିୟମ ଅନୁସାରେ ରାଜ୍ୟ ସରକାର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ସ୍ୱାର୍ଥର ସୁରକ୍ଷା ସହ ସେମାନଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ବାଧ । ଛାତ୍ରଛାତ୍ରୀଙ୍କ ଯେଉଁ ଶିକ୍ଷାଗତ ଅଧିକାର ରହିଛି ତାହାକୁ ମଧ୍ୟ ସରକାର ସୁନିଶ୍ଚିନ୍ତ କରିବା ଆବଶ୍ୟକ । ଏକ ଘରୋଇ ବିଦ୍ୟାଳୟକୁ ରାଜ୍ୟ ସରକାର ନିଜ ହାତକୁ ନେବାକୁ ମନା କରିଦେବା ମାମଲାରେ ହାଇକୋର୍ଟ ଏଭଳି ମନ୍ତବ୍ୟ ଦେଇଛନ୍ତି । ମୟୂରଭଞ୍ଜର ପୋଖରୀସାହି ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ବିଦ୍ୟାଳୟକୁ ନିଜ ହାତକୁ ନେବା ଲାଗି ରାଜ୍ୟ ସରକାର ତିନି ମାସ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କେବଳ ଛାତ୍ରଛାତ୍ରୀ କିମ୍ବା ଭିତ୍ତିଭୂମିର ଦାୟିତ୍ୱ ନୁହେଁ, ଶିକ୍ଷକଙ୍କ ଦାୟିତ୍ୱ ମଧ୍ୟ ସରକାରଙ୍କର ବୋଲି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି ।

# କୋଲକାତା ଯିବ କମିଶନରେଟ ପୋଲିସ ଟିମ୍ : ଡିସିପି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରୁ ୬ ସାଇବର ଠକ ଗିରଫ ହେବା ମାମଲାରେ ଅଧିକ ତଦନ୍ତ ପାଇଁ କମିଶନରେଟ ପୋଲିସ ଟିମକୁ କୋଲକାତା ପଠାଯିବ ବୋଲି ସୂଚନା ଦେଇଛନ୍ତି ଡିସିପି ପିନାକ ମିଶ୍ର । ସେ କହିଛନ୍ତି ଯେ ଟଙ୍କା ଲୁଟିବାକୁ ସାଇବର ଲୁଟେରା ନୂଆ ତରିକା ଆପଣାଇଛନ୍ତି । ସିଷ୍ଟମରେ ଆଂଟିଭାଇରସ ଅପଲୋଡ ଆଳରେ କରୁଛନ୍ତି ଲୁଟ୍ । ଲୋକଙ୍କ ସିଷ୍ଟମକୁ ନିଜ ଆୟତ୍ତକୁ ଆଣିବା ସହ ଲୁଟ୍ କରୁଛନ୍ତି । ସେ କହିଛନ୍ତି ଯେ ସମସ୍ତ ଅଭିଯୁକ୍ତ ପଶ୍ଚିମବଙ୍ଗ ଅଂଚଳର ହୋଇଥିବା ସୂଚନା ମିଳିଛି । ଅଭିଯୁକ୍ତ ମାନେ କଷ୍ଟମର କେୟାର ସେଂଟର ଖୋଲି ଲୋକଙ୍କୁ ଲୁଟୁଥିଲେ । ତେଣୁ ଏହି ମାମଲାରେ ଅଧିକ ତଦନ୍ତ ପାଇଁ କୋଲକାତା ପୋଲିସର ଏକ ଟିମକୁ ପଠାଯିବ । ଅଭିଯୁକ୍ତ ମାନେ ଦେଶ ତଥା ଦେଶ ବାହାର ଲୋକଙ୍କୁ ମଧ୍ୟ ଠକିଥିବା ଜଣା ପଡିଛି । ପୋଲିସ ଅଧିକ ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବ ।

# ବିଶିଷ୍ଟ ଗବେଷକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ପତ୍ନୀ ବିୟୋଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବିଶିଷ୍ଟ ଇତିହାସ ଗବେଷକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ଧର୍ମପତ୍ନୀ ଆଶାଲତା ତ୍ରିପାଠୀଙ୍କର ଗତ ବୁଧବାର ପ୍ରାତଃ ସମୟରେ ପରଲୋକ ଘଟିଛି । ତାଙ୍କୁ ୮୧ବର୍ଷ ହୋଇଥିଲା । ସେ ଗତ କିଛି ଦିନ ଧରି ଯକୃତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଲକ୍ଷ୍ମୀସାଗରରେ ଥିବା ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଆସୁଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ବୋହୂ, ଝିଅ, ନାତି ନାତୁଣୀ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ମୃତ୍ୟୁ ଖବର ପାଇବା ପରେ ବାଲିଅନ୍ତା, ବାଲିପାଟଣା ଓ ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବର୍ତ୍ତମାନର ବମିଖାଲସ୍ଥିତ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସେ ବଡ଼ ଦୟାଳୁ ଓ ପରୋପକାରୀଣୀ ମହିଳା ଥିଲେ । ବହୁ ଗରୀବ ଛାତ୍ର ଓ ଗରୀବମାନଙ୍କୁ ସେ ସାହାଯ୍ୟ କରୁଥିଲେ । ଶବ ଶୋଭାଯାତ୍ରାରେ ଭୁବନେଶ୍ୱରର ବହୁ ବିଶିଷ୍ଟ ଲୋକମାନଙ୍କୁ ଦେଖିବାକୁ ମିଳିଥିଲା । ଆଜି ଶିକ୍ଷାନୁଷ୍ଠାନମାନ ପୂଜା ଛୁଟି ପରେ ଖୋଲିଲେ ମଧ୍ୟ ସେଥିରୁ କେତେକ ଏପରି ଶୋକାକୁଳ ପରିବେଶରେ ବନ୍ଦ ହୋଇଯାଇଥିଲା ।

# ବାଣୀବିହାର ୮୦ର କାର୍ଯ୍ୟକାରିଣୀ ବୈଠକ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭରତପୁରସ୍ଥିତ 'ଶରତ ବୈଠକୀ'ରେ ବାଣୀବିହାର ୮୦ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଚିଶ ଜଣ ସଭ୍ୟ ସଭ୍ୟା ଯୋଗଦାନ କରିଥିଲେ । ସଭାପତି ଶରତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ପରିଚାଳନା କରିଥିଲେ ସଂପାଦକ ଶ୍ରୀ ଆଶୁତୋଷ ଦାଶ । ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏହି ବୈଠକରେ ନିଆଯାଇଛି । ସଂଘର ବାର୍ଷିକ ଅଧିବେଶନ ଆଗାମୀ ଡ଼ିସେମ୍ବର ୧୫ ତାରିଖରେ ଅନୁଷ୍ଠିତ ହେବାକୁ ସର୍ବ ସମ୍ମତି କ୍ରମେ ସ୍ଥିର କରାଯାଇଛି । ଏହି ବୈଠକରେ ଯୋଗଦାନ କରିଥିବା ବରିଷ୍ଠ ସଭ୍ୟ ସଭ୍ୟାଙ୍କ ମଧ୍ୟରେ ଥିଲେ ପ୍ରତାପ ମିଶ୍ର, ସମୀର ମିଶ୍ର , ଧରିତ୍ରୀ ରାୟ, ପରେଶ ମହାନ୍ତି, ଅଲେଖ ନନ୍ଦୀ, ନରହରି ଶିଅଳ, ଅଜୟ ମିଶ୍ର, ନୀହାରିକା ମିଶ୍ର, ଗୀତାଞ୍ଜଳି ମହାପାତ୍ର, ମେନକା ମଲ୍ଲିକ, ଅଞ୍ଜଳି ପଣ୍ଡା, ମହେଶ୍ୱର ରଥ, ଦୁର୍ଗା ଚରଣ ମଲ୍ଲ, ବିନୋଦ ସାମନ୍ତରାୟ, ହେମନ୍ତ ରାଉତ, ସଂସାର ବିନ୍ଦୁ ପୃଷ୍ଟି, ସୁକାନ୍ତ ମହାନ୍ତି, କ୍ଷମାସାଗର ସ୍ୱାଇଁ, ଶିଶିର ପରିଡ଼ା ଓ ଘନଶ୍ୟାମ ଓଝା ।

ଉତ୍କଳ ଦୀପିକା

ଭୁବନେଶ୍ୱର
୧୮ ଅକ୍ଟୋବର
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

## ଶ୍ରୀମନ୍ଦିରରେ ଅନନ୍ୟ ପରମ୍ପରା : ମହାଲକ୍ଷ୍ମୀଙ୍କଠାରୁ ଜୁଆରେ ହାରି ବନ୍ଧା ପଡିଲେ ଶ୍ରୀମାଧବ

**ପୁରୀ ୧୭/୧୦ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଗୁରୁବାର କୁମାର ପୂର୍ଣ୍ଣିମା ନୀତି । ଏହି ଉପଲକ୍ଷେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି । ଏହି ଅବସରରେ ନଗର ପରିକ୍ରମା କରିଲେ ଶ୍ରୀସୁଦର୍ଶନ ଦେବ । ଶ୍ରୀକ୍ଷେତ୍ରର ପୁରାଣ ପ୍ରସିଦ୍ଧ ଆଶ୍ରମରେ ଶ୍ରୀସୁଦର୍ଶନ ପ୍ରଭୁ ବିଜେ ହୋଇଛନ୍ତି । ଉକ୍ତ ଦିନ ମହାଲକ୍ଷ୍ମୀ ଓ ମହାପ୍ରଭୁଙ୍କ ମଧ୍ୟରେ ଦ୍ୟୁତକ୍ରିଡ଼ା ପ୍ରତିଯୋଗିତା ହୋଇଛି । ଦେବଦମ୍ପତିଙ୍କ ପକ୍ଷରୁ ଖେଳିଲେ ବରିଷ୍ଠ ସେବାୟତ । ପୂର୍ଣ୍ଣମୀ ଦିନ ମଧ୍ୟାହ୍ନ ଧୂପ ସରିବା ପରେ ମା' ଲକ୍ଷ୍ମୀ ସରସ୍ୱତୀ ଖଟଶେଯ ଉପରେ ବିଜେ ହୋଇ ରତ୍ନସିଂହାସନରୁ ଶ୍ରୀସୁଦର୍ଶନଦେବଙ୍କୁ ବିଜେ କରାଇ ଆଣି ଚଉଦଳରେ ରୁନ୍ଧିଛନ୍ତି ଦଇତାପତିମାନେ । ଘଣ୍ଟ ଘଣ୍ଟା ଛତା ଓ କାହାଳୀର ପଟୁଆରରେ ଶ୍ରୀସୁଦର୍ଶନ ଦେବ ବଡ଼ଦେଉଳ ପରିକ୍ରମା କରି ଆଶ୍ରମରେ ବିଜେ ହୋଇଥିଲେ । ସେଠାରେ ପାରମ୍ପରିକ ଦେବନୀତି ସମ୍ପନ୍ନ ହୋଇଛି । ଠାକୁରେ ରତ୍ନସିଂହାସନକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମା' ଲକ୍ଷ୍ମୀ ସରସ୍ୱତୀଙ୍କୁ ସିଂହାସନରେ ବିଜେ କରାଯିବା ପରେ ଦକ୍ଷିଣୀଘରୁ ଶ୍ରୀମଦନମୋହନ ବିଜେ ହୋଇ ମା'ଲକ୍ଷ୍ମୀ ଓ ଶ୍ରୀମଦନମୋହନଙ୍କୁ ଆଜ୍ଞାମାଳ ଅର୍ପଣ କରାଯାଇଛି । ମା'ଲକ୍ଷ୍ମୀ ଠାକୁରାଣୀଙ୍କ ମନ୍ଦିରରେ ଦେବ ଦମ୍ପତି ପାରମ୍ପରିକ ଖେଳ ଖେଳିଛନ୍ତି । ଦେବ ଦମ୍ପତିଙ୍କ ପକ୍ଷରୁ ସେବକମାନେ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ପୁନର୍ବାର ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତି ପରେ ଦିଅଁମାନଙ୍କ ତରଫରୁ ସେବକମାନେ ପାରମ୍ପରିକ ଦ୍ୟୁତକ୍ରୀଡା ଖେଳି ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଥିବା ମହାପ୍ରଭୁ ମହାଲକ୍ଷ୍ମୀଙ୍କ ସହିତ ଜୁଆ ଖେଳରେ ହାରି ଯାଇଥିବାରୁ ପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରମାଧବ ସାତଦିନ ପର୍ଯ୍ୟନ୍ତ ଲକ୍ଷ୍ମୀ ମନ୍ଦିରରେ ବନ୍ଧା ରହିଛନ୍ତି। ସେପଟେ ଆରମ୍ଭ ହୋଇଛି କାର୍ତ୍ତିକ ବ୍ରତ । ଫଳରେ ହବିଷ୍ୟାଳୀ ମାନେ କାର୍ତ୍ତିକ ବ୍ରତ ପାଳନ କରିଛନ୍ତି। ରାଧା ଦାମୋଦର ବେଶରେ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୁରତୀ । ସେପଟେ ଗୁରୁବାର ଭକ୍ତଙ୍କ ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ସହ ସୁରୁଖୁରୁରେ ଭକ୍ତମାନେ ଯେପରି ମହାପ୍ରସାଦ ପାଇ ପାରିବେ ସେନେଇ ମଧ୍ୟ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ପୁରୀ ଜିଲ୍ଲାପାଳ।



## ହରିୟାଣାର ୨୦ ବିଧାନସଭା ଆସନରେ ସାନି ନିର୍ବାଚନ ପାଇଁ ସୁପ୍ରିମକୋର୍ଟରେ ଆବେଦନ

**ନୂଆଦିଲ୍ଲୀ, ୧୭/୧୦**



ହରିୟାଣାର ୨୦ ବିଧାନସଭା ଆସନରେ ପୁଣି ଥରେ ନିର୍ବାଚନ କରାଇବା ଦାବି କରି ସୁପ୍ରିମକୋର୍ଟରେ ଆବେଦନ ହୋଇଛି । ସର୍ବୋଚ୍ଚ ଅଦାଲତରେ ଦାଖଲ ଯାଚିକାରେ ଇଭିଏମ୍ ରେଜଲ୍ଟ ସନ୍ଦିଗ୍ଧ ଥିବା ଅଭିଯୋଗ କରାଯାଇଛି । ସୁପ୍ରିମକୋର୍ଟରେ ପ୍ରିୟା ମିଶ୍ର ଏବଂ ବିକାଶ ସମ୍ବଲଙ୍କ ପକ୍ଷରୁ ଆଇନଜୀବୀ ନରେନ୍ଦ୍ର ମିଶ୍ର ଏହି ଯାଚିକା ଦାଖଲ କରିଛନ୍ତି । ଯାଚିକାରେ କୁହାଯାଇଛି ଯେ ଭାରତୀୟ ନିର୍ବାଚନ ଆୟୋଗ ଇଭିଏମ୍ ଜରିଆରେ ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହୋଇଛି । ଏଥିରେ ଅଭିଯୋଗ କରାଯାଇଛି ଯେ ହରିୟାଣାର ୨୦ ବିଧାନସଭାରେ କିଛି ଇଭିଏମ୍ ୯୯ ପ୍ରତିଶତ ବ୍ୟାଟେରି କ୍ଷମତାରେ କାମ କରୁଥିଲା । ଅନ୍ୟପଟେ କିଛି ଇଭିଏମ୍ ୮୦ ପ୍ରତିଶତ କ୍ଷମତାରେ କାମ କରୁଥିଲା । ଆଇନଜୀବୀ ଶ୍ରୀ ମିଶ୍ର କହିଛନ୍ତି ଯେ ୨୦୨୪ ଅକ୍ଟୋବର ୮ରେ ମତଗଣନା ଦିନ ୨୦ ବିଧାନସଭାରେ କିଛି ଇଭିଏମ୍ ୯୯ ପ୍ରତିଶତ ବ୍ୟାଟେରିରେ କାମ କରୁଥିଲା, ଅନ୍ୟ ଇଭିଏମ୍ ୬୦ ଏବଂ ୭୦ ପ୍ରତିଶତ ବ୍ୟାଟେରି କ୍ଷମତାରେ ଥିଲା । ଯାଚିକାରେ କଂଗ୍ରେସ ଦ୍ୱାରା ନିର୍ବାଚନ ଆୟୋଗଙ୍କ ନିକଟରେ କରାଯାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି । ଯେଉଁଥିରେ କିଛି ମତଦାନ କେନ୍ଦ୍ରରେ ବ୍ୟବହାର ହୋଇଥିବା ଇଭିଏମ୍‌ରେ ଏହି ଅସମାନତା ଦେଖିବାକୁ ମିଳିଥିଲା । ଯାଚିକାରେ କୁହାଯାଇଛି ଯେ ଏହି ସୂଚନା ମିଳିବା ପରେ କଂଗ୍ରେସ ପ୍ରାର୍ଥୀ ନିର୍ବାଚନ ଅଧିକାରୀଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଇଥିଲେ, କିନ୍ତୁ ଅଭିଯୋଗର କୌଣସି ସଠିକ୍ ଜବାବ ମିଳିନଥିଲା । ଆବେଦନରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ମତଦାନ ଦିନ ଜାରି ଡାଟା ଉପରେ ମଧ୍ୟ ପ୍ରଶ୍ନ ଉଠାଯାଇଛି । ଏଥିରେ କୁହାଯାଇଛି ଯେ ନିର୍ବାଚନ ଆୟୋଗ ଭୋଟିଂ ଦିନ ସଂଧ୍ୟା ୭.୨୫ ମିନିଟରେ ଡାଟା ଜାରି କରିଥିଲେ ଯେ ୬୧.୧୯ ପ୍ରତିଶତ ମତଦାନ ହୋଇଛି, ଏହାପରେ ରାତି ୧୧.୪୫ ଏକ ନୂଆ ଡାଟା ଜାରି କରି ୬୫.୬୫ ପ୍ରତିଶତ ମତଦାନ ହୋଇଛି ବୋଲି ଉଲ୍ଲେଖ କରାଗଲା । ଆଇନଜୀବୀ ଶ୍ରୀ ମିଶ୍ର କହିଛନ୍ତି ଯେ ଯେଉଁ ୨୦ ବିଧାନସଭା ଆସନରେ ପୁଣି ଥରେ ନିର୍ବାଚନ ପାଇଁ ଦାବି ହେଉଛି, ସେଠାରେ କଂଗ୍ରେସ ପରାସ୍ତ ହୋଇଛି ।

# ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ପୂଜାମଣ୍ଡପରେ ଶୋଭା ପାଉଛନ୍ତି ମା' ଗଜଲକ୍ଷ୍ମୀ



ଲକ୍ଷ୍ମୀ ବଜାର ବ୍ୟବସାୟୀ ସଂଘ, ସହିଦନଗର



ଢେଙ୍କାନାଳ ଛକ, ୟୁନିଟ୍-୯



ପ୍ରୀୟାଗଳି ଖାରବେଳ ନଗର ୟୁନିଟ୍-୩



ଏଟିଏମ୍ ଛକ, ନିଳାଦ୍ରି ବିହାର



ମା' ଗଜଲକ୍ଷ୍ମୀ ପୂଜା ସମିତି, ଲକ୍ଷ୍ମୀବିହାର



ହୋମିଓମାଥି ଗଳି ୟୁନିଟ୍-୩ ଖାରବେଳ ନଗର



ଗଜାନନ ପୂଜା କମିଟି, ସହିଦନଗର



ମା' ଗଜଲକ୍ଷ୍ମୀପୂଜା କମିଟି, ଗାଡକଣ



ଫ୍ରେଣ୍ଡସ କ୍ଲବ୍ ୟୁନିଟ୍-୯



ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ

## ଆଜିଠୁ ୨ଟି ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବେ ଭକ୍ତ

**ପୁରୀ, ୧୭/୧୦ ନ୍ୟୁଜ ବ୍ୟୁରୋ**

କାର୍ତ୍ତିକ ମାସକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥାରେ କରାଯାଇଛି ପରିବର୍ତ୍ତନ । ଶୁକ୍ରବାରଠୁ ୨ଟି ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବେ ଭକ୍ତ। କେବଳ ସିଂହଦ୍ୱାର ଓ ପଶ୍ଚିମଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରିପାରିବେ। ସିଂହଦ୍ୱାର ବ୍ୟତୀତ ଅନ୍ୟ ତିନି ଦ୍ୱାର ଦେଇ ମନ୍ଦିରରୁ ପ୍ରସ୍ଥାନ କରିବେ। ଅର୍ଥାତ୍ ୨ ଦ୍ୱାରରେ ପ୍ରବେଶ ଓ ୩ଟି ଦ୍ୱାରରେ ପ୍ରସ୍ଥାନ।

## ସ୍ମୃତି ହୋଇ ରହିବେ ମନୋଜ : କିମ୍ସ ଜରିଆରେ ହେଲା ଅଙ୍ଗଦାନ

**ଭୁବନେଶ୍ୱର,୧୭।୧୦ ନ୍ୟୁଜ ବ୍ୟୁରୋ**

ଅଙ୍ଗଦାନ କରି ମହାନ କାର୍ଯ୍ୟ କରିଛନ୍ତି ମନୋଜଙ୍କ ପରିବାର ଲୋକେ। ଫଳରେ ୩ଜଣଙ୍କ ଜୀବନ ବଞ୍ଚାଇ ମନୋଜ ସେମାନଙ୍କଠାରେ ସ୍ମୃତି ହୋଇ ରହିବେ। ୪ ଦିନ ତଳେ ପଟିଆ ଅଞ୍ଚଳରେ ମର୍ମନ୍ତୁଦ ବାଇକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ କେନ୍ଦ୍ରାପଡ଼ା ଜିଲ୍ଲା ଅରିପଦା ଅଞ୍ଚଳର ୨୩ ବର୍ଷ ବୟସ୍କ ମନୋଜ ସାହୁ। ସଙ୍କଟାପନ୍ନ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ କିମ୍ସକୁ ନେଇ ଆସିଥିଲେ। ପରେ ମନୋଜଙ୍କ ବାପା କୈଳାସ ଓ ଅନ୍ୟ ପରିବାର ଲୋକେ ମଧ୍ୟ ପହଞ୍ଚିଥିଲେ କିମ୍ସରେ। ଡାକ୍ତରଙ୍କ ବହୁ ଉଦ୍ୟମ ସତ୍ତ୍ୱେ ମନୋଜଙ୍କ ବ୍ରେନ୍‌ଡେଡ୍ ହୋଇଯାଇଥିବା ଜଣାପଡ଼ିଥିଲା। ପୁଅର ବ୍ରେନଡେଡ୍ ହୋଇଯାଇଥିବା ଜାଣି ବାପା କୈଳାସ ଭାଙ୍ଗି ପଡ଼ିଥିଲେ। ସେ ଜାଣିଥିଲେ ତାଙ୍କ ପୁଅ ଆଉ ବଞ୍ଚିବ ନାହିଁ। କିନ୍ତୁ ସେ ଏହି ପରିସ୍ଥିତିରେ ଏକ କଠିନ ନିଷ୍ପତ୍ତି ନେଇଥିଲେ। ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ପୁଅର ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଲେ। କୈଳାସ ଗାଡ଼ି ଚଳାଇ ପ୍ରତିପୋଷଣ କରନ୍ତି। ପୁଅ ମନୋଜ ମଧ୍ୟ ପଟିଆ ଅଞ୍ଚଳରେ ଏକ ରେଷ୍ଟୁରାଣ୍ଟରେ କାମ କରୁଥିଲେ।



ଏ ବିଷୟରେ ସେ କିମ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ କିମ୍ସ ପକ୍ଷରୁ କୈଳାସଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଆବଶ୍ୟକ ପଦକ୍ଷେପ ଓ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। କିମ୍ସର ମେଡ଼ିକାଲ ଅଧୀକ୍ଷକ ଡା. ଆର. ସି ଦାସ କୈଳାସଙ୍କୁ ସାଧୁବାଦ ଜଣାଇଛନ୍ତି। ସରକାରୀ ମାର୍ଗଦର୍ଶିକା ଅନୁସାରେ ସମସ୍ତ ପ୍ରକ୍ରିୟା କରାଯିବ ବୋଲି ଡା. ଦାସ କହିଛନ୍ତି। ଅପରପକ୍ଷରେ କୈଳାସ ନିଜ ପୁଅର ଅଙ୍ଗଦାନ ପାଇଁ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଥିବାରୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ କୈଳାସଙ୍କୁ ଧନ୍ୟବାଦ ଜଣାଇଛନ୍ତି ଓ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। କୈଳାସଙ୍କ ଏହି ନିଷ୍ପତ୍ତି ଅନ୍ୟମାନଙ୍କଠାରେ ତାଙ୍କୁ ମହାନ କରି ତୋଳିଛି।



ଭୁବନେଶ୍ୱର : ରାଜଭବନ ଠାରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଓଡ଼ିଶା ଅଡିଟ୍-୧ର ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ ଶ୍ରୀ ରାଜ କୁମାର ଓ ଆକାଉଣ୍ଟାଣ୍ଟ ଜେନେରାଲ ଅଡିଟ୍-୨ ବିଶ୍ୱନାଥ ସିଂ ଜାଡୋନ୍। (ଫଟୋ : ସମ୍ବାଦ କଳିକା)




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଓଡ଼ିଶାକୁ ଘେରିବ ଗ୍ରାଣ୍ଡ୍ ରିଙ୍ଗରୋଡ୍ : ଖର୍ଚ୍ଚ ହେବ ୧୩,୫୪୪ କୋଟି

**ଭୁବନେଶ୍ୱର,୧୭/୧୦ ନ୍ୟୁଜ ବ୍ୟୁରୋ**

ଓଡ଼ିଶାକୁ ଘେରିବ ଗ୍ରାଣ୍ଡ୍ ରିଙ୍ଗରୋଡ । ୪ ପଟେ ଲମ୍ବିବ ଏକ୍ସପ୍ରେସ୍ ୱେ । ୪ ଥାକିଆ ମୁଖ୍ୟ ରାସ୍ତା ସହ ଦୁଇ ପାର୍ଶ୍ୱରେ ଦୁଇ ଥାକିଆ ଲେଖାଏଁ ସର୍ଭିସ୍ ରାସ୍ତା ନିର୍ମାଣ ହେବ । ଯେଉଁଠି ରାସ୍ତା ଅଛି, ତାହାକୁ ସମ୍ପ୍ରସାରଣ କରାଯିବ, ବାକି ନୂଆ କରି ତିଆରି ହେବ । ଓଡ଼ିଶାର ଚାରିଦିଗକୁ ଲମ୍ବିବ ଏହି ରାସ୍ତା । ରାଜ୍ୟ ପୂର୍ତ୍ତ ବିଭାଗ ପ୍ରସ୍ତାବିତ ଗ୍ରାଣ୍ଡ୍ ରିଙ୍ଗରୋଡ ପ୍ରକଳ୍ପ ନେଇ ପ୍ରାଥମିକ ସର୍ବେକ୍ଷଣ କରିଛି । ଲମ୍ବା ବିଚାର ବିମର୍ଷ ପରେ ରାଜ୍ୟ ସରକାର ଏହି ପ୍ରକଳ୍ପ ଆଗେଇବାକୁ ସବୁଜ ସଙ୍କେତ ଦେଖାଇଛନ୍ତି । ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ଦିଗରେ ସକରାତ୍ମକ ଆଭିମୁଖ୍ୟ ଗ୍ରହଣ କରି କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହ ଆଲୋଚନା ବି କରିଛନ୍ତି । ପ୍ରସ୍ତାବିତ ଯୋଜନା ଅନୁସାରେ ବ୍ରହ୍ମପୁର-ଜୟପୁରକୁ ୨୮୭ କିଲୋମିଟରର ରିଙ୍ଗରୋଡ ୪ ଲେନ୍ ହେବ । ଉଭୟ ପାର୍ଶ୍ୱରେ ୨ ଲେନ୍ ଲେଖାଏଁ ସର୍ଭିସ୍ ରାସ୍ତା ରହିବ । ସମ୍ପୂର୍ଣ୍ଣ ନୂଆ ରାସ୍ତା ନିର୍ମାଣ ହେବ । ଏହି ରାସ୍ତା ବ୍ରହ୍ମପୁରରୁ ଦିଗପହଣ୍ଡି, ମୋହନା, ପଦ୍ମପୁର, ରାୟଗଡ଼ା, କାଶୀପୁର, ଲକ୍ଷ୍ମୀପୁର, ଦଶମନ୍ତପୁର, ଜୟପୁରକୁ ଯିବ । ଏଥିପାଇଁ ପ୍ରାୟ ୮୯୭୯ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି । ପ୍ରସ୍ତାବିତ ଦ୍ୱିତୀୟ ଯୋଜନାଟି ହେଲା, ଜୟପୁର-ରାଉରକେଲା ରିଙ୍ଗରୋଡ୍ ପ୍ରସ୍ତାବ । ଏହି ପ୍ରସ୍ତାବିତ ଯୋଜନାରେ ୬୩୮ କିଲୋମିଟର ରାସ୍ତାକୁ ସମ୍ପ୍ରସାରଣ ଓ ଉନ୍ନତିକରଣ କରାଯିବ । ଏଥିରେ ୧୮୧ କିମି ଜାତୀୟ ରାଜପଥ ଓ ୪୫୭ କିମି ପୂର୍ତ୍ତ ବିଭାଗ ରାସ୍ତା ରହିଛି । ୧୮୧ କିମି ଏନ୍‌ଏଚ୍‌କୁ ପ୍ରଶସ୍ତ କରି ୪ ଲେନ୍ କରାଯିବ । ଏହି ରାସ୍ତା ଜୟପୁର, ବୋରିଗୁମ୍ମା, ନବରଙ୍ଗପୁର, ଆମପାଣି, ବୃନ୍ଦାବାହାଲ, ନୂଆପଡ଼ା, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଦେଇ ରାଉରକେଲା ଛୁଇଁବ । ଏଥିପାଇଁ ୨୫୦୦ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି । ପ୍ରସ୍ତାବିତ ତୃତୀୟ ରିଙ୍ଗରୋଡ୍ ପ୍ରକଳ୍ପ ରାଉରକେଲାରୁ ଜଳେଶ୍ୱରକୁ ଲମ୍ବିବ । ୩୯୧ କିମି ରାସ୍ତାକୁ ପ୍ରଶସ୍ତ କରି ୪ ଲେନ୍ କରାଯିବ । ଏଥିପାଇଁ ପ୍ରାୟ ୨୦୬୫ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି । ଏଥିମଧ୍ୟରେ ୨୧୫ କିମି ଜାତୀୟ ରାଜପଥ, ୧୬୨ କିମି ପୂର୍ତ୍ତ ରାସ୍ତା ଓ ଅନ୍ୟ ବିଭାଗର ୩ କିମି ରାସ୍ତା ରହିଛି । ୧୧ କିଲୋମିଟର ସମ୍ପୂର୍ଣ୍ଣ ନୂଆ ସଡ଼କ ନିର୍ମାଣ ହେବ । ହେଲେ ବର୍ତ୍ତମାନ ଏହାକୁ ଆହୁରି ପ୍ରଶସ୍ତ କରାଯିବ । ୪ରୁ ୬ ଲେନ୍ ଚଉଡ଼ା କରାଯିବା ଯୋଜନା ଅଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଏ ନେଇ ଆଲୋଚନା ବି ହୋଇଛି । ନୂଆ ସରକାର ବର୍ତ୍ତମାନ ଭବିଷ୍ୟତକୁ ଆଖିରେ ରଖି ରାଜ୍ୟରେ ସଡ଼କ ପଥର ବୈପ୍ଳବିକ ପରିବର୍ତ୍ତନ ପାଇଁ ନକ୍ସା ପ୍ରସ୍ତୁତ କରିଛନ୍ତି ।

## ଭିଆଇପିଙ୍କ ସୁରକ୍ଷାରୁ ହଟିବେ କମାଣ୍ଡୋ

**ନୂଆଦିଲ୍ଲୀ,୧୭/୧୦**

ଦେଶର ଭିଆଇପି ବ୍ୟକ୍ତିଙ୍କ ସୁରକ୍ଷା ପାଇଁ ନିୟୋଜିତ ଏନ୍‌ଏସ୍‌ଜି କମାଣ୍ଡୋଙ୍କ ସମ୍ପର୍କରେ କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ଭିଆଇପିଙ୍କ ସୁରକ୍ଷା ଦାୟିତ୍ୱରୁ ଏନ୍‌ଏସ୍‌ଜି କମାଣ୍ଡୋଙ୍କୁ ହଟାଇ ଦିଆଯିବ, ସେମାନଙ୍କ ସ୍ଥାନରେ ସିଆରପିଏଫ୍ କର୍ମଚାରୀମାନେ ସୁରକ୍ଷା ଦାୟିତ୍ୱ ନେବେ । ଏହି ଆଦେଶ ଆସନ୍ତା ମାସରୁ କାର୍ଯ୍ୟକାରୀ ହେବ। କେନ୍ଦ୍ର ସରକାର ତାଙ୍କ ଆଦେଶରେ କହିଛନ୍ତି ଯେ ବର୍ତ୍ତମାନ ଏନ୍‌ଏସ୍‌ଜି କମାଣ୍ଡୋଙ୍କୁ କେବଳ ଆତଙ୍କବାଦ ବିରୋଧୀ କାର୍ଯ୍ୟରେ ବ୍ୟବହାର କରାଯିବ।



ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସମୟରେ ୯ ଜଣ ଭିଆଇପି ଅଛନ୍ତି, ଯେଉଁମାନେ ଜେଡ୍-ପ୍ଲସ ବର୍ଗର ସୁରକ୍ଷା ପାଉଛନ୍ତି ଏବଂ ଏନ୍‌ଏସ୍‌ଜିର ବ୍ଲାକ କ୍ୟାଟ୍ କମାଣ୍ଡୋ ସେମାନଙ୍କ ସୁରକ୍ଷା ଅଧୀନରେ ନିୟୋଜିତ ଅଛନ୍ତି । ବର୍ତ୍ତମାନ ସେମାନଙ୍କ ସ୍ଥାନରେ ସିଆରପିଏଫ୍ ଯବାନ ନିୟୋଜିତ ହେବେ। ସୂଚନା ଅନୁଯାୟୀ, ସଂସଦ ସୁରକ୍ଷାରୁ ଅବସର ନେଇଥିବା ସିଆରପିଏଫ୍ ଯବାନମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇ ଭିଆଇପି ସିକ୍ୟୁରିଟି ୱିଙ୍ଗକୁ ପଠାଯାଇଛି। ଏଥିପାଇଁ ଏକ ନୂତନ ବାଟାଲିୟନ ମଧ୍ୟ ଗଠନ କରାଯାଇଛି । ଏହି ଯବାନମାନଙ୍କୁ ଭିଆଇପିଙ୍କ ସୁରକ୍ଷା ପାଇଁ ନିୟୋଜିତ କରାଯିବ। ଏହି ଭିଆଇପି ମାନେ ଜେଡ୍ ପ୍ଲସ ସୁରକ୍ଷା ପାଉଛନ୍ତି । ସୂଚନାନୁସାରେ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ବିଏସ୍‌ପି ସୁପ୍ରିମୋ ମାୟାବତୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଏଲ.କେ ଆଡଭାନୀ, ସରବାନନ୍ଦ ସୋନୋୱାଲ, ରମଣ ସିଂ, ଗୁଲାବ ନବୀ ଆଜାଦ, ଫାରୁକ ଅବଦୁଲ୍ଲା, ଚନ୍ଦ୍ରବାବୁ ନାଇଡୁଙ୍କୁ ଜେଡ୍ ପ୍ଲସ ସୁରକ୍ଷା ଏବଂ ଏନଏସଜି ମିଳିଛି ସେମାନଙ୍କ ସୁରକ୍ଷା ପାଇଁ ନିୟୋଜିତ । ହେଲେ ବର୍ତ୍ତମାନ ସିଆରପିଏଫ୍ ତାଙ୍କ ସ୍ଥାନରେ ସୁରକ୍ଷା ଦାୟିତ୍ୱ ଗ୍ରହଣ କରିବେ।

## ୨୩ ସୁଦ୍ଧା ଦାବି ପୂରଣ ନହେଲେ ୨୪ରୁ ମହାସଂଗ୍ରାମ : ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପସନ

**ଭୁବନେଶ୍ୱର, ୧୭/୧୦ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସରକାରୀ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ନେଇ ସରକାରଙ୍କୁ ଆଶାୟୀଙ୍କ ପକ୍ଷରୁ ଚେତବାନୀ ଦିଆଯାଇଛି। ଆସନ୍ତା ବୁଧବାର ଭିତରେ ଦାବି ପୂରଣ ନହେଲେ ୨୪ ତାରିଖ (ଗୁରୁବାର)ରେ ହେବ ମହାସଂଗ୍ରାମ । ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ହଜାର ହଜାର ପରୀକ୍ଷାର୍ଥୀ ଏକାଠି ହୋଇ କରିବେ ମହାସଂଗ୍ରାମ। ଏନେଇ ସାମ୍ବିଦିକ ସମ୍ମିଳନୀରେ ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପସନ ତରଫରୁ ଚେତାବନୀ ଦିଆଯାଇଛି । ପରୀକ୍ଷାର୍ଥୀଙ୍କ ଅଭିଯୋଗ ଅନୁସାରେ, ରାଜ୍ୟରେ ବିଭିନ୍ନ ସରକାରୀ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଛି । କେଉଁଠି ସାଇବର କାଫେରେ ପରୀକ୍ଷା ବେଳେ କମ୍ପ୍ୟୁଟର ହ୍ୟାକ୍ ତ ଆଉ କେଉଁଠି ହୋଟେଲରେ ବି ପିଲା ପରୀକ୍ଷା ଦେଇଛନ୍ତି । ମାମଲାରେ ବୌଦ୍ଧରୁ ଜଣେ ନକଲି ସେଣ୍ଟର୍ ମାଲିକ ଗିରଫ ହୋଇଛନ୍ତି । ଏଭଳି ସାଂଘାତିକ ତ୍ରୁଟି ବିରୋଧରେ ଦୀର୍ଘ ଦିନ ଧରି ପ୍ରତିବାଦ କରିଆସୁଛନ୍ତି ଆଶାୟୀ । ପୁନଃ ପରୀକ୍ଷା ପାଇଁ ବାରମ୍ବାର ଦାବି ହେଉଛି । ରାଜଧାନୀରେ ବିକ୍ଷୋଭ ସହ ଆଶାୟୀମାନେ ଆଡମିଟ କାର୍ଡ ପୋଡ଼ି ଓ ନଦୀରେ ଭସାଇ ପ୍ରତିବାଦ କରିଥିଲେ । ତଥାପି ସରକାର କୌଣସି ପଦକ୍ଷେପ ନେଇନାହାନ୍ତି । ବୈଠକ ହେବ ବୋଲି ମୁଖ୍ୟମନ୍ତ୍ରୀ ମିଛ କହୁଥିବା ଅଭିଯୋଗ କରିଛନ୍ତି ଆଶାୟୀ । ୨୩ ତାରିଖ ମଧ୍ୟରେ ଯଦି ସରକାର କୌଣସି ପଦକ୍ଷେପ ନ'ନିଅନ୍ତି ତେବେ ଛାତ୍ରଛାତ୍ରୀମାନେ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଜଣାଇବେ ।

## ମଝି ସମୁଦ୍ରରେ ବୁଡି ଯାଇଥିବା ଡଙ୍ଗା ଉଦ୍ଧାର ହେଲା

**ଭୋଗରାଇ ୧୭।୧୦ ନ୍ୟୁଜ ବ୍ୟୁରୋ**

ତାଳସାରୀ ମଝି ସମୁଦ୍ରରୁ ଉଦ୍ଧାର ହେଲା ବୁଡି ଥିବା ରାଜଲକ୍ଷ୍ମୀ ଡ଼ଙ୍ଗା । ଲକ୍ଷ ଲକ୍ଷ ଟଙ୍କାର ଜିନିଷ ନଷ୍ଟ ହୋଇଛି। ଡ଼ଙ୍ଗାରେ ଥିଲେ ୬ ମତ୍ସ୍ୟଜୀବୀ । ୪ ଜଣ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର ହୋଇଥିବା ବେଳେ ୨ ଜଣ ଗୁରୁତର ଅଛନ୍ତି । ବୁଧବାର ଏହି ଡ଼ଙ୍ଗା ମାଛ ଧରିବା ପାଇଁ ସମୁଦ୍ରକୁ ଯାଇଥିବା ବେଳେ ଗୁରୁବାର ସକାଳେ ତାଳସାରୀ ମତ୍ସ୍ୟ ଅବତରଣ କେନ୍ଦ୍ର ମାତ୍ର ୩ କିଲୋମିଟର ବାକି ରହିଥିବା ବେଳେ ଡଙ୍ଗାକୁ ଡଙ୍ଗା ବାଡ଼େଇ ହୋଇ ରାଜଲକ୍ଷ୍ମୀ ଡ଼ଙ୍ଗା ସମ୍ପୂର୍ଣ୍ଣ ବୁଡି ଯାଇଥିଲା । ସମୁଦ୍ରର ଭଟା ପଡିବା ପରେ ଡ଼ଙ୍ଗାକୁ ମଝି ସମୁଦ୍ରରୁ ଉଦ୍ଧାର କରାଯାଇଛି ।